# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୬/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, March 6/2025 Page 14 | ₹ 7.00

୫୧ଶ ଭାଗ ୧୦୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 102 | ମୂଲ୍ୟ ₹୭/-



DSPL - 408

ସୁଭଦ୍ରା




ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା


# ସୁଭଦ୍ରା

## କଥା ଦେଇ କଥା ରଖିଲେ ଆମ ସରକାର

ଉପ ମୁଖ୍ୟମନ୍ତ୍ରୀ
**ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ**
କରକମଳରେ

ଆଭାସି ମାଧ୍ୟମରେ

## ୨ ଲକ୍ଷ ୩୦ ହଜାରରୁ ଊର୍ଦ୍ଧ୍ୱ ନୂତନ ହିତାଧିକାରୀଙ୍କୁ

ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟରେ

## ୧୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ

୬ ମାର୍ଚ୍ଚ ୨୦୨୫ | ଅପରାହ୍ନ ୧୨.୩୦ | ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷ





ଆଜି ସୁଦ୍ଧା

## ୧ କୋଟିରୁ

ଊର୍ଦ୍ଧ୍ୱ ସୁଭଦ୍ରା ହିତାଧିକାରୀଙ୍କୁ

**୫,୦୦୦**

କୋଟି ଟଙ୍କାରୁ ଊର୍ଦ୍ଧ୍ୱ
ସହାୟତା ରାଶି ପ୍ରଦାନ

OIPR-33001/13/0076/2425

www.subhadra.odisha.gov.in | ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର | ଦେୟମୁକ୍ତ ସହାୟତା ନମ୍ବର ୧୪୬୭୮

## ସଂକ୍ଷେପରେ

### ଏଲ୍‌ଏଚ୍‌ଡିସି କାର୍ଯ୍ୟକ୍ରମରେ ଜେନେରିକ୍ ପ୍ରାଣୀ ଔଷଧ ମିଳିବ

**କ୍ୟାବିନେଟ୍ ମଞ୍ଜୁରୀ**

ନୂଆଦିଲ୍ଲୀ,୫।୩

ପ୍ରାଣୀଧନ ସ୍ୱାସ୍ଥ୍ୟ ଓ ରୋଗ ନିୟନ୍ତ୍ରଣ(ଏଲ୍‌ଏଚ୍‌ଡିସି) କାର୍ଯ୍ୟକ୍ରମ କାର୍ଯ୍ୟକ୍ରମ ଜରିଆରେ କୃଷକମାନଙ୍କୁ ଉଚ୍ଚମାନର ତଥା ଶସ୍ତା ଜେନେରିକ୍ ପ୍ରାଣୀ ଔଷଧ ଯୋଗାଇ ଦିଆଯିବ। ୨୦୨୪-୨୫ ଏବଂ ୨୦୨୫-୨୬ ବର୍ଷ ପାଇଁ ଏହି କାର୍ଯ୍ୟକ୍ରମ ବାବଦରେ ୩,୮୮୦ କୋଟି ଟଙ୍କା କେନ୍ଦ୍ର କ୍ୟାବିନେଟ ବୁଧବାର ମଞ୍ଜୁର କରିଛନ୍ତି। ଯୋଜନାର ପଶୁ ଔଷଧୀ ବିଭାଗରେ ଉଚ୍ଚ ମାନର ଔଷଧ ଯୋଗାଇ ଦିଆଯିବ ବୋଲି କ୍ୟାବିନେଟ ବୈଠକ ଶେଷରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଏହା ଜନଔଷଧୀ ଯୋଜନା ଭଳି। ପିଏମ୍ କିଷାନ ସମୃଦ୍ଧି କେନ୍ଦ୍ର ଏବଂ ସମବାୟ ସଂସ୍ଥାଗୁଡ଼ିକରେ ଏହି ଔଷଧ ମିଳିବ।

### ମଣିପୁରରେ ୫.୭ ତୀବ୍ରତାର ଭୂକମ୍ପ

ଇମ୍ଫାଲ,୫।୩

ମଣିପୁରରେ ବୁଧବାର ପୂର୍ବାହ୍ନ ୧୧ଟା ୬ ମିନିଟ୍ ସିମୟରେ ଲଗାତାର ୨ଟି ଭୂକମ୍ପ ଅନୁଭୂତ ହୋଇଛି। ଗୋଟିଏର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୫.୭ ରହିଥିଲା। ଏହାର ପ୍ରଭାବରେ ସମଗ୍ର ଉତ୍ତରପୂର୍ବାଞ୍ଚଳରେ କମ୍ପନ ଅନୁଭୂତ ହୋଇଥିଲା। ଭୂକମ୍ପର କେନ୍ଦ୍ରସ୍ଥଳ ଇମ୍ଫାଲ ଇଷ୍ଟ ଜିଲାର ୟାଇରିପୋକ୍‌ଠାରୁ ୪୪ କିଲୋମିଟର ପୂର୍ବରେ ଓ ୧୧୦ କିଲୋମିଟର ଗଭୀରରେ ବୋଲି ଶିଲଂର ଆଞ୍ଚଳିକ ଭୂକମ୍ପ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଦ୍ୱିତୀୟ ଭୂକମ୍ପ ମଧ୍ୟାହ୍ନ ୧୨ଟା ୨୦ ମିନିଟ୍‌ରେ କାମଜୋଙ୍ଗ ଜିଲାରେ ହୋଇଥିଲା ଓ ଏହାର ତୀବ୍ରତା ୪.୧ ଥିଲା। ଭୂକମ୍ପ ଫଳରେ ମଣିପୁରର ଅନେକ ବିଲ୍ଡିଂରେ ଫାଟ ସୃଷ୍ଟି ହୋଇଛି।

### ଦିଲ୍ଲୀ ରେଳଷ୍ଟେଶନ ଦଳାଚକଟା: ୫ ବରିଷ୍ଠ ଅଧିକାରୀଙ୍କୁ ବଦଳି

ନୂଆଦିଲ୍ଲୀ,୫।୩

ପ୍ରୟାଗରାଜ କୁମ୍ଭମେଳାକୁ ଯିବା ଲାଗି ଗତ ମାସ ୧୭ରେ ନୂଆଦିଲ୍ଲୀ ରେଳଷ୍ଟେଶନରେ ପ୍ରବଳ ଭିଡ଼ ଯୋଗୁ ଦଳାଚକଟା ଘଟି ୧୮ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଦିଲ୍ଲୀ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଡିଆର୍‌ଏମ୍), ଅତିରିକ୍ତ ଡିଆର୍‌ଏମ୍, ରେଲ୍‌ୱେ ସୁରକ୍ଷା ବଳର ଆସିଷ୍ଟାଣ୍ଟ ସିକ୍ୟୁରିଟି କମିଶନରଙ୍କ ସମେତ ୫ ବରିଷ୍ଠ ଅଧିକାରୀଙ୍କୁ ମଙ୍ଗଳବାର ବଦଳି କରାଯାଇଛି। ସେମାନେ କର୍ତ୍ତବ୍ୟରେ ଅବହେଳା କରିଥିବା ମନ୍ତ୍ରଣାଳୟ ଜାଣିବାକୁ ପାଇଥିଲା। ଡିଆର୍‌ଏମ୍ ସୁଖୱିନ୍ଦର ସିଂ, ଏଡିଆର୍‌ଏମ୍ ବିକ୍ରମ ସିଂ ରାଣା, ଷ୍ଟେଶନ ନିର୍ଦ୍ଦେଶକ ମହେଶ ଯାଦବ, ବରିଷ୍ଠ ଡିଭିଜନାଲ କମର୍ସିଆଲ ମ୍ୟାନେଜର (ଯାତ୍ରୀ ସେବା) ଆନନ୍ଦ ମୋହନ ଏବଂ ନୂଆଦିଲ୍ଲୀ ରେଳଷ୍ଟେଶନର ଆର୍‌ପିଏଫ୍ ଏସିଏସ୍ ମହେଶଚାନ୍ଦ ସାଇନିଙ୍କୁ ବଦଳି କରାଯାଇଛି।

# ୧୯୭୧ ଜନଗଣନା ଆଧାରରେ ଡିଲିମିଟେଶନ ହେଉ

## ସର୍ବଦଳୀୟ ବୈଠକରେ ସଂକଳ୍ପନାମା



ଚେନ୍ନାଇସ୍ଥିତ ସଚିବାଳୟରେ ବୁଧବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଅଧକ୍ଷତା କରୁଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ (ମଝି)। ନିକଟରେ ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍ ଓ ଅନ୍ୟ ନେତାମାନେ।

ଚେନ୍ନାଇ(ପି.ଟି.)/ ନୂଆଦିଲ୍ଲୀ(ରଏଟର୍ସ),୫।୩

୨୦୧୧ ପରଠୁ ଦେଶରେ ଜନଗଣନା ହୋଇନାହିଁ। କେନ୍ଦ୍ର ସରକାର ସେହି ଜନଗଣନା ଆଧାରରେ ସଂସଦୀୟ କ୍ଷେତ୍ର ସୀମା ପୁନଃ ନିର୍ଦ୍ଧାରଣ ଯୋଜନା କରିଥିବାବେଳେ ଦକ୍ଷିଣ ଭାରତର ରାଜନୈତିକ ଦଳଗୁଡ଼ିକ ଏହା ପରିବର୍ତ୍ତେ ୧୯୭୧ ଜନସଂଖ୍ୟା ଭିତ୍ତିରେ ଡିଲିମିଟେଶନ୍ କରାଇବା ପାଇଁ ବୁଧବାର ପ୍ରସ୍ତାବ ଦେଇଛନ୍ତି। ଦକ୍ଷିଣ ଭାରତର ସବୁଠୁ ଧନୀ ଅଥଚ କମ୍ ଜନସଂଖ୍ୟା ବିଶିଷ୍ଟ ରାଜ୍ୟ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ କେନ୍ଦ୍ରର ହିନ୍ଦୀ ଲଦାଯିବା ଅଭିଯାନକୁ ମଧ ଦୃଢ଼ ବିରୋଧ କରାଯାଇଛି।

ଡିଏମ୍‌କେ ସୁପ୍ରିମୋ ଷ୍ଟାଲିନ୍‌ଙ୍କ ଦ୍ୱାରା ଆହୁତ ସର୍ବଦଳୀୟ ବୈଠକରେ ଉପସ୍ଥାପିତ ପ୍ରସ୍ତାବକୁ କଂଗ୍ରେସ ସମେତ ୫ ଦକ୍ଷିଣ ଭାରତୀୟ ରାଜ୍ୟର ୧ ଡଜନରୁ ଊର୍ଦ୍ଧ୍ୱ ଦଳ ସମର୍ଥନ କରିଛନ୍ତି। ଏହି ରାଜ୍ୟଗୁଡ଼ିକ ଜନସଂଖ୍ୟାକୁ ନିୟନ୍ତ୍ରଣରେ ରଖି ଆର୍ଥିକ କ୍ଷେତ୍ରରେ ଉତ୍ତର ଭାରତୀୟ ରାଜ୍ୟ ତୁଳନାରେ ଅଧିକ ବିକଶିତ ହୋଇପାରିଛନ୍ତି। ବୈଠକରେ ସଂକଳ୍ପନାମା ଉପସ୍ଥାପନ କରି ଷ୍ଟାଲିନ୍ କହିଛନ୍ତି, ତଥାକଥିତ ସୀମା ପୁନଃ ନିର୍ଦ୍ଧାରଣ ପ୍ରକ୍ରିୟା ୧୯୭୧ ଜନସଂଖ୍ୟା ଆଧାରରେ କରାଯାଉ। ଏହାକୁ ପରବର୍ତ୍ତୀ ୩୦ ବର୍ଷ ଅର୍ଥାତ୍ ୨୦୫୬ ପର୍ଯ୍ୟନ୍ତ ବଳବତ୍ତର ରଖାଯାଉ। ୧୯୭୧ ସେନ୍‌ସସ୍ ଅନୁଯାୟୀ ଶେଷଥର ସୀମା ପୁନଃ ନିର୍ଦ୍ଧାରଣ କରାଯାଇଥିଲା, ଯାହା ବଳରେ ଲୋକ ସଭାରେ ୫୪୩ ଆସନ ସୃଷ୍ଟି ପାଇଁ ବ୍ୟବସ୍ଥା ହୋଇଥିଲା। ବର୍ତ୍ତମାନ ସମାନୁପାତିକ ପ୍ରତିନିଧିତ୍ୱର ବ୍ୟବସ୍ଥା ଲାଗି ଏକ ସୂତ୍ର ନ ବାହାରିବା ଯାଏ ସ୍ଥିତାବସ୍ଥା ବଜାୟ ରଖିବାକୁ ଦକ୍ଷିଣର ନେତାମାନେ ଚାହୁଁଛନ୍ତି।

ଡିଏମ୍‌କେ ମୁଖପାତ୍ର ସର୍ବାନନ ଆନ୍ନାଦୁରାଇ କହିଛନ୍ତି, ଆମେ ଡିଲିମିଟେଶନ୍‌କୁ ବିରୋଧ କରୁନାହୁଁ। କିନ୍ତୁ ଜନସଂଖ୍ୟା ନିୟନ୍ତ୍ରଣରେ ସଫଳ ହୋଇଥିବା ରାଜ୍ୟଗୁଡ଼ିକୁ ଏହାଦ୍ୱାରା ଦଣ୍ଡିତ କରା ନ ଯାଉ। ଯଦି ଏମ୍‌ପିଙ୍କ ସଂଖ୍ୟା ବୃଦ୍ଧିପାଇବ ତେବେ ଆନୁପାତିକ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରିବା ପାଇଁ ସମ୍ବିଧାନ ସଂଶୋଧନ କରାଯାଉ ବୋଲି ସଂକଳ୍ପନାମାରେ ଦାବି କରାଯାଇଛି। ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ସ୍ୱରକୁ ମୋଦି ସରକାର ଚପାଇଦିଅନ୍ତୁ ନାହିଁ। ଏହି ସଂକଳ୍ପନାମାକୁ ୧୫ରୁ ଊର୍ଦ୍ଧ୍ୱ ଦଳ ସମର୍ଥନ କରିଥିବା ଆନ୍ନାଦୁରାଇ ସୂଚନା ଦେଇଛନ୍ତି। ସେହିପରି ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଉପରେ ହିନ୍ଦୀ ଲଦିଦିଆଯିବା ଭଳି ଯୋଜନାକୁ ମଧ ନେତାମାନେ ବିରୋଧ କରିଛନ୍ତି। ପ୍ରସ୍ତାବକୁ କଂଗ୍ରେସ ଏବଂ ଏଆଇଏଡିଏମ୍‌କେ ସମର୍ଥନ କରିଥିବାବେଳେ ଭାଜପା ଏବଂ ତାମିଲ ମାନିଲା କଂଗ୍ରେସ (ଏମ୍) ବର୍ଜନ କରିଥିଲେ। ତାମିଲନାଡୁରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଏହି ସର୍ବଦଳୀୟ ବୈଠକ ଡକାଯାଇଥିବା ଦୁଇଦଳ ଅଭିଯୋଗ ଆଣିଛନ୍ତି।

➩କେନ୍ଦ୍ର ଉତ୍ତର-ଦକ୍ଷିଣକୁ ନେଇ ବିଭାଜନବାଦୀ ନୀତି ଆପଣାଇଥିବା ନେଇ ଗତ ସପ୍ତାହରେ ଷ୍ଟାଲିନ୍ ଅଭିଯୋଗ ଆଣିଥିବାବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏହାକୁ ଖଣ୍ଡନ କରି କହିଥିଲେ, ତାମିଲନାଡୁ ସମେତ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକୁ ଗୋଟିଏ ବି ଆସନ ହରାଇବାକୁ ପଡ଼ିବନାହିଁ।

➩ଦେଶର ସର୍ବାଧିକ ଜନସଂଖ୍ୟା ବହୁଳ ରାଜ୍ୟ ଉତ୍ତର ପ୍ରଦେଶରେ ଭାଜପା କ୍ଷମତାସୀନ ଥିବାବେଳେ ପଡ଼ୋଶୀ ବିହାରରେ ଏନ୍‌ଡିଏ ସରକାର ଚାଲିଛି। ଏହି ୨ ରାଜ୍ୟରେ ଦେଶର ୨୬% ଲୋକ ବସବାସ କରୁଥିବାବେଳେ ଉଭୟ ରାଜ୍ୟ ଅନ୍ୟତମ ଗରିବ ପ୍ରଦେଶ ଭାବେ ପରିଚିତ।

### ଇଣ୍ଡିଆକୁ 'ହିଣ୍ଡିଆ' କରିବାକୁ ଉଦ୍ୟମ ହେଉଛି: କମଲ ହାସନ

ଦେଶର ଅଣହିନ୍ଦୀ ରାଜ୍ୟଗୁଡ଼ିକରେ ହିନ୍ଦୀ ଭାଷାକୁ ଜୋର୍ ଜବରଦସ୍ତ ଲଦି ଦିଆଯାଇ ଇଣ୍ଡିଆକୁ 'ହିଣ୍ଡିଆ'ରେ ପରିଣତ କରିବାକୁ ଉଦ୍ୟମ ହେଉଛି। କେନ୍ଦ୍ର ସରକାର ସବୁ ରାଜ୍ୟକୁ ହିନ୍ଦୀ କହିବାକୁ ବାଧ କରାଇ ନିର୍ବାଚନରେ ସଂଖ୍ୟାଗରିଷ୍ଠତା ସହ ଜିତିବାକୁ ଚାହୁଁଛନ୍ତି। ଆମ ସ୍ୱପ୍ନ ଇଣ୍ଡିଆ ହୋଇଥିବାବେଳେ ସେମାନଙ୍କ ସ୍ୱପ୍ନ ହିଣ୍ଡିଆ ବୋଲି ମକ୍କଲ ନିଧି ମିଆମ୍ ନେତା କମଲ ହାସନ ସମାଲୋଚନା କରିଛନ୍ତି।



### ଦକ୍ଷିଣ ଭାରତର ଅଭିଯୋଗ

ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଅଭିଯୋଗ ଆଣିଛନ୍ତି, କେନ୍ଦ୍ରର ମୋଦି ସରକାର ଅତୀତରେ ସଂଘୀୟ ପାଣ୍ଠି ବଣ୍ଟନ, ଅନୁଦାନ ଆବଣ୍ଟନ ଆଦିରେ ଭେଦଭାବପୂର୍ଣ୍ଣ ଆଚରଣ କରିଛନ୍ତି। ସେହିପରି ଜଳସେଚନ ପ୍ରକଳ୍ପ ଏବଂ ମରୁଡ଼ି ପାଇଁ ସ୍ୱତନ୍ତ୍ର ପାଣ୍ଠି ଯୋଗାଣକୁ ମଧ ଅନୁମତି ଦେଇନାହାନ୍ତି। ସମ୍ବିଧାନ ଅନୁସାରେ ଭାରତରେ ପ୍ରତି ୧୦ ବର୍ଷରେ ଜାତୀୟ ଜନଗଣନା ପରେ ଥରେ ସୀମା ପୁନଃ ନିର୍ଦ୍ଧାରଣ କରାଯିବା ଉଚିତ। କିନ୍ତୁ କୋଭିଡ୍ ମହାମାରୀ ଯୋଗୁ ଦେଶରେ ୨୦୨୧ ଜନଗଣନା କରାଯାଇପାରିନାହିଁ। ବାରମ୍ବାର ଦାବି ସତ୍ତ୍ୱେ ମୋଦି ସରକାର ୧୪୦ କୋଟି ଜନସଂଖ୍ୟାର ଗଣନା ଆରମ୍ଭ କରିନାହାନ୍ତି। ୨୦୧୧ ଜନଗଣନା ଅନୁଯାୟୀ ଦେଶରେ ୧୨୧ କୋଟି ଲୋକ ଥିଲେ। କିନ୍ତୁ ୧୯୭୦ ଦଶକରୁ ଲୋକ ସଭା ଆସନ ସଂଖ୍ୟା ୫୪୩ରେ ଅପରିବର୍ତ୍ତିତ ରହିଛି। ଗତବର୍ଷ ଉଦ୍‌ଘାଟିତ ନୂଆ ପାର୍ଲାମେଣ୍ଟ ବିଲ୍ଡିଂରେ ୮୮୮ ସଦସ୍ୟଙ୍କ ପାଇଁ ବସିବା ବ୍ୟବସ୍ଥା ରହିଛି।

## ଚାଇନା ପ୍ରତିରକ୍ଷା ବଜେଟ ୨୪୯ ବିଲିୟନ ଡଲାର

**ଭାରତର ୩ ଗୁଣ**

ବେଜିଂ,୫।୩(ପି.ଟି.)

ଚାଇନା ଚଳିତ ବର୍ଷ ପାଇଁ ତା'ର ଜାତୀୟ ପ୍ରତିରକ୍ଷା ବଜେଟକୁ ୭.୨ ପ୍ରତିଶତ ବଢ଼ାଇଛି। ଚାଇନା ପ୍ରଧାନମନ୍ତ୍ରୀ ଲି କିଆଙ୍ଗ୍ ବୁଧବାର ପାର୍ଲାମେଣ୍ଟ (ନ୍ୟାଶନାଲ ପିପିଲ୍ସ କଂଗ୍ରେସ)ରେ ଉପସ୍ଥାପନ କରିଥିବା ବଜେଟରେ ପ୍ରତିରକ୍ଷା ବାବଦରେ ମୋଟ ୨୪୯ ବିଲିୟନ ଡଲାର (୨୧,୬୭,୩୯୦.୬୨ କୋଟି ଟଙ୍କା) ବ୍ୟୟବରାଦ କରାଯାଇଛି। ଏହା ଭାରତର ପ୍ରତିରକ୍ଷା ବଜେଟ ତୁଳନାରେ ୩ ଗୁଣ ଅଧିକ। ଭାରତ ଚଳିତ ବର୍ଷ ପାଇଁ ୬,୮୧,୨୧୦ କୋଟି ଟଙ୍କା ବ୍ୟୟ ବରାଦ କରିଛି। ଚାଇନା ସଶସ୍ତ୍ର ବଳର ଆଧୁନିକୀକରଣ, ଯୁଦ୍ଧଜାହାଜଗୁଡ଼ିକର ବିକାଶ ଏବଂ ନୂଆ ପିଢ଼ିର ଲଢ଼ୁଆ ବିମାନ ବିକଶିତ ଲକ୍ଷ୍ୟରେ ବଜେଟ ବଢ଼ାଇଛି। ଗତବର୍ଷ ମଧ ଚାଇନା ପ୍ରତିରକ୍ଷା ବଜେଟ ୭.୨ ପ୍ରତିଶତ ବଢ଼ାଇ ୨୩୨ ବିଲିୟନ ଡଲାର କରିଥିଲା। ପ୍ରତିରକ୍ଷା କ୍ଷେତ୍ରରେ ଆମେରିକା ପରେ ଚାଇନା ଦ୍ୱିତୀୟ ସର୍ବାଧିକ ବ୍ୟୟ କରିଥାଏ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରସ୍ତାବିତ ପ୍ରତିରକ୍ଷା ବଜେଟ ପରିମାଣ ୮୯୦ ବିଲିୟନ ଡଲାରରୁ ଅଧିକ ବୋଲି ଜଣାପଡ଼ିଛି। ଆମେରିକା ସହ ବାଣିଜ୍ୟ ଯୁଦ୍ଧ ଏବଂ ସ୍ଥିର ଘରୋଇ ଉପଯୋଗ ଯୋଗୁ ମାନ୍ଦାବସ୍ଥା ସହ ସଂଘର୍ଷ କରୁଥିବା ଚାଇନା ଚଳିତ ବର୍ଷ ୫ ପ୍ରତିଶତ ଆର୍ଥିକ ଅଭିବୃଦ୍ଧି ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଛି।

## ୟୁପିଆଇ ଜରିଆରେ ଇପିଏଫ୍ ଉଠାଣ ଖୁବ୍‌ଶୀଘ୍ର

**ଏନ୍‌ପିସିଆଇ ସହ ଆଲୋଚନା ଚାଲିଛି**

ନୂଆଦିଲ୍ଲୀ,୫।୩

ୟୁନିଫାଏଡ୍ ପେମେଣ୍ଟ୍ସ ଇଣ୍ଟରଫେସ୍ (ୟୁପିଆଇ) ଜରିଆରେ କର୍ମଚାରୀ ଭବିଷ୍ୟ ନିଧି (ପିପିଏଫ୍) ଟଙ୍କା ଉଠାଇବା ଲାଗି ସରକାର ଯୋଜନା କରୁଛନ୍ତି। ଏହାଦ୍ୱାର ଇପିଏଫ୍ ସଦସ୍ୟମାନେ ତୁରନ୍ତ ସେମାନଙ୍କ ପାଣ୍ଠି ପରିମାଣ ଜାଣିବା ସହ ଏହାକୁ ଉଠାଇପାରିବେ। ୟୁପିଆଇ ଏବଂ ଏଟିଏମ୍ ଜରିଆରେ ଇପିଏଫ୍ ଟଙ୍କା ଉଠାଣ ପାଇଁ ଇପିଏଫ୍‌ଓ କର୍ତ୍ତୃପକ୍ଷ ଏନ୍‌ପିସିଆଇ (ନ୍ୟାଶନାଲ ପେମେଣ୍ଟସ୍ କର୍ପୋରେଶନ ଅଫ୍ ଇଣ୍ଡିଆ) ସହ ଆଲୋଚନା ଚଳାଇଛନ୍ତି। ଆଗାମୀ ମେ' କିମ୍ବା ଜୁନ୍‌ରେ ଏହା କାର୍ଯ୍ୟକାରୀ ହେବା ଆଶା କରାଯାଉଛି। ଅନେକ ସମୟରେ କ୍ଲେମ୍ ଖାରଜ ହେଉଥିବାରୁ କର୍ମଚାରୀମାନେ ଇପିଏଫ୍ ଜମା ଉଠାଇବାରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ୨୦୨୪ରେ ପ୍ରକାଶିତ ଇପିଏଫ୍ ବାର୍ଷିକ ରିପୋର୍ଟ ଅନୁଯାୟୀ, ୨୦୨୩ରେ ପ୍ରତି ୩ଟି ଇପଏଫ୍ ଚୂଡ଼ାନ୍ତ ସେଟେଲ୍‌ମେଣ୍ଟ କ୍ଲେମ୍‌ରୁ ଗୋଟିଏ ଖାରଜ ହେଉଥିଲା। ଜମା ଉଠାଣକୁ ସହଜ ଓ ତ୍ୱରିତ୍ କରିବା ଲାଗି ସରକାର ୟୁପିଆଇ ଜରିଆରେ ଉଠାଣ କରିବାକୁ ଯୋଜନା କରିଛନ୍ତି। ନୂଆ ବ୍ୟବସ୍ଥାରେ ଇପିଏଫ୍ ସଦସ୍ୟମାନେ ଗୁଗଲ୍ ପେ, ଫୋନ୍‌ପେ ଏବଂ ପେଟିଏମ୍ ଭଳି ୟୁପିଆଇ ପ୍ଲାଟ୍‌ଫର୍ମ ବ୍ୟବହାର କରି ଇପିଏଫ୍ ଟଙ୍କା ଉଠାଇପାରିବେ।

## ଏପ୍ରିଲ ୨ରୁ ଭାରତୀୟ ସାମଗ୍ରୀ ଉପରେ ପାରସ୍ପରିକ ଶୁଳ୍କ ଲଗାଇବ ଆମେରିକା

ନ୍ୟୁୟର୍କ/ୱାଶିଂଟନ,୫।୩(ପି.ଟି.)

ଭାରତ, ଚାଇନା ସମେତ ଅନ୍ୟ ଦେଶଗୁଡ଼ିକ ଲଗାଉଥିବା ଅତ୍ୟଧିକ ଶୁଳ୍କକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅତ୍ୟନ୍ତ ଅନ୍ୟାୟପୂର୍ଣ୍ଣ ବୋଲି କହିବା ସହ ସମାଲୋଚନା କରିଛନ୍ତି। ଏପ୍ରିଲ ୨ରୁ ଭାରତ ଓ ଚାଇନାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ପାରସ୍ପରିକ ଶୁଳ୍କ (ରେସିପ୍ରୋକାଲ୍ ଟାରିଫ୍) ଲାଗୁ କରାଯିବ ବୋଲି ସେ ଘୋଷଣା କରିଛନ୍ତି।

ଆମେରିକା କଂଗ୍ରେସର ମିଳିତ ଅଧିବେଶନକୁ ସମ୍ବୋଧିତ କରି ଟ୍ରମ୍ପ୍ ଭାରତ, ଚାଇନା ଏବଂ ଅନ୍ୟ କେତେକ ଦେଶର ସାମଗ୍ରୀ ଉପରେ ରେସିପ୍ରୋକାଲ୍ ଟାରିଫ୍ ଆସନ୍ତା ମାସରୁ ଲାଗୁ କରିବାକୁ ଯାଉଥିବା କହିଛନ୍ତି। ଅନ୍ୟ ଦେଶଗୁଡ଼ିକ ଆମଠାରୁ



ଡୋନାଲ୍ଡ ଟ୍ରମ୍ପ୍

ଆମଦାନୀ କରୁଥିବା ସାମଗ୍ରୀ ଉପରେ ବହୁ ଦଶନ୍ଧି ଧରି ଟାରିଫ୍ ଲଗାଇଆସୁଥିଲେ। ଅନ୍ୟ ଦେଶର ସାମଗ୍ରୀ ଉପରେ ଟାରିଫ ଲଗାଇବା ଲାଗି ଏବେ ଆମ ପାଳି ଆସିଛି। ୟୁରୋପୀୟ ସଂଘ, ଚାଇନା, ବ୍ରାଜିଲ, ଭାରତ, ମେକ୍ସିକୋ, କାନାଡା ଏବଂ ଆହୁରି ଅନେକ ଦେଶ ଆମ ତୁଳନାରେ ଯଥେଷ୍ଟ ଅଧିକ ଶୁଳ୍କ ଲଗାଉଥିଲେ। ଏହା ଅତ୍ୟନ୍ତ ଅନୁଚିତ କାର୍ଯ୍ୟ ବୋଲି ଟ୍ରମ୍ପ୍ କହିଛନ୍ତି। ଦ୍ୱିତୀୟ ଥର ପାଇଁ କ୍ଷମତାକୁ ଆସିବା ପରେ ଏହା ଥିଲା ଆମେରିକା କଂଗ୍ରେସକୁ ଟ୍ରମ୍ପଙ୍କ ପ୍ରଥମ ଉଦ୍‌ବୋଧନ। ଗତ ମାସରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତରେ ଯାଇଥିବାବେଳେ ଟ୍ରମ୍ପ୍ ଖୁବ୍‌ଶୀଘ୍ର ପାରସ୍ପରିକ ଶୁଳ୍କ ଲଗାଇବା କଥା କହିଥିଲେ। ଭାରତ ଏହି ଟାରିଫ୍‌ରୁ ବାଦ୍ ପଡ଼ିବ ନାହିଁ ବୋଲି ସେ ସ୍ପଷ୍ଟ କରିଦେଇଥିଲେ। ଆମ ସାମଗ୍ରୀ ଉପରେ ଚାଇନାର ହାରାହାରି ଟାରିଫ୍ ଆମେ ଲଗାଉଥିବା ଶୁଳ୍କ ତୁଳନାରେ ଦୁଇଗୁଣ। ଦକ୍ଷିଣ କୋରିଆର ଟାରିଫ୍ ୪ ଗୁଣ ଅଧିକ। ପ୍ରାୟ ପ୍ରତ୍ୟେକ ଦେଶ ଆମଠାରୁ ବହୁ ଦଶନ୍ଧି ହେଲା ଟାରିଫ୍ ସଂଗ୍ରହ କରିଆସୁଛନ୍ତି। ଏଭଳି କାର୍ଯ୍ୟ ଆଉ ହେବାକୁ ଦିଆଯିବ ନାହିଁ ବୋଲି ଟ୍ରମ୍ପ୍ କହିଛନ୍ତି।

## ଆମେରିକା ଯୁଦ୍ଧ ଚାହୁଁଥିଲେ ଆମେ ଲଢ଼ିବାକୁ ପ୍ରସ୍ତୁତ

**ଟାରିଫ୍‌କୁ ନେଇ ଟ୍ରମ୍ପ୍‌ଙ୍କୁ ଚାଇନାର ବାର୍ତ୍ତା**

ବେଜିଂ,୫।୩

ଚାଇନାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଆମେରିକା ଏପ୍ରିଲ ୨ରୁ ପାରସ୍ପରିକ ଶୁଳ୍କ ଲଗାଇବ ବୋଲି ଏହାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଘୋଷଣା କରିବା ପରେ ବେଜିଂ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆମେରିକାରେ ଥିବା ଚାଇନା ଦୂତାବାସ କହିଛି, ଆମେରିକା ଚାହୁଁଥିବା ଯେକୌଣସି ପ୍ରକାର ଯୁଦ୍ଧ ଶେଷ ପର୍ଯ୍ୟନ୍ତ ଲଢ଼ିବାକୁ ଆମେ ପ୍ରସ୍ତୁତ ଅଛୁ। ଆମେରିକା ଯଦି ଯୁଦ୍ଧ ଚାହେଁ, ତାହା ଟାରିଫ୍ ଯୁଦ୍ଧ ହେଉ କି ବାଣିଜ୍ୟ ଯୁଦ୍ଧ କିମ୍ବା ଅନ୍ୟ ଯେକୌଣସି ପ୍ରକାର ଯୁଦ୍ଧ ଆମେ ଲଢ଼ିବାକୁ ପ୍ରସ୍ତୁତ ବୋଲି ଚାଇନା ଦୂତାବାସର ସରକାରୀ ହ୍ୟାଣ୍ଡଲ୍ ଏକ୍ସ'ରେ ପୋଷ୍ଟ କରିଛି। ଆମେରିକା ଯଦି ବାସ୍ତବରେ ଫେଣ୍ଟାନିଲ୍ ପ୍ରସଙ୍ଗର ସମାଧାନ ଚାହୁଁଥାଏ, ତେବେ ଚାଇନା ସହ ପରାମର୍ଶ କରିବା ସହିପରସ୍ପରକୁ ସମାନ ଭାବେ ଦେଖିବା ଠିକ୍ ହେବ। ଯୁଦ୍ଧ ଚାହିଁଲେ ଆମେ ଶେଷ ପର୍ଯ୍ୟନ୍ତ ଲଢ଼ିବାକୁ ପ୍ରସ୍ତୁତ। ଚାଇନା ଆମଦାନୀ ଉପରେ ଆମେରିକା ଟାରିଫ୍ ବଢ଼ାଇବା ପାଇଁ ଫେଣ୍ଟାନିଲ୍ ଇସ୍ୟୁ ଏକ ଦୁର୍ବଳ ବାହାନା ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଦେଶର ଅଧିକାର ଓ ସ୍ୱାର୍ଥର ସୁରକ୍ଷା ପାଇଁ ଚାଇନାର ପ୍ରତିକାର ବ୍ୟବସ୍ଥା ସମ୍ପୂର୍ଣ୍ଣ ବୈଧ ଏବଂ ଜରୁରୀ ବୋଲି ମନ୍ତ୍ରଣାଳୟର ମୁଖପାତ୍ର କହିଛନ୍ତି।

## ଅବୁ ଆଜ୍‌ମୀ ବିଧାନସଭାରୁ ନିଲମ୍ବିତ

**ଔରଙ୍ଗଜେବ୍‌ଙ୍କୁ ପ୍ରଶଂସା ମହଙ୍ଗା ପଡ଼ିଲା**

ମୁମ୍ବାଇ,୫।୩(ପି.ଟି.)

ମୋଗଲ ସମ୍ରାଟ ଔରଙ୍ଗଜେବ୍‌ଙ୍କୁ ପ୍ରଶଂସା କରିବା ମହାରାଷ୍ଟ୍ରର ସମାଜବାଦୀ ପାର୍ଟି ବିଧାୟକ ଅବୁ ଆସିମ୍ ଆଜ୍‌ମୀଙ୍କ ପାଇଁ ମହଙ୍ଗା ପଡ଼ିଛି। ତାଙ୍କୁ ମାର୍ଚ୍ଚ ୨୬ ଚଳିତ ବଜେଟ ଅଧିବେଶନ ଶେଷ ପର୍ଯ୍ୟନ୍ତ ବିଧାନସଭାରୁ ନିଲମ୍ବନ କରାଯାଇଛି। ସେ ନିଜ ମନ୍ତବ୍ୟ ଫେରାଇନେବା ସତ୍ତ୍ୱେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଅନ୍ୟାୟ ବୋଲି ଆଜ୍‌ମୀ କହିଛନ୍ତି। ଅନ୍ୟପକ୍ଷରେ ମୋଗଲ ସମ୍ରାଟଙ୍କୁ ପ୍ରଶଂସା କରିଥିବା ଆଜ୍‌ମୀଙ୍କୁ ସମାଜବାଦୀ ପାର୍ଟି ବହିଷ୍କାର କରୁ ବୋଲି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦାବି କରିଛନ୍ତି।

ଆଜ୍‌ମୀଙ୍କୁ ଗୃହରୁ ନିଲମ୍ବନ କରିବା ନିମନ୍ତେ ମହାରାଷ୍ଟ୍ର ମନ୍ତ୍ରୀ ଚନ୍ଦ୍ରକାନ୍ତ ପାଟିଲ ପ୍ରସ୍ତାବ ଆଣିଥିଲେ। ଔରଙ୍ଗଜେବ୍‌ଙ୍କୁ ପ୍ରଶଂସା କରିବା ଛତ୍ରପତି ଶିବାଜୀ ମହାରାଜ ଏବଂ ତାଙ୍କ ପୁଅ ସମ୍ଭାଜୀ ମହାରାଜଙ୍କ ପ୍ରତି ଅପମାନ ବୋଲି ଶାସକ ଦଳର ସଦସ୍ୟମାନେ କହିଥିଲେ। ଧ୍ୱନିମତରେ ପ୍ରସ୍ତାବ ଗୃହୀତ ହୋଇଥିଲା।



ସୂଚନାଯୋଗ୍ୟ, ଆଜ୍‌ମୀ ଏକ କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ, ଔରଙ୍ଗଜେବ୍‌ଙ୍କ ଶାସନ କାଳରେ ଭାରତର ସୀମା ଆଫଗାନିସ୍ତାନରୁ ବର୍ମା (ମ୍ୟାନ୍‌ମାର) ଯାଏ ଥିଲା। ଆମ ଜିଡିପି ବିଶ୍ୱ ଜିଡିପିର ୨୪% ରହିଥିଲା ଏବଂ ଭାରତକୁ ଗୋଲ୍ଡେନ୍ ସ୍ପାରୋ କୁହାଯାଉଥିଲା। ସମ୍ଭାଜୀଙ୍କ ସହ ଔରଙ୍ଗଜେବ୍‌ଙ୍କ ଯୁଦ୍ଧ ରାଜନୈତିକ ଥିଲା। ତାଙ୍କର ଏହି ମନ୍ତବ୍ୟକୁ ନେଇ ମଙ୍ଗଳବାର ଗୃହରେ ହଟ୍ଟଗୋଳ ହେବା ସହ ଶାସକ ପକ୍ଷ ତାଙ୍କ ନିଲମ୍ବନ ସହ ଦେଶଦ୍ରୋହ ମାମଲା ରୁଜୁ ଦାବି କରିଥିଲେ।

## ରୁଷିଆ ଶାନ୍ତି ଚାହୁଁଛି, ୟୁକ୍ରେନ୍ ବୁଝାମଣା ପାଇଁ ରାଜି: ଟ୍ରମ୍ପ୍

ନ୍ୟୁୟର୍କ/ୱାଶିଂଟନ,୫।୩(ପି.ଟି.)

ରୁଷିଆ ଶାନ୍ତି ପାଇଁ ପ୍ରସ୍ତୁତ ଥିବାର ଦୃଢ଼ ସଙ୍କେତ ଦେଇଛି। ସେହିପରି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ବୁଝାମଣା ଟେବୁଲ୍‌କୁ ଆସିବା ଲାଗି ପ୍ରସ୍ତୁତ ଥିବା ପତ୍ର ଲେଖି ଜଣାଇଛନ୍ତି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଖଣିଜ ପଦାର୍ଥ ଏବଂ ସୁରକ୍ଷା ଉପରେ ଚୁକ୍ତିନାମା ସ୍ୱାକ୍ଷର କରିବାକୁ ଜେଲେନ୍‌ସ୍କି ରାଜିଥିବା ଟ୍ରମ୍ପ୍ ଆମେରିକା କଂଗ୍ରେସର ମିଳିତ ଅଧିବେଶନକୁ ସମ୍ବୋଧିତ କରି କହିଛନ୍ତି। ସେ ଆହୁରି କହିଛନ୍ତି, ୟୁକ୍ରେନ୍ ଯୁଦ୍ଧର ଅବସାନ ଘଟାଇବାକୁ ସେ ମଧ ଅକ୍ଳାନ୍ତ ଉଦ୍ୟମ ଚଳାଇଛନ୍ତି। ୩ ବର୍ଷ ଧରି ଲାଗିରହିଥିବା ଯୁଦ୍ଧରେ ଅନେକ ଲକ୍ଷ ୟୁକ୍ରେନୀୟ ଏବଂ ରୁଷୀୟ ଅକାରଣରେ ପ୍ରାଣ ହରାଇଛନ୍ତି ବା ଆହତ ହୋଇଛନ୍ତି। ଯଥାଶୀଘ୍ର ସମ୍ଭବ ଦୀର୍ଘମିଆଦୀ ଶାନ୍ତି ପାଇଁ ଆଲୋଚନା ଟେବୁଲକୁ ଆସିବା ଲାଗି ୟୁକ୍ରେନ୍ ପ୍ରସ୍ତୁତ ଥିବା ଜେଲେନ୍‌ସ୍କି ଟ୍ରମ୍ପ୍‌ଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି।



## ଫିଲ୍ମ ଛାଡ଼ିଲେ କିଆରା

ମୁମ୍ବାଇ

ଅଭିନେତ୍ରୀ କିଆରା ଆଡ଼ଭାନୀ ଫିଲ୍ମ ଛାଡ଼ିଛନ୍ତି। ପ୍ରକୃତରେ କହିବାକୁ ଗଲେ କିଆରା ଫିଲ୍ମ ଦୁନିଆ ପୂରା ଛାଡ଼ି ନାହାନ୍ତି। କିଛିଦିନ ପାଇଁ ଛାଡ଼ିଛନ୍ତି। କାରଣ ତାଙ୍କ ଜୀବନ ଏବେ ଖୁସିରେ ପରିପୂର୍ଣ୍ଣ। ନିକଟରେ ଅଭିନେତ୍ରୀ ଗର୍ଭବତୀ ଥିବାର ଖବର ଗଣମାଧ୍ୟମ ଏବଂ ପ୍ରଶଂସକଙ୍କ ସହ ଶେୟାର କରିଥିଲେ। ଆଜିକାଲି ସେ 'ଟକ୍ସିକ' ଏବଂ 'ୱାର-୨' ଫିଲ୍ମର ମଧ ଶୁଟିଂ କରୁଛନ୍ତି। କିନ୍ତୁ କିଆରା କୌଣସି ବଡ଼ ଫ୍ରାଞ୍ଚାଇଜ ଫିଲ୍ମର ଅଂଶ ନୁହନ୍ତି। ସେ ଫିଲ୍ମରୁ ନିଜକୁ ଦୂରେଇ ରଖିଛନ୍ତି।

କିଆରା ଡନ୍-୩ ଫିଲ୍ମରୁ ନିଜକୁ ଦୂରେଇ ରଖିଛନ୍ତି। ଫରହାନ ଅଖ୍‌ତର ଏହି ଫିଲ୍ମ ନିର୍ମାଣ କରୁଛନ୍ତି। ଏହି ଫିଲ୍ମରେ ରଣବୀର ସିଂ ମୁଖ୍ୟ ଭୂମିକାରେ ରହିବେ। କିଆରା ଏବେ ତାଙ୍କ ପ୍ରେଗନାନ୍ସି ଉପରେ ଧ୍ୟାନ ଦେବାକୁ ଚାହୁଁଛନ୍ତି। ସ୍ୱାମୀ ତଥା ଅଭିନେତା ସିଦ୍ଧାର୍ଥ ମାଲହୋତ୍ରା ଆଜିକାଲି କିଆରାଙ୍କର ଭଲ ଯତ୍ନ ନେଉଛନ୍ତି।

କିଆରା 'ଡନ୍-୩' ଫିଲ୍ମ ଛାଡ଼ିବା ପରେ ଏହାର ନିର୍ମାତା ଏବେ ନୂଆ ନାୟିକା ଖୋଜିବା ଆରମ୍ଭ କରିଛନ୍ତି। ଫିଲ୍ମରେ କିଆରାଙ୍କ ସ୍ଥାନ ନେଇ ରଣବୀର ସିଂଙ୍କ ବିପକ୍ଷରେ କେଉଁ ନାୟିକାଙ୍କୁ କାଷ୍ଟ କରାଯିବ ତାହା କିଛିଦିନ ମଧ୍ୟରେ ଜଣାପଡ଼ିବ। ଏହି ଫିଲ୍ମରେ ବିକ୍ରାନ୍ତ ମେସି ମଧ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରୁଛନ୍ତି।

'ଡନ୍' ସିରିଜର ଫିଲ୍ମଗୁଡ଼ିକୁ ଦର୍ଶକ ବହୁତ ପସନ୍ଦ କରିଛନ୍ତି। ଯଦି ଆମେ ଡନ୍ ସିରିଜର ଫିଲ୍ମ ବିଷୟରେ କଥା ହେବା, ତେବେ ଶାହରୁଖ ଖାନ୍ ପ୍ରଥମ ଦୁଇଟି ଭାଗରେ ଡନ୍ ଭୂମିକାରେ ଅଭିନୟ କରିଥିଲେ। ଏବେ ରଣବୀର ସିଂ 'ଡନ୍-୩'ରେ ଡନ୍ ଭୂମିକାରେ ନଜର ଆସିବେ। ରଣବୀରଙ୍କୁ ସୋସିଆଲ ମିଡିଆରେ ମଧ ଟ୍ରୋଲ କରାଯାଇଥିଲା କାରଣ ସେ କହୁଥିଲେ ଯେ, ସେ ଶାହରୁଖଙ୍କ ପରି ଡନ୍ ଭୂମିକାରେ ଅଭିନୟ କରିପାରିବେ ନାହିଁ।

ଧରିତ୍ରୀ DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୬/୨୦୨୫ | Bhubaneswar, Thursday, March 6/2025 | ପୃଷ୍ଠା-୧

# ଆୟକର ଅଧିକାରୀଙ୍କୁ ଇ-ମେଲ୍ ଯାଞ୍ଚ କ୍ଷମତା

**ବର୍ତ୍ତମାନ ପ୍ରଚଳିତ ଆୟକର ଆଇନ, ୧୯୬୧ର ଧାରା ୧୩୨ ଅନୁସାରେ ଅଧିକାରୀମାନେ ଚଢ଼ାଉବେଳେ କୋଠା, ଜାହାଜ, ଯାନବାହନ, ବିମାନ ଆଦିକୁ ପ୍ରବେଶକରି ସେଠାରୁ ଦସ୍ତାବିଜ, ବ୍ୟାଙ୍କ ଆକାଉଣ୍ଟ, ଟଙ୍କା, ଅଳଙ୍କାର ଆଦି ଜବତ କରିଥାଆନ୍ତି। ଏପରି କି ସ୍ଥଳବିଶେଷରେ କୌଣସି କବାଟ, ବାକ୍ସ, ଲକର, ଆଲମିରାର ଚାବି ନ ପାଇଲେ କ୍ଲଜ୍ (ଆଇ)ରେ ପ୍ରଦତ୍ତ କ୍ଷମତାର ଉପଯୋଗକରି ସେଗୁଡ଼ିକର ତାଲା ଭାଙ୍ଗିଥାଆନ୍ତି। କିନ୍ତୁ ଆସନ୍ତା ବର୍ଷ ଏପ୍ରିଲରୁ ଲାଗୁ ହେବାକୁ ଥିବା ନୂଆ ଆୟକର (ଆଇଟି) ଆଇନ ଅନୁସାରେ ଅଧିକାରୀମାନେ ଲୋକଙ୍କ ଇ-ମେଲ୍ ଏବଂ ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକୁ ଯାଞ୍ଚ କରିପାରିବେ। ନୂଆ ଆଇଟି ବିଲ୍‌ର କ୍ଲଜ୍ ୨୪୭ରେ ସେମାନଙ୍କୁ ଏଭଳି କ୍ଷମତା ପ୍ରଦାନର ପ୍ରସ୍ତାବ ରହିଛି। ତେବେ ଆଇଟି କର୍ତ୍ତୃପକ୍ଷ ଏହି କ୍ଷମତାର ଦୁରୁପଯୋଗ କରିପାରନ୍ତି, ଯଦ୍ୱାରା ଟିକସଦାତାଙ୍କ ପ୍ରିଭେସି ଉଲ୍ଲଂଘନ ହୋଇପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି।**

ନୂଆଦିଲ୍ଲୀ,୫।୩(ଏଜେନ୍ସି)

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଗତ ଫେବୃଆରୀ ୧୩ରେ ସଂସଦରେ ସଂଶୋଧିତ ଆୟକର ବିଲ୍, ୨୦୨୫ ଉପସ୍ଥାପନ କରିଥିଲେ। ଏହି ବିଲ୍‌ରେ ଟିକସଦାତାଙ୍କ ସୁବିଧା ପାଇଁ ଆୟକର ଆଇନକୁ ସରଳ କରାଯାଇଥିବା ସରକାର କହୁଛନ୍ତି। କିନ୍ତୁ ଏଥିରେ ଆଇଟି ଅଧିକାରୀମାନଙ୍କୁ ଏଭଳି ଏକ କ୍ଷମତା ପ୍ରଦାନ କରାଯାଇଛି, ଯଦ୍ୱାରା ଟିକସ ସମ୍ବନ୍ଧୀୟ

## ନୂଆ ଆୟକର ବିଲ୍‌ରେ ପ୍ରସ୍ତାବ

ତଦନ୍ତବେଳେ ସେମାନେ ଟିକସଦାତାଙ୍କ ଇ-ମେଲ୍, ଟ୍ରେଡିଂ ଆକାଉଣ୍ଟ, ସୋସିଆଲ ମିଡିଆ ପ୍ରୋଫାଇଲ ଆଦି ଯାଞ୍ଚ କରିପାରିବେ। ସେଥିରୁ ସେମାନେ ଅନେକ ବ୍ୟକ୍ତିଗତ, ଅନ୍ତରଙ୍ଗ ଓ ସମ୍ବେଦନଶୀଳ ତଥ୍ୟ ହାସଲ କରିପାରିବେ। ଏଭଳି ସ୍ଥଳେ ୬ ଦଶନ୍ଧି ପୁରୁଣା ପ୍ରଚଳିତ ଢାଞ୍ଚା ଥାଉ ଥାଉ ଏଭଳି ବ୍ୟବସ୍ଥା କରାଯିବା ଉପରେ ପ୍ରଶ୍ନ ଉଠିଲାଣି। ତେଣୁ ଆଇନରେ ପରିଣତ ହେବା ପୂର୍ବରୁ ଉକ୍ତ ବିଧେୟକକୁ ଲୋକ ସଭାର ସିଲେକ୍ଟ କମିଟିକୁ ସମୀକ୍ଷା ପାଇଁ ପଠାଯାଇଛି।

ବର୍ତ୍ତମାନ ପ୍ରଚଳିତ ଆଇନ ଅନୁସାରେ ଆଇଟି ଅଧିକାରୀମାନେ ଲାପ୍‌ଟପ୍, ହାର୍ଡ ଡ୍ରାଇଭ୍, ଇ-ମେଲ୍ ଆଦି ଯାଞ୍ଚ ପାଇଁ ଅନୁମତି ନେଇଥାଆନ୍ତି। କିନ୍ତୁ ଏଥିରେ ଡିଜିଟାଲ ରେକର୍ଡ ସମ୍ପର୍କରେ ସ୍ପଷ୍ଟ ଉଲ୍ଲେଖ ନ ଥିବାରୁ ☞ପୃଷ୍ଠା-୨

# ସୁନା ସ୍ମଗ୍‌ଲିଂ: କନ୍ନଡ଼ ଅଭିନେତ୍ରୀ ଗିରଫ


ରାନ୍ୟା ରାଓ

**ବିମାନବନ୍ଦରରୁ ୧୪.୮ କିଲୋ, ଘରୁ ୨.୦୬ କୋଟି ଟଙ୍କାର ସୁନା ଜବତ**

ବେଙ୍ଗାଲୁରୁ(କର୍ନାଟକ),୫।୩

ଦୁବାଇରୁ ସୁନା ସ୍ମଗ୍‌ଲିଂ କରି ଆଣୁଥିବାବେଳେ ବେଙ୍ଗାଲୁରୁ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରେ ଗତ ସୋମବାର ଡାଇରେକ୍ଟୋରେଟ ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ (ଡିଆରଆଇ) ହାତରେ ଧରାପଡ଼ି ଗିରଫ ହୋଇଛନ୍ତି କନ୍ନଡ ଅଭିନେତ୍ରୀ ରାନ୍ୟା ରାଓ(୩୨)। ବେଙ୍ଗାଲୁରୁସ୍ଥିତ ରାନ୍ୟାଙ୍କ ଘରେ ବୁଧବାର ଚଢ଼ାଉ ସମୟରେ ଡିଆର୍‌ଆଇ ବ୍ୟାପକ ସୁନା ଏବଂ ଟଙ୍କା ଜବତ କରିଛି, ଯାହାର ମୂଲ୍ୟ ଅନେକ କୋଟି ଟଙ୍କା ହେବ ବୋଲି କୁହାଯାଉଛି। ☞ପୃଷ୍ଠା-୨

# ଗୁଣି ଗାରେଡ଼ିକୁ ନେଇ ଗୋଷ୍ଠୀ ସଂଘର୍ଷ, ହତ୍ୟା

ବଲାଙ୍ଗୀର/ ଗୁଡ୍‌ଭେଲା, ୫।୩ (ବୀରେନ୍ଦ୍ର କୁମାର ଝାଙ୍କର/ ମନୋଜ ଜୈନ)

ବଲାଙ୍ଗୀର ଜିଲା ତୁଷରା ଥାନା ଅନ୍ତର୍ଗତ ଆଟଗାଁଠାରେ ମଙ୍ଗଳବାର ରାତିରେ ଗୁଣିଗାରେଡ଼ି ସନ୍ଦେହକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଶ୍ୟାମସୁନ୍ଦର ବାଗ (୪୫)। ପଡ଼ୋଶୀ ପରିବାରର ଲୋକମାନେ ମାରଣାସ୍ତ୍ରରେ ଆକ୍ରମଣ କରି ଶ୍ୟାମଙ୍କୁ କ୍ଷତାକ୍ତ କରିବା ପରେ ତାଙ୍କ ମୁଣ୍ଡକୁ ପଥରରେ ଛେଚି ଦେଇଛନ୍ତି। ସେହିପରି ଶ୍ୟାମସୁନ୍ଦରଙ୍କ ପରିବାର ଲୋକଙ୍କ ପକ୍ଷରୁ ପ୍ରତି ଆକ୍ରମଣ ହୋଇଥିଲା। ଏହି ଗୋଷ୍ଠୀ ସଂଘର୍ଷରେ ଉଭୟ ପରିବାରର ୪ ଜଣ ଆହତ ହୋଇଥିବାବେଳେ ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆଟଗାଁର ଶରତ ରଣା, ତ୍ରିପୁରା ରଣା, ସୁଶୀଳ ରଣା, ବାଳଗୋପାଳ ରଣା ଏବଂ ରଞ୍ଜନ ରଣା। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ, ଛୁରି, ଠେଙ୍ଗା, କଟୁରୀ ଜବତ କରିଛି। ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି ପ୍ରେସ୍ ବିଜ୍ଞପ୍ତିରେ ଉପରୋକ୍ତ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ମୁତାବକ, ଆଟଗାଁର ଯୁଗଧର ବାଗ ଏବଂ ☞ପୃଷ୍ଠା-୨

# ଭାରତ-ନ୍ୟୁଜିଲାଣ୍ଡ ଫାଇନାଲ

**ଆଇସିସି ଚାମ୍ପିୟନ୍ସ ଟ୍ରଫି**

ଲାହୋର, ୫।୩

ଗଦାଫି ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଆଇସିସି ଚାମ୍ପିୟନ୍ସ ଟ୍ରଫି ଦ୍ୱିତୀୟ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ୫୦ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ହାଇସ୍କୋରିଂ ବିଶିଷ୍ଟ ଏହି ମ୍ୟାଚରେ ୩ ଖେଳାଳି ଶତକ ହାସଲ କରିଥିଲେ। ରାଚିନ ରବୀନ୍ଦ୍ର ଓ କେନ୍ ୱିଲିୟମସନଙ୍କ ଶତକ ସହାୟତାରେ ନ୍ୟୁଜିଲାଣ୍ଡ ୫୦ ଓଭରରେ ୬ ଉଇକେଟ ହରାଇ ୩୬୨ ରନ କରିଥିଲା। ଚାମ୍ପିୟନ୍ସ ଟ୍ରଫି ଇତିହାସରେ ଏହା ଥିଲା ସର୍ବାଧିକ ସ୍କୋର। ଜବାବରେ ଡେଭିଡ ମିଲରଙ୍କ ଲଢ଼ୁଆ ଅପରାଜିତ ଶତକ ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ଇନିଂସ ୫୦ ଓଭରରେ ୩୧୨/୯ରେ ରନରେ ସୀମିତ ରହି ଯାଇଥିଲା। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଫାଇନାଲ ଆସନ୍ତା ରବିବାର ଦୁବାଇରେ ଅନୁଷ୍ଠିତ ହେବ। **(ସମ୍ପୂର୍ଣ୍ଣ ରିପୋର୍ଟ ଖେଳପୃଷ୍ଠା)**

# କ୍ୟାବିନେଟ୍‌ରେ ଉପସ୍ଥାପନ ହେବ ତଦନ୍ତ କମିଶନ ରିପୋର୍ଟ

**ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣା**

କଟକ,୫।୩(କାର୍ତ୍ତିକ ସାହୁ)

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ମାମଲାରେ ରାଜ୍ୟ ସରକାର ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। ଚାବି ହଜିବା ଘଟଣାର ତଦନ୍ତ ରିପୋର୍ଟ କ୍ୟାବିନେଟ୍‌ରେ ଉପସ୍ଥାପନ ହେବ। ଏଥିପାଇଁ ହାଇକୋର୍ଟ ସମୟ ଦେବାକୁ ସତ୍ୟପାଠରେ ରାଜ୍ୟ ସରକାର ଆବେଦନ କରିଛନ୍ତି। ହାଇକୋର୍ଟର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଆଦିବାସୀ ଓ ଭାରତୀୟ ସଂସ୍କୃତି












**ଆଜିର ମନ୍ତବ୍ୟ**

“ସଂସଦୀୟ କ୍ଷେତ୍ର ସୀମା ପୁନଃ ନିର୍ଦ୍ଧାରଣ ଏକ ନିରନ୍ତର ପ୍ରକ୍ରିୟା, ଯାହାକି ପ୍ରତି ୨୫ ବର୍ଷରେ ଥରେ ହୋଇଥାଏ। ଜନସଂଖ୍ୟା ନିୟନ୍ତ୍ରଣ ସହ ଏହାର କୌଣସି ସମ୍ପର୍କ ନାହିଁ। ସବୁ ପ୍ରସଙ୍ଗକୁ ପରସ୍ପର ସହ ଯୋଡ଼ିବା ଅନୁଚିତ। **–ଏନ୍. ଚନ୍ଦ୍ରବାବୁ ନାଇଡୁ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ**

# ଆଜି କ’ଣ କେଉଁଠି

## ଭୁବନେଶ୍ୱର

- ପୂର୍ବତନ ଲୋକ ସଭା ବାଚସ୍ପତି ରବି ରାୟଙ୍କ ଶ୍ରାଦ୍ଧ ଦିବସ, ସ୍ଥାନ: ଭଇଁରା ନିଜିଗଡ଼, ବନମାଳିପୁର, ସମୟ: ସକାଳ ୯ଟା ୩୦।
- ଏସ୍ଏସ୍‌ବିଭି–୨୦୨୫ ଜାତୀୟ ସମ୍ମିଳନୀ ଉଦ୍‌ଘାଟନ, ସ୍ଥାନ: ସିଏସ୍ଆଇଆର୍–ଆଇଏମ୍ଏମ୍‌ଟି ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ଗିରୀଶ ଚନ୍ଦ୍ର ପଟ୍ଟନାୟକ ଜନ୍ମ ଶତବାର୍ଷିକୀ କମିଟି ପକ୍ଷରୁ ଗିରୀଶ ଚନ୍ଦ୍ର ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ପାଳନ, ସ୍ଥାନ: ରେଡ୍‌କ୍ରସ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଜେଇଏମ୍ ସ୍କୁଲ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସ୍କୁଲ ପରିସର, ବିଜେବି ନଗର, ସମୟ: ଅପରାହ୍ନ ୪ଟା ୩୦।
- ନିଖିଳ ଉତ୍କଳ ନାଟ୍ୟୋତ୍ସବ ‘ଆରୋହଣ’, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ସମର୍ପଣ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ଜାତୀୟସ୍ତରୀୟ ଆର୍ଚେରି ପ୍ରତିଯୋଗିତା, ସ୍ଥାନ: ଜଗନ୍ନାଥ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ମହତାବ ଜୟନ୍ତୀ ପାଳନ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା

- ଲବଣଗିରିରେ ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଲବଣଗିରି ପାହାଡ଼, ଜଟଣୀ, ସମୟ: ସକାଳ ୮ଟା।

## ବାଲେଶ୍ୱର

- ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତିବାଦ ସଭା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ବାଲେଶ୍ୱର ଓକିଲ ସଂଘ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ଦ୍ୱିତୀୟ ଦିବସ, ସ୍ଥାନ: ବାର୍ ହଲ୍ ନଂ. ୧, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦ରୁ ଅପରାହ୍ନ ୪ଟା।

## ଭଦ୍ରକ

- ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: କୁଆଁସମଡ଼ିଆ ପ୍ରାଥମିକ ବିଦ୍ୟାଳୟ ପରିସର, ଆଗରପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଅଣ୍ଡାପାନୀୟ ଜଳ ପ୍ରକଳ୍ପର ଉଦ୍‌ଘାଟନ, ସ୍ଥାନ: ବଡ଼ମହିଷଗୋଠ, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ଜାଗର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ବାବା କଖାରୁଆ ବୈଦ୍ୟନାଥ ମନ୍ଦିର, ମାଣତ୍ରୀ, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଜାଗର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ବାବା ବୁଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର, ଦେବଶୂଳ, ରାସଗୋବିନ୍ଦପୁର,

## ବ୍ରହ୍ମପୁର

- ଜିଲ୍ଲା ଭାଜପାର କେନ୍ଦ୍ର ଓ ରାଜ୍ୟ ବଜେଟ ସଂପର୍କିତ ଆଲୋଚନା ଚକ୍ର, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ଅପରାହ୍ନ ୪ଟା।
- ଆସ୍କା ରୋଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର,ସମୟ: ଅପରାହ୍ନ ୪ଟା ୩୦।
- ବିଇଏମ୍‌ସିର ସ୍ୱତନ୍ତ୍ର ବୈଠକ,ସ୍ଥାନ: ନୂତନ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।
- ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ୨ୟ ଦିନ, ସ୍ଥାନ: ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ଗଞ୍ଜାମ

ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜନଗର କେଏସ୍‌ୟୁବି କଲେଜ, ସମୟ: ପୂର୍ବାହ୍ନ ୧୧ ଟା।

## ଢେଙ୍କାନାଳ

- ଶ୍ରୀ ଶ୍ରୀ ଚନ୍ଦ୍ରଚୁଡେଶ୍ୱର ବାବାଙ୍କ ୫ମ ବାର୍ଷିକ ଉତ୍ସବ, ସ୍ଥାନ: ସରାଙ୍ଗ ସୁବର୍ଣ୍ଣପୁର ପାଟଣା ସାହି ବୋଲବମ ପଡିଆ, ସମୟ: ସକାଳ ୭ ଟା।
- ବିଜେଡ଼ି ପକ୍ଷରୁ ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା, ସ୍ଥାନ: କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- କେନ୍ଦ୍ର ଓ ରାଜ୍ୟ ବଜେଟ୍ ଉପରେ ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ଅପରାହ୍ନ ୩ଟା।

## ଜଗତ୍‌ସିଂହପୁର

- ମା’ ଦୁର୍ଗାଙ୍କ ବାର୍ଷିକ ଉତ୍ସବ ଓ ପ୍ରତିଷ୍ଠା ଦିବସ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସତସଙ୍ଗ, ସ୍ଥାନ: ବଣିକସଂଘ ପରିସର, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ ଟା।

## କେନ୍ଦ୍ରାପଡ଼ା

- ଜଗତଗୁରୁ ଠାକୁର ଶ୍ରୀ ଅଭିରାମ ପରମହଂସଦେବଙ୍କ ରାଜ୍ୟସ୍ତରୀୟ ସନାତନ ଧର୍ମ ସମ୍ମିଳନୀ, ସ୍ଥାନ: ଗହ୍ଣାଶିଖର, ଡେରା, ରାଜନଗର, ସମୟ: ସକାଳ ୯ଟା।

## ନୟାଗଡ଼

- ଭାପୁର ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ୫ମ ଦିବସରେ ଗ୍ରୁପ ବି ର ୨ୟ କ୍ୱାଟର ସେମି ଫାଇନାଲର ଜୟଦୁର୍ଗା କ୍ଲବ ଖୋର୍ଦ୍ଧା ବନାମ ଡିଟିଏ ଫୁଟବଲ କ୍ଲବ ଯାଜପୁର , ସ୍ଥାନ: ଭାପୁର ବ୍ଲକ ଭାପୁର ଖେଳ ପଡିଆ, ସମୟ:ଅପରାହ୍ନ ୩ଟା୩୦।
- ନୂଆଗାଁ ବ୍ଲକସ୍ତରୀୟ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ନୂଆଗାଁ କଲେଜ ସମ୍ମୁଖ ପଡିଆ, ସମୟ:ଅପରାହ୍ନ ୩.୩୦।
- ନାଟ୍ୟଧାରା ପକ୍ଷରୁ ପଞ୍ଚମ ରାଜ୍ୟସ୍ତରୀୟ ନାଟ୍ୟମେଳାର ୫ମ ଦିବସର ନାଟକ ବିଶ୍ୱାସର ଆତ୍ମଲିପି, ସ୍ଥାନ:ପଠାଣି ସମାନ୍ତ ଅଡିଟୋରିୟମ, ସମୟ:ସନ୍ଧ୍ୟା ୭ଟା।

## ରାୟଗଡ଼ା

- ରାଧାକାନ୍ତଙ୍କ ନବୀନ ପ୍ରାସାଦ ପ୍ରତିଷ୍ଠା ଅବସରରେ ସୂର୍ଯ୍ୟ ପୂଜା, ରତ୍ନ କଳସ ପ୍ରତିଷ୍ଠା, ଦେବତା ପ୍ରବେଶ କାର୍ଯ୍ୟକ୍ରମ, ସ୍ଥାନ: ପ୍ରଧାନୀଗୁଡା ରାଧାକାନ୍ତ ମନ୍ଦିର ପରିସର, ଗୁଣପୁର, ସମୟ: ସକାଳ ୭ ଟା।
- ଗଙ୍ଗାଦେବୀ ଠାକୁରାଣୀ ନୂତନ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଟିକିରି, ସମୟ: ସକାଳ ୭ଟା।

## ନବରଙ୍ଗପୁର

- ବ୍ଲକ ବିଜେଡିର ପ୍ରତିବାଦ ସଭା, ସ୍ଥାନ: ଉମରକୋଟ ନୂତନ ବସ୍‌ଷ୍ଟାଣ୍ଡସ୍ଥିତ ଶିଶୁ ଉଦ୍ୟାନ, ସମୟ: ପୂର୍ବାହ୍ନ ୧୦ଟା।
- ଡାବୁଗାଁ ବ୍ଲକ ବିଜେଡିର ପ୍ରତିବାଦ ସଭା, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ବିଜେଡି ପକ୍ଷରୁ ପ୍ରତିବାଦ, ସ୍ଥାନ: ଦଶମନ୍ତପୁର କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଚବିଶ ପ୍ରହରିନାମଯଜ୍ଞ ଆରମ୍ଭ, ସ୍ଥାନ : କେନଘାଟି ଶ୍ରୀରାମ ବାଟିକା, ସମୟ : ସକାଳ ୮ଟା।
- .ଜିଲା ପ୍ରଶାସନ ଆୟୋଜନରେ ସୁଭଦ୍ରା ଶକ୍ତି ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ପିଏଚଡି ପଡିଆ , ସମୟ : ସନ୍ଧ୍ୟା ୬ଟା।
- .ସେଲିବ୍ରିଟି କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା ୩୦ ।

## ବଲାଙ୍ଗୀର

- ସୁଭଦ୍ରା ଶକ୍ତି ମେଳା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: କୋଶଳ କଳାମଣ୍ଡଳ ପଡିଆ, ବଲାଙ୍ଗୀର,ସମୟ: ସନ୍ଧ୍ୟା ୬ଟା ।

## ରାଉରକେଲା

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ସନ୍ଥ ନିଙ୍କାରୀ ସତସଙ୍ଗ ଭବନ, ସମୟ: ସକାଳ ୯ଟା।
- ନୂତନ ଅପରାଧିକ ନିୟମ ଓ ଅଧିକାର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଏନ୍ଆଇଟି ବିଲଡ଼ିଂ, ସମୟ: ସନ୍ଧ୍ୟା ୫ଟା ୩୦।

## ସୁନ୍ଦରଗଡ଼

- ଜିଲା ସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତିର ସମ୍ମିଳନୀ, ସ୍ଥାନ: ସୁନ୍ଦରଗଡ ସରକାରୀ ମେଡିକାଲ କଲେଜ ନିକଟସ୍ଥ କଲ୍ୟାଣ ମଣ୍ଡପ,ସମୟ:ପୂର୍ବାହ୍ନ ୧୦ଟା।
- ବଡ଼ଗାଁ ବ୍ଲକ ଭୋଇପାଲି ଗ୍ରାମରେ ନବରାତ୍ର କୀର୍ତ୍ତନ ଆରମ୍ଭ, ସ୍ଥାନ: କୀର୍ତ୍ତନ ମଣ୍ଡପ, ସମୟ: ସକାଳ ୭ ଟା।

## ବରଗଡ଼

- ରାମାୟଣ ପାରାୟଣ କାର୍ଯ୍ୟକ୍ରମ,ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ଗାଇସିଲେଟ,ସମୟ: ସକାଳ ୯ଟା।
- ମାଁ ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: କନକବିରା, ଭଟଲି, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଛାତ୍ରୀବୃତ୍ତି ପରୀକ୍ଷା ସମର୍ଥ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ଶାସ୍ତ୍ରୀଜୀ ମହିଳା ବିଦ୍ୟାନିକେତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ବିଜୁ ବାବୁଙ୍କୁ ଅପମାନ ପ୍ରତିବାଦରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡିର ବିକ୍ଷୋଭ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ଷୋହଳତମ ଅଲ ଇଣ୍ଡିଆ ଡିଏସ୍ କପ ଫୁଟବଲ ଟୁର୍ନାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: ଜିଲା ଷ୍ଟାଡିୟମ, ବୌଦ୍ଧ, ସମୟ: ଅପରାହ୍ନ ୩ଟା।

## ଦେବଗଡ଼

- ଡାଇମଣ୍ଡ ସର୍କସ, ସ୍ଥାନ: ବଡ଼ ବଗିଚା ପ୍ରଧାନପାଟ ରୋଡ, ସମୟ: ଅପରାହ୍ନ ୧ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା’ କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା’ କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ଭୀମଭୋଇଙ୍କ ପ୍ରତିମୂର୍ତ୍ତି ପୁନଃସ୍ଥାପନା ଦାବିରେ ଧାରଣା, ସ୍ଥାନ: ସୋନପୁର ବ୍ଲକ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ପ୍ରତିବାଦ ସଭା, ସ୍ଥାନ: ବୀରମହାରାଜପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା୩୦।
- ମୁକ୍ତାକାଶ ରଙ୍ଗମଞ୍ଚରେ ଧନୁଯାତ୍ରା, ସ୍ଥାନ: ଟିକିରାପଡ଼ା,ବୀରମହାରାଜପୁର ବ୍ଲକ, ସମୟ: ରାତି ୮ଟା।
- ବାଲ୍ମୀକି ରାମାୟଣ ପାରାୟଣ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ୫୧କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଓ ସଂସ୍କାର ମହୋତ୍ସବ, ସ୍ଥାନ: ଖଡିଆଳ ବ୍ଲକ ଡୁକଳା ଗାଁ, ସମୟ: ଅପରାହ୍ନ ୫ଟା।
- ମେଗା କ୍ରେଡିଟ ଆଉଟରିଚ କାର୍ଯ୍ୟକ୍ରମ, ସ୍ଥାନ: ନହୁମାନ ମନ୍ଦିର ପ୍ରାଙ୍ଗଣ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ ଓ ଆଳତି, ସ୍ଥାନ: କୋମନା ବ୍ଲକ ଭେଲା ପଞ୍ଚାୟତ ବଘାମୁଣ୍ଡା ଗାଁ, ସମୟ: ପ୍ରାତଃ ୫ଟା ୧୮।

## ଝାରସୁଗୁଡ଼ା

- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ସରବାହାଲ ମଣ୍ଡପ, ସମୟ: ସକାଳ ୮ଟା।
- ୨୪ ପ୍ରହର ନାମ ସଂକୀର୍ତ୍ତନ ଉଦ୍‌ଯାପନ, ସ୍ଥାନ: ସାଲେଟିକ୍ରା, ସମୟ: ସକାଳ ୮ଟା।
- ଅଂଶୁଘାତ ପାଇଁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପଣ୍ତ୍ରି କମ୍ୟୁନିଟି ହଲ, ସମୟ: ସକାଳ ୮ଟା।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପାରିବାରିକ ସମସ୍ୟା ସମାଧାନ ସଙ୍ଗକୁ ଆନୁଷ୍ଠାନିକ କାମ ସୁରୁଖୁରୁରେ ସମ୍ପନ୍ନ ହେବ। ଯାନ୍ତ୍ରିକ ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଯୋଜନାରମ୍ଭ ସକାଶେ ବନ୍ଧୁବର୍ଗଙ୍କ ସହମତି ମନର ଉତ୍ସାହକୁ ଦ୍ୱିଗୁଣିତ କରିବ। ସଭାସମିତି, ସଂଗଠନ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରୁ ପ୍ରତିବନ୍ଧକ ଦୂରେଇଯିବ।

**ବୃଷ** ପରିବାର ସଦସ୍ୟଙ୍କୁ ମନ ବୁଝିଲା ଭଳି କଥା କହି ଆପଣେଇ ନେବେ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ କରି ସଫଳତା ପାଇବେ। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ଅପଦସ୍ଥ ହେବେ। ବାଣିଜ୍ୟ କିମ୍ବା ନୂତନ ଯୋଜନାରମ୍ଭ ସକାଶେ ମୋଟାଅଙ୍କର ଅର୍ଥ ପାଇଁ ବନ୍ଧୁଙ୍କ ଦ୍ୱାରସ୍ଥ ହୋଇପାରନ୍ତି।

**ମିଥୁନ** ମନ ଭିତରର ଅକୁହା କଥାକୁ ଅନ୍ତରଙ୍ଗ ବନ୍ଧୁଙ୍କ ନିକଟରେ ପ୍ରକାଶ କରି ମନକୁ ହାଲୁକା କରିପାରନ୍ତି। ଆଲୋଚନାର ଶେଷ ପର୍ଯ୍ୟାୟରେ କୌଣସି ବ୍ୟକ୍ତିଙ୍କ ଦୁଷ୍ଟବୁଦ୍ଧିର ନିଷ୍ପତ୍ତି ପରିସ୍ଥିତିକୁ ଓଲଟପାଲଟ କରିଦେବ। ବ୍ୟବସାୟରେ ସମସ୍ୟା ହେତୁ ବନ୍ଧୁଙ୍କ ପରାମର୍ଶ ନେଇପାରନ୍ତି। ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପାରୁ କାର୍ଯ୍ୟ ସାଧନ କରିବେ।

**କର୍କଟ** ଆର୍ଥିକ ସ୍ଥିତି ଉନ୍ନତ ନ ହେଲେ ମଧ୍ୟ ଦୈନନ୍ଦିନର ଆବଶ୍ୟକତା ପୂରଣରେ ଅସୁବିଧା ରହିବ ନାହିଁ। ବୃତ୍ତି, ବାଣିଜ୍ୟ, ସାହିତ୍ୟ, ସାମ୍ବାଦିକତା, ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। କୌଣସି ବ୍ୟକ୍ତିଙ୍କ କଥାକୁ ପ୍ରାଧାନ୍ୟ ଦେଇ କାମ କରିବା ପୂର୍ବରୁ ତାହାର ଭଲମନ୍ଦ ଦିଗକୁ ନଜର ଦେବା ଭଲ। ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ।

**ସିଂହ** ମନୋବଳ ଅତୁଟ ରହିଥିଲେ ମଧ୍ୟ ପାରିବାରିକ ଜଞ୍ଜାଳରେ ଅତିଷ୍ଠ ରହିବେ। କୌଣସି ବନ୍ଧୁ କଥାରେ ପ୍ରଭାବିତ ହୋଇ କିଛି ଭୁଲ୍ କାମ କରିପାରନ୍ତି। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କଲେ ମଧ୍ୟ ଜିତାପଟ ଆପଣଙ୍କର ହେବ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିପାରନ୍ତି।

**କନ୍ୟା** ଦୈହିକ ଦୁର୍ବଳତା ହେତୁ ଅନ୍ୟମାନଙ୍କ ସାହାଯ୍ୟରେ କାମକୁ ପୂର୍ଣ୍ଣାଙ୍ଗ କରିବେ। କର୍ମକ୍ଷେତ୍ରସ୍ଥ ବିବାଦୀୟ ପରିସ୍ଥିତିରେ ମଧ୍ୟସ୍ଥତା କଲେ ସମାଲୋଚିତ ହେବେ। ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ଗୃହନିର୍ମାଣ, କର୍ମାରମ୍ଭ, ତଥା ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ। ସାହିତ୍ୟ, ଗବେଷଣା ପ୍ରଭୃତିରେ ସମ୍ମାନିତ ହେବେ।

**ତୁଳା** ସ୍ୱାସ୍ଥ୍ୟରେ ଉନ୍ନତି ହେବାରୁ ସାମୟିକ ମାନସିକ ସ୍ଥିତି ଭଲ ଦିଗକୁ ଗତି କରିବ। ଅର୍ଥର ଅଭାବକୁ ଜଣେ ସହକର୍ମୀ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେବେ। ପିଲା ମାଡ଼ଗୋଳକୁ କେନ୍ଦ୍ର କରି ନିକଟ ସମ୍ପର୍କୀୟମାନଙ୍କ ସହ ତର୍କର ସମ୍ମୁଖୀନ ହେବାକୁ ପଡ଼ିପାରେ। ବନ୍ଧୁମାନଙ୍କ ସହ ଆଜିର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ବିଛା** ଅଭିଳାଷ ପୂରଣ ହେଲେ ମଧ ମାନସିକ ସ୍ଥିତି ଦୋଦୁଲ୍ୟମାନ ଅବସ୍ଥାରେ ରହିପାରେ। ସ୍ୱାସ୍ଥ୍ୟ ସମସ୍ୟା, ଅବହେଳିତ କାମ, ଭଲ ସମ୍ପର୍କଥିବା ବ୍ୟକ୍ତିଙ୍କ ଭୁଲ୍ ବୁଝାମଣାରୁ ଅସ୍ଥିରତା ସୃଷ୍ଟି ସୂଚନା ରହିଛି। ଲେଖାପଢ଼ାରୁ, କଳା, ସାହିତ୍ୟ ଓ ଅଭିନୟ ଜଗତରୁ ପ୍ରଶଂସା ପାଇବେ। କର୍ମକ୍ଷେତ୍ରରେ ଓ ପାରିବାରିକ ସ୍ତରରେ ସବୁ ଠିକ୍ ରହିବ।

**ଧନୁ** ବିଭିନ୍ନ କର୍ମଜଞ୍ଜାଳ ମଧ୍ୟରେ ମନ ଅଶାନ୍ତ ରହିବ କିନ୍ତୁ ଅନ୍ୟମାନଙ୍କ ସାହାଯ୍ୟର ପ୍ରତିଶ୍ରୁତିରୁ ମନ ହାଲୁକା ରହିପାରେ। ନିଜ ପରିସରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ବ୍ୟବସାୟ, ସାମ୍ବାଦିକତା, ଏଜେନ୍ସିପ୍, କଳା, କ୍ରୀଡ଼ା ପାଇଁ ଦିନଟି ଭଲ। ଅନ୍ୟମାନଙ୍କ କଥାକୁ ବିଶ୍ୱାସ କରି ଅସୁବିଧାରେ ପଡ଼ିବେ।

**ମକର** ଅନ୍ୟମାନଙ୍କୁ ସୁହାଇଲା ଭଳି କଥା କହି ପରିସ୍ଥିତିକୁ ହାଲୁକା କରିନେବେ। ସଭାସମିତିରେ ବୟସ୍କଙ୍କ ନିକଟରୁ ଗଠନମୂଳକ ପରାମର୍ଶ ପାଇ ଖୁସି ରହିବେ। ଆର୍ଥିକ ଉନ୍ନତି, ବନ୍ଧୁଙ୍କ ସହ ଆଲୋଚନା, ପରୀକ୍ଷାରେ ପିଲାଙ୍କ ସଫଳତାଜନିତ ମନ ପ୍ରଫୁଲ୍ଲ ରହିବ। ସହକର୍ମୀଙ୍କ ଏକଜିଦିଆ କାର୍ଯ୍ୟକଳାପଜନିତ ଦୌରାତ୍ମ୍ୟ ଅସହ୍ୟ ହୋଇପାରେ।

**କୁମ୍ଭ** ମନ ଚାହୁଁଥିବା ପ୍ରକାରେ କାମ ନ ହେବାରୁ ଅସନ୍ତୁଷ୍ଟ ରହିବେ। ଗତକାଲିର ବିବାଦୀୟ ଘଟଣାକୁ ନେଇ ମାନସିକ ଅବସାଦ ବୃଦ୍ଧି ପାଇବା ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଏଣେ କହିପାରୁ ନ ଥିବେ କିମ୍ବା ସହି ପାରୁ ନ ଥିବେ, ଏହି ପରିସ୍ଥିତିରୁ ମନ ଗୋଳମାଳିଆ ରହିବ। ଜମିଜମା, ଯାନବାହନ, ବ୍ୟବସାୟ ସମସ୍ୟା ଜଟିଳ ରହିବ।

**ମୀନ** ଦିନସାରା ମନ ଖୁସିରେ କାମ କରିବେ ଏବଂ ବନ୍ଧୁଙ୍କ ସହ ବିଭିନ୍ନ ବିଷୟରେ ଫଳପ୍ରଦ ଆଲୋଚନା କରିବେ। ଦୀର୍ଘଦିନର ପାରିବାରିକ ସମସ୍ୟା ସମାଧାନରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଟଙ୍କା ପଇସାକୁ କେନ୍ଦ୍ରକରି କୌଣସି ବ୍ୟକ୍ତି ସହ କଳହ ଲାଗିପାରେ। କେତେକ କ୍ଷେତ୍ରରେ ଅଜଣା ଭୟ ଓ ଆଶଙ୍କାଜନିତ ଆତଙ୍କିତ ହୋଇପାରନ୍ତି।

ଆଜି ମାର୍ଚ୍ଚ ୬ ତାରିଖ, ଫାଲ୍‌ଗୁନ ଶୁକ୍ଳ ସପ୍ତମୀ ଯୁକ୍ତ ଅଷ୍ଟମୀ ଗୁରୁବାର। ରାଶିନକ୍ଷତ୍ର–ରୋହିଣୀ/ବୃଷ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ନବବଧୂ ଯାତ୍ରା, ଗୃହାରମ୍ଭ, ଗୃହପ୍ରବେଶ, ଜଳାଶୟ ଖନନ ଓ ପ୍ରତିଷ୍ଠା, ଦେବତାଗଠନ ଓ ପ୍ରତିଷ୍ଠା ପାଇଁ ଶୁଭ ଦିନ। ସକାଳ ଘ.୦୬.୦୬ମି. ଗତେ ଘ.୦୭.୩୯ମି. ମଧ୍ୟେ, ଘ.୧୦.୪୭ମି. ଗତେ ଘ.୦୧.୦୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧.୨୬ମି. ଗତେ ଘ.୦୨.୫୩ମି. ମଧ୍ୟେ ରାହୁ କାଳ।

# ସ୍ୱପ୍ନରେ ସ୍ତ୍ରୀ ମୋ ରକ୍ତ ପିଉଥିଲେ

## ବିଳମ୍ବରେ ପହଞ୍ଚିବାକୁ ନେଇ କନ୍‌ଷ୍ଟେବଲଙ୍କ ସ୍ପଷ୍ଟୀକରଣ

**ଲକ୍ଷ୍ନୌ,୫।୩**

ଅଫିସରରେ ବିଳମ୍ବରେ ପହଞ୍ଚିବା ସମ୍ପର୍କରେ ଜଣେ କନ୍‌ଷ୍ଟେବଲ୍ ସ୍ପଷ୍ଟୀକରଣରେ ବିଚିତ୍ର ଉତ୍ତର ଦେଇଛନ୍ତି। ସ୍ୱପ୍ନରେ ସ୍ତ୍ରୀ ତାଙ୍କ ରକ୍ତ ପିଉଥିବା କାରଣରୁ ସେ ରାତିରେ ଶୋଇପାରି ନ ଥିଲେ ବୋଲି ଉତ୍ତରପ୍ରଦେଶ ଅର୍ଦ୍ଧସାମରିକ ବାହିନୀ ପ୍ରାଦେଶିକ ସଶସ୍ତ୍ର କନ୍‌ଷ୍ଟେବୁଲାରି (ପିଏସି)ର କନ୍‌ଷ୍ଟେବଲ୍ ସ୍ପଷ୍ଟୀକରଣରେ ଲେଖିଛନ୍ତି। ତାଙ୍କର ଏହି ପତ୍ର ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବିଭାଗ ପକ୍ଷରୁ ଉକ୍ତ ପତ୍ରର ପ୍ରାମାଣିକତାର ତଦନ୍ତ କରାଯାଇଛି।

ଠିକ୍ ସମୟରେ ନ ଆସିବା ଏବଂ କାର୍ଯ୍ୟରେ ଅବହେଳା ପାଇଁ କନ୍‌ଷ୍ଟେବଲ୍‌ଙ୍କୁ ଗତ ମାସ ୧୭ ତାରିଖରେ ନୋଟିସ ଜାରି କରାଯାଇ ସ୍ପଷ୍ଟୀକରଣ ମଗାଯାଇଥିଲା। ପିଏସି ୪୪ତମ ବାଟାଲିୟନ୍‌ର ଜି–ଗାର୍ଡ କମାଣ୍ଡର ମଧୁସୂଦନ ଶର୍ମା ଏହି ନୋଟିସ୍‌କୁ ଶୃଙ୍ଖଳାଗତ ଚେତାବନୀ ଭାବେ ଜାରି କରିଥିଲେ। ପୂର୍ବ ଦିନରୁ ନିର୍ଦ୍ଦେଶ ସତ୍ତ୍ୱେ ସେ କ’ଣ ପାଇଁ ବିଳମ୍ବ କରି ସକାଳ ୯ଟାରେ ପହଞ୍ଚିଲେ ବୋଲି ପ୍ରଶ୍ନ କରାଯାଇଥିଲା। ପୂର୍ବରୁ ସେ ବହୁ ସମୟରେ ବିଳମ୍ବରେ ଆସୁଥିବା, କାର୍ଯ୍ୟରେ ଅବହେଳା କରିବା ସହ ବିଶୃଙ୍ଖଳିତ ରହୁଥିବା ଏବଂ ନିଶାସକ୍ତ ଜଣାପଡୁଥିବାରୁ ପିଏସି ଭଳି ବାହିନୀରେ ଏହା ଗ୍ରହଣୀୟ ନୁହେଁ ବୋଲି କୁହାଯାଇଥିଲା। ଏଥିସହିତ ସେ କ’ଣ ପାଇଁ ଦାଢ଼ି କାଟି ନ ଥିଲେ ଓ ଠିକ୍ ଭାବେ ପୋଷାକ ପିନ୍ଧି ନ ଥିଲେ ବୋଲି ମଧ୍ୟ ସ୍ପଷ୍ଟୀକରଣ ମଗାଯାଇଥିଲା। କନ୍‌ଷ୍ଟେବଲ୍ ତାଙ୍କ ପତ୍ରରେ ବିଚିତ୍ର ଏବଂ ଆବେଗପୂର୍ଣ୍ଣ କାରଣ ଦର୍ଶାଇଛନ୍ତି। ସେ ଲେଖିଛନ୍ତି, ସ୍ତ୍ରୀଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ଏହା ପରେ ସ୍ତ୍ରୀ ତାଙ୍କ ସ୍ୱପ୍ନରେ ଆସିଥିଲେ। ସେ ତାଙ୍କ ଛାତି ଉପରେ ବସି ମାରିଦେବା ଉଦ୍ଦେଶ୍ୟରେ ରକ୍ତ ପିଇବାକୁ ଉଦ୍ୟମ କରିଥିଲେ। ଏହି କାରଣରୁ କନ୍‌ଷ୍ଟେବଲ ଭୟରେ ସାରା ରାତି ଶୋଇପାରି ନ ଥିଲେ ଏବଂ ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସିବାରେ ବିଫଳ ହୋଇଥିଲେ ବୋଲି ଲେଖିଛନ୍ତି। ସେ ଏବେ ଅବସାଦ ଏବଂ ଚିଡ଼ିଚିଡ଼ାପଣ ଯୋଗୁ ଚିକିତ୍ସାଧୀନ ଥିବା କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। କନ୍‌ଷ୍ଟେବଲ୍ ପିଏସି ୪୪ତମ ବାଟାଲିୟନ୍‌ର କମାଣ୍ଡରଙ୍କ ପାଖକୁ ଲେଖିଥିବା ଏହି ପତ୍ରକୁ ଅନେକ ଲକ୍ଷ ଲୋକ ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି।

# ୩୧ ସୁଦ୍ଧା ପିଏମ୍‌ଶ୍ରୀ ଲୋଗୋ, ସେଲ୍‌ଫି ପଏଣ୍ଟ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୫।୩(ସୁଚିସ୍ମିତା ସାହୁ)**

ରାଜ୍ୟରେ ସ୍କୁଲ ଶିକ୍ଷାକୁ ଏକ ନୂତନ ସ୍ତରକୁ ନେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ପିଏମ୍‌ଶ୍ରୀ ଯୋଜନା ଅଧୀନରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଆଗାମୀ ଦିନରେ ସ୍କୁଲଗୁଡ଼ିକରେ ସ୍କୁଲ ସିଗ୍‌ନେଜ, ସେଲ୍‌ଫି ପଏଣ୍ଟ, ପିଏମ୍‌ଶ୍ରୀ ଲୋଗୋ, ପରିଚୟପତ୍ର ପ୍ରଭୃତି ବ୍ୟବସ୍ଥା କରାଯିବ। ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଏହି କାର୍ଯ୍ୟ ସମାପନ କରିବାକୁ ସମସ୍ତ ଜିଲାପାଳ ତଥା ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ବୁଧବାର ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ସ୍କୁଲଗୁଡ଼ିକରେ ସ୍କୁଲ ସିଗନେଜ, ସେଲଫି ପଏଣ୍ଟ, ପିଏମ୍‌ଶ୍ରୀ ଲୋଗୋ, ପରିଚୟପତ୍ର ପ୍ରଭୃତି କାର୍ଯ୍ୟକାରୀ କରିବା ନିମନ୍ତେ ଉଦ୍ଦିଷ୍ଟ ନମୁନା ପ୍ରଦାନ କରାଯାଇଛି। ଏନେଇ ଉଦ୍ଦିଷ୍ଟ ପାଣ୍ଠିର ଉପଯୁକ୍ତ ବ୍ୟବହାର ପୂର୍ବକ ସ୍କୁଲଗୁଡିକରେ ଏହି ସମସ୍ତ ବ୍ୟବସ୍ଥା କରାଇବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ବିଜ୍ଞପ୍ତିରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସ ସମସ୍ତ ଜିଲାପାଳ ତଥା ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରଥମ ପୃଷ୍ଠାରୁ...

## ସୁନା ସ୍ମଗ୍‌ଲିଂ...

ଅଭିନେତ୍ରୀ ରାନ୍ୟାଙ୍କ ସାବତ ବାପା ରାମଚନ୍ଦ୍ର ରାଓ ଜଣେ ବରିଷ୍ଠ ପୋଲିସ ଅଧିକାରୀ। ସେ କର୍ନାଟକ ପୋଲିସ ହାଉସିଂ କର୍ପୋରେଶନର ଡିଜିପି ଭାବେ କାର୍ଯ୍ୟରତ। ରାମଚନ୍ଦ୍ରଙ୍କ ପରିଚୟରେ ରାନ୍ୟା ବହୁ ସମୟରେ ବିମାନବନ୍ଦରରୁ ବିନା ଚେକିଂରେ ବାହାରି ଆସିବାରେ ସମର୍ଥ ହୋଇଥାନ୍ତି ବୋଲି ଡିଆର୍‌ଆଇ ଜାଣିବାକୁ ପାଇଛି। ସୁନା ସ୍ମଗ୍‌ଲିଂ ର୍‌ୟାକେଟ୍ ସହ ରାନ୍ୟାଙ୍କ ସମ୍ପୃକ୍ତି ଥିବା ସନ୍ଦେହରେ ଡିଆର୍‌ଆଇ ତଦନ୍ତ ଚଳାଇଛି।

ମିଳିଥିବା ସୂଚନା ଅନୁସାରେ, ସୋମବାର ରାତିରେ ଦୁବାଇରୁ ଏମିରେଟ୍ସ ବିମାନରେ ଅଭିନେତ୍ରୀ ରାନ୍ୟା ସୁନା ସ୍ମଗ୍‌ଲିଂ କରି ଆଣୁଥିବା ଡିଆର୍‌ଆଇ ଅଧିକାରୀ ଖବର ପାଇଥିଲେ। ତଦନୁଯାୟୀ ବେଙ୍ଗାଲୁରୁ ବିମାନ ବନ୍ଦରରେ ଡିଆର୍‌ଆଇର ୪ଜଣ ଅଧିକାରୀ ପହଞ୍ଚି ରାନ୍ୟାଙ୍କ ଆସିବାକୁ ଅପେକ୍ଷା କରିଥିଲେ। ରାନ୍ୟାଙ୍କ ବିମାନ ଆସି ପହଞ୍ଚିବାପରେ ତାଙ୍କୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ତାଙ୍କଠାରୁ ୧୪.୮ କିଲୋ ସୁନା ଜବତ କରାଯାଇଥିଲା। ସେ ତାଙ୍କ ପୋଷାକ ଏବଂ ପ୍ୟାଣ୍ଟ ବେଲ୍‌ଟରେ ସୁନା ବିସ୍କୁଟଗୁଡ଼ିକୁ ଲୁଚାଇ ଆଣୁଥିଲେ। ତାଙ୍କୁ ଗିରଫ କରାଯିବା ପରେ ବେଙ୍ଗାଲୁରୁସ୍ଥିତ ଡିଆର୍‌ଆଇ ମୁଖ୍ୟ କାର୍ଯ୍ୟାଳୟକୁ ନିଆଯାଇ ପଚରାଉଚରା କରାଯିବା ପରେ କୋର୍ଟ ଚାଲାଣ କରାଯାଇଥିଲା। ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିନେତ୍ରୀ ରାନ୍ୟା ବାରମ୍ବାର ଦୁବାଇ ଗସ୍ତ କରୁଥିବାରୁ ତାଙ୍କ ଉପରେ ଡିଆର୍‌ଆଇର ସନ୍ଦେହ ବଢ଼ିଥିଲା। ଏପରି କି ଗତ ୧୫ ଦିନରେ ସେ ୪ଥର ଦୁବାଇ ଗସ୍ତ କରିଛନ୍ତି। ତାଙ୍କ ବାପା ବରିଷ୍ଠ ପୋଲିସ ଅଧିକାରୀ ହୋଇଥିବାରୁ ସେ ବିମାନରୁ ଓହ୍ଲାଇବା ପରେ ପୋଲିସ କର୍ମଚାରୀଙ୍କୁ ଡାକି ସେମାନଙ୍କ ମାଧ୍ୟମରେ ବିମାନବନ୍ଦରରୁ ବାହାରକୁ ସହଜରେ ଆସୁଥିବାରୁ କେହି କିଛି ଜାଣିପାରୁ ନ ଥିଲେ। ବୁଧବାର ସେ ଭଡ଼ାରେ ରହୁଥିବା ଲାଭେଲେ ରୋଡ୍‌ସ୍ଥିତ ଫ୍ଲାଟରେ ଚଢ଼ାଉ କରାଯାଇଥିଲା। ସେଠାରୁ ୨.୦୬କୋଟି ଟଙ୍କାର ସୁନା ଏବଂ ୨.୬୭କୋଟି ନଗଦ ଟଙ୍କା ଜବତ କରାଯାଇଛି। ସେ ଉକ୍ତ ଘରକୁ ମାସିକ ୪.୫ଲକ୍ଷ ଟଙ୍କାରେ ଭଡ଼ାରେ ରହୁଥିବା ଜଣାପଡ଼ିଛି। ସୂଚନାଥାଉ କି, ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ଡିଜିପି ରାମଚନ୍ଦ୍ର ରାନ୍ୟାଙ୍କ ମା’ଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ରାନ୍ୟା ଗିରଫ ହେବାପରେ ତାଙ୍କଠାରୁ ରାମଚନ୍ଦ୍ର ନିଜକୁ ଦୂରେଇ ରଖିବାକୁ ଚାହିଁଛନ୍ତି। ପ୍ରାୟ ୪ମାସ ହେଲା ଝିଅର ବିବାହ ପରଠାରୁ ସେ ତାଙ୍କ ସହ ସମ୍ପର୍କରେ ନାହାନ୍ତି ବୋଲି ରାମଚନ୍ଦ୍ର କହିଛନ୍ତି। ପ୍ରକାଶ ଯେ, ଅଭିନେତ୍ରୀ ରାନ୍ୟା କନ୍ନଡ଼ ସୁପରଷ୍ଟାର ସୁଦୀପଙ୍କ ସହ ଫିଲ୍ମ ମାଣିକ୍ୟରେ କାର୍ଯ୍ୟ କରିଛନ୍ତି। ସେ ଏକାଧିକ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରରେ ମଧ୍ୟ କାର୍ଯ୍ୟ କରିଛନ୍ତି।

## ଗୁଣି ଗାରେଡ଼ିକୁ ନେଇ ଗୋଷ୍ଠୀ ...

ଶ୍ରୀବସ୍ତ ରଣାଙ୍କ ପରିବାର ମଧ୍ୟରେ ଦୀର୍ଘଦିନରୁ ବିବାଦ ଲାଗି ରହିଥିଲା, ଯାହାକି ମଙ୍ଗଳବାର ରାତିରେ ଉଗ୍ରରୂପ ନେଇଥିଲା। ପଡ଼ୋଶୀ ବାଗ ପରିବାର ଗୁଣିଗାରେଡ଼ି କରୁଥିବାରୁ ରଣା ପରିବାର ସଦସ୍ୟ ଅସୁସ୍ଥ ହୋଇପଡୁଥିବା ସନ୍ଦେହ କରୁଥିଲେ। ଘଟଣା ଦିନ ରାତିରେ ଗୁଣିଗାରେଡିକୁ ନେଇ ଉଭୟ ପରିବାର ମୁହାଁମୁହିଁ ହୋଇଥିଲେ। ଶ୍ୟାମ ବାଗ ଏଭଳି ଅଭିଯୋଗକୁ ନେଇ କୁଆଡ଼େ ପ୍ରତିବାଦ କରିଥିଲେ। ଏହାପରେ



ମୃତ ଶ୍ୟାମସୁନ୍ଦର ବାଗ

ଯୁକ୍ତିତର୍କ ଏବଂ ମାରପିଟ ଆରମ୍ଭ ହୋଇଥିଲା। ଏହାପରେ ରଣା ପରିବାର ସଦସ୍ୟଙ୍କ ସଂଘବଦ୍ଧ ଆକ୍ରମଣରେ ଯୁଗଧରଙ୍କ ପୁଅ ଶ୍ୟାମଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଶ୍ୟାମଙ୍କ ସ୍ତ୍ରୀ ଶୁଭକାନ୍ତି ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଶ୍ୟାମଙ୍କ ବାପା ଯୁଗଧର ଏବଂ ମା’ ରାଧିକା ଆହତ ହୋଇଛନ୍ତି। ଅପରପକ୍ଷେ ରଣା ପରିବାରର ବାଳଗୋପାଳ ରଣା ଏବଂ ତାଙ୍କ ମା’ ତ୍ରିପୁରା ରଣା ମଧ୍ୟ ଆହତ ହୋଇଛନ୍ତି। ଆହତ ୪ ଜଣଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶ୍ୟାମଙ୍କ ସ୍ତ୍ରୀ ଶୁଭକାନ୍ତିଙ୍କ ଅଭିଯୋଗକ୍ରମେ ତୁଷରା ଥାନାରେ ଏକ ମାମଲା (୬୨/୨୫) ରୁଜୁ କରାଯାଇଛି। ବଲାଙ୍ଗୀର ଏସ୍‌ପି ଅଭିଳାଷ ଜି ଗଣମାଧ୍ୟମକୁ ଗୁଣିଗାରେଡ଼ି ସନ୍ଦେହରୁ ଏହି ହତ୍ୟାକାଣ୍ଡ ହୋଇଥିବା ସୂଚନା ଦେଇଛନ୍ତି। ସାଇଣ୍ଟିଫିକ୍ ଟିମ୍ ବୁଧବାର ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛନ୍ତି। ସଦର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ, ତୁଷରା ଥାନାଧିକାରୀ ମନୋଜ ପ୍ରଧାନ ଏବଂ ଟିମ୍ ଘଟଣାର ତଦନ୍ତ ଜାରି ରଖିଛନ୍ତି।

## ଆୟକର ଅଧିକାରୀଙ୍କୁ ...

ଏଭଳି ଦାବି ପାଇଁ ସେମାନଙ୍କୁ ଅନେକ ସମୟରେ ଆଇନଗତ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିଥାଏ। କିନ୍ତୁ ନୂଆ ବିଲ୍‌ରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେ, ଟିକସ ଅଧିକାରୀମାନେ ଡିଜିଟାଲ ଆସେଟ୍ସର ପାସ୍‌ୱାର୍ଡ ମାଗିପାରିବେ। ଯଦି ଜଣେ ଟିକସଦାତା ତାହା ଦେବାକୁ ମନାକରନ୍ତି, ତେବେ ସେମାନେ ପାସ୍‌ୱାର୍ଡ ବାଇପାସ୍ କରିପାରିବେ। ଏପରି କି ଆକାଉଣ୍ଟର ସିକ୍ୟୁରିଟି ସେଟିଂସକୁ ନିଷ୍କ୍ରିୟ କରାଇ ତାକୁ ନିଜ ଆୟତ୍ତକୁ ନେବା ପରେ ପୁନଃ ସଚଳ କରାଇପାରିବେ। ୨୦୨୬ ଏପ୍ରିଲ ପହିଲାରୁ ଏହା ଲାଗୁ ହେଲେ ଜଣେ ବ୍ୟକ୍ତିଙ୍କ ଜନ୍ମତାରିଖ, ଜନ୍ମସ୍ଥାନ, ପରିବାର ସଦସ୍ୟ, ସମ୍ପର୍କୀୟ,

### ଆଇଟି ଅଧିକାରୀଙ୍କୁ ଯାଞ୍ଚ କ୍ଷମତା

୧. ଇ–ମେଲ୍ ସର୍ଭର
୨. ସୋସିଆଲ ମିଡିଆ ଆକାଉଣ୍ଟ
୩. ଅନ୍‌ଲାଇନ ନିବେଶ ଆକାଉଣ୍ଟ, ଟ୍ରେଡିଂ ଆକାଉଣ୍ଟ, ବ୍ୟାଙ୍କ ଆକାଉଣ୍ଟ
୪. କୌଣସି ସମ୍ପତ୍ତି ମାଲିକାନା ସମ୍ପର୍କିତ ତଥ୍ୟ ମହଜୁଦ ଥିବା ୱେବ୍‌ସାଇଟ୍
୫. ରିମୋଟ୍ ସର୍ଭର ବା କ୍ଲାଉଡ୍ ସର୍ଭର
୬. ଡିଜିଟାଲ ଆପ୍ଲିକେଶନ୍ ପ୍ଲାଟ୍‌ଫର୍ମ
୭. ଏଭଳି ବୈଶିଷ୍ଟ୍ୟ ସମ୍ବଳିତ ଅନ୍ୟ ସ୍ପେସ୍

ଚାଟିଂ ମେସେଜ୍ ଭଳି ଅନ୍ତରଙ୍ଗ ଓ ଗୋପନୀୟ ତଥ୍ୟ ହାସଲ କରିପାରିବେ। ନିକଟ ଅତୀତରେ ଅନେକ ସରକାରୀ ଯୋଜନାରେ ସଂଗୃହୀତ ହିତାଧିକାରୀଙ୍କ ଗୋପନୀୟ ତଥ୍ୟ ଡାର୍କୱେବ୍‌ରେ ଉପଲବ୍ଧ ହୋଇଥିବାର ଅନେକ ଦୃଷ୍ଟାନ୍ତ ରହିଛି। ତେଣୁ କମ୍ପ୍ୟୁଟର, ଲାପ୍‌ଟପ୍ ଓ ଭର୍ଚୁଆଲ ଡିଜିଟାଲ ସ୍ପେସ୍‌କୁ ଅବାଧ ଆକ୍ସେସ୍ କରାଯିବା ନେଇ ପ୍ରଦତ୍ତ କ୍ଷମତା ଉପରେ ବିଶେଷଜ୍ଞମାନେ ଚିନ୍ତାପ୍ରକଟ କରିଛନ୍ତି। ନଙ୍ଗିଆ ଆଣ୍ଡରସର୍ନ ଏଲ୍‌ଏଲ୍‌ପି ପାର୍ଟନର ତଥା ଆଇନ ବିଶାରଦ ବିଶ୍ୱାସ ପଞ୍ଜିଆର ରଏଟର୍ସକୁ କହିଛନ୍ତି, ୧୯୬୧ରେ ପ୍ରଣୀତ ଆଇନଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ। ନୂଆ ଆଇନରେ ଆଇଟି ଅଧିକାରୀମାନଙ୍କୁ ନିରଙ୍କୁଶ କ୍ଷମତା ପ୍ରଦାନ କରାଗଲେ ସେମାନେ ଟିକସଦାତାଙ୍କୁ ହଇରାଣ କରିପାରନ୍ତି। ଏପରି କି ଅନାବଶ୍ୟକ ଭାବେ ବ୍ୟକ୍ତିଗତ ଡେଟା ମଧ୍ୟ ହାତେଇପାରନ୍ତି। ସେହିପରି ଖୈତାନ ଆଣ୍ଡ କୋ ପାର୍ଟନର ସଞ୍ଜୟ ସାଂଘଭି କହିଛନ୍ତି, ଟିକସ ଅଧିକାରୀମାନେ ପୂର୍ବରୁ ଡିଜିଟାଲ ଆକ୍ସେସ୍ ପାଇଁ ଅନୁରୋଧ କରୁଥିଲେ। କିନ୍ତୁ ନୂଆ ଆଇନ ସେମାନଙ୍କୁ ଏହି କାର୍ଯ୍ୟ ପାଇଁ ସ୍ୱତଃ କ୍ଷମତା ପ୍ରଦାନ କରିଛି। ନୂଆ ବିଲ୍‌ରେ ଗ୍ରେ ଏରିଆକୁ ହଟାଇ ଦିଆଯାଇଛି। ଫଳରେ ଟିକସଦାତା ସେମାନଙ୍କୁ ଏହିସବୁ ତଥ୍ୟ ହସ୍ତାନ୍ତର କରିବାକୁ ଆଇନତଃ ବାଧହେବେ ବୋଲି ସାଂଘଭି ଚିନ୍ତାବ୍ୟକ୍ତ କରିଛନ୍ତି।

## କ୍ୟାବିନେଟ୍‌ରେ ଉପସ୍ଥାପନ ...

କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅରିନ୍ଦମ ସିହ୍ନା ଓ ବିଚାରପତି ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି। ଆସନ୍ତା ୧୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଜଣାପଡିଛି। ମାମଲାର ବିବରଣୀ ଅନୁସାରେ, ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କରୁଥିଲେ ଜଷ୍ଟିସ୍ ରଘୁବର ଦାସ କମିଶନ। କମିଶନ ତାଙ୍କର ତଦନ୍ତ ଶେଷକରି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିସାରିଛନ୍ତି। ତେବେ ରତ୍ନଭଣ୍ଡାର ଚାବି ହଜିବା ଘଟଣା ରିପୋର୍ଟ ସାର୍ବଜନୀନ କରିବା ନିମନ୍ତେ ପୁରୀର ଦିଲୀପ ବରାଳ ହାଇକୋର୍ଟରେ ଆବେଦନ କରିଥିଲେ। ଏହି ଘଟଣାରେ କେଉଁମାନେ ସମ୍ପୃକ୍ତ, ଚାବି ହଜିବା ପରେ ପୁଣି ଚାବି କିପରି ମିଳିଲା, ଏନେଇ ରତ୍ନଭଣ୍ଡାରରେ ରତ୍ନ ସୁରକ୍ଷିତ ରହିଛି କି ନାହିଁ ସେସବୁ ବିଷୟରେ ଜାଣିବା ରାଜ୍ୟବାସୀଙ୍କର ହକ୍ ରହିଛି। ତେଣୁ ରାଜ୍ୟ ସରକାର ରଘୁବର ଦାସ କମିଶନଙ୍କ ତଦନ୍ତ ରିପୋର୍ଟ ସାର୍ବଜନୀନ କରିବା ନିମନ୍ତେ ହାଇକୋର୍ଟ ଆଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ।

# ବିଜୁବାବୁଙ୍କ ପ୍ରତ୍ୟେକ ପଦକ୍ଷେପ ପ୍ରେରଣାଦାୟୀ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର ସୂଚନା ଭବନରେ ବୁଧବାର ଆୟୋଜିତ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ା, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ ଓ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂହ।

ଭୁବନେଶ୍ୱର,୫।୩ (ସୌମ୍ୟରଞ୍ଜନ ରାଉତ)

**ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ**

ବିଜୁବାବୁ ଥିଲେ ଓଡ଼ିଶାର ପଥ ପ୍ରଦର୍ଶକ। ତାଙ୍କର ପ୍ରତ୍ୟେକଟି ପଦକ୍ଷେପ ଆମକୁ ପ୍ରେରଣା ଦେଉଛି। ଓଡ଼ିଶା ପାଇଁ ସେ ଦେଖିଥିବା ସ୍ୱପ୍ନକୁ ପୂରଣ କରିବା ପାଇଁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଉଦ୍ୟମ କରିଥିଲେ। ଓଡ଼ିଶାର ଶିଳ୍ପାୟନ, ମହିଳାମାନଙ୍କ ସଶକ୍ତୀକରଣ ତାଙ୍କର ସ୍ୱପ୍ନ ଥିଲା। ବିଜୁବାବୁଙ୍କ ସ୍ୱପ୍ନ ଓ ଆମ ସରକାରଙ୍କ କାର୍ଯ୍ୟକ୍ରମ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ବିଜୁବାବୁ ଓଡ଼ିଶା ପାଇଁ ଯେଉଁସବୁ ସ୍ୱପ୍ନ ଦେଖିଥିଲେ, ତାକୁ ଆମ ସରକାର ପୂରଣ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଯୋଗଦେଇ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ, ବିଜୁବାବୁ ଶିଳ୍ପ କ୍ଷେତ୍ରକୁ ବହୁତ ପ୍ରାଧାନ୍ୟ ଦେଉଥିଲେ। ସେ ନିଜେ ଅନେକ କାରଖାନା ପ୍ରତିଷ୍ଠା କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସବୁଗୁଡ଼ିକୁ ସରକାରଙ୍କୁ ଦେଇ ଦେଇଥିଲେ। ଶିଳ୍ପ, ପଞ୍ଚାୟତିରାଜ, ମହିଳା ସଶକ୍ତୀକରଣ କ୍ଷେତ୍ରରେ ଓଡ଼ିଶାକୁ ସମୃଦ୍ଧ କରିବାରେ ତାଙ୍କର ଚିନ୍ତାଧାରା ଥିଲା ଅନନ୍ୟ। ଆଜି ଆମ ସରକାର ବିଜୁବାବୁଙ୍କ ସେହି ପଥକୁ ଅନୁସରଣ କରୁଛି। ତାଙ୍କ ମାର୍ଗରେ ପରିଚାଳିତ ହୋଇ ଏକ କୋଟିରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରି ବିଜୁବାବୁଙ୍କ ମହିଳା ସଶକ୍ତୀକରଣର ସ୍ୱପ୍ନକୁ ସାକାର କରିବାକୁ ଆମେ ଯାଉଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ବିଜୁ ବାବୁଙ୍କ ଜୀବନୀ ସମ୍ପର୍କିତ ଏକ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଓ ଶକ୍ତି ମନ୍ତ୍ରୀ କନକବର୍ଦ୍ଧନ ସିଂହ ଦେଓ ବିଜୁ ବାବୁଙ୍କ ସହିତ ତାଙ୍କର ବ୍ୟକ୍ତିଗତ ରାଜନୈତିକ ଅନୁଭବକୁ ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ, ବିଜୁ ବାବୁ ସବୁବେଳେ ତୃଣମୂଳସ୍ତରର ଲୋକଙ୍କ ସେବା କରିବା ଉପରେ ଗୁରୁତ୍ୱାରୋପ କରୁଥିଲେ। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଲେ, ବିଜୁ ପଟ୍ଟନାୟକ ଏକ ନାଁ ନୁହେଁ କିମ୍ବା ଗୋଟିଏ ଅନୁଷ୍ଠାନ ନୁହେଁ, ସେ ଥିଲେ ଅନେକ ଅନୁଷ୍ଠାନର ସମାହାର। ତାଙ୍କ ନୀତି ଓ ଆଦର୍ଶକୁ ଆମେ ସମସ୍ତେ ଅନୁସରଣ କରିବା ଆବଶ୍ୟକ। ମୁଖ୍ୟବକ୍ତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ ପ୍ରତିକୂଳ ପରିସ୍ଥିତିରେ ଜୀବନର ଅନେକ ଆହ୍ୱାନର ସମ୍ମୁଖୀନ ହୋଇ ବିଜୁବାବୁ ନିଜ ପାଇଁ ଓ ରାଜ୍ୟ ପାଇଁ ଅନେକ ଗୌରବ ଆଣିଥିଲେ ବୋଲି କହିଥିଲେ। ଆଜିର ନୂଆ ସରକାର ମଧ୍ୟ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ନିଷ୍ଠାର ସହିତ କାମ କରୁଛି ବୋଲି ଘଡ଼େଇ କହିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂହ ସ୍ୱାଗତ ଭାଷଣ ଦେଇଥିଲେ।

**ନବୀନ ଆସିଲେନି, କଢ଼ାଗଲା ଚେୟାର**

ସରକାର ସୂଚନା ଭବନଠାରେ ଆୟୋଜନ କରିଥିବା ରାଜ୍ୟସ୍ତରୀୟ ବିଜୁ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ନବୀନ ପଟ୍ଟନାୟକଙ୍କୁ ବିଶିଷ୍ଟ ଅତିଥି ଭାବେ ନିମନ୍ତ୍ରଣ କରିଥିଲେ। ହେଲେ ନବୀନ ନ ଆସିବାରୁ କାର୍ଯ୍ୟକ୍ରମ ମଞ୍ଚରେ ତାଙ୍କର ବସିବା ଲାଗି ପଡ଼ିଥିବା ଚେୟାରକୁ କାଢ଼ି ନିଆଯାଇଥିଲା।

# ୩ ଘରୋଇ ମେଡିକାଲ କଲେଜରେ ଇଡି ଯାଞ୍ଚ

ଭୁବନେଶ୍ୱର,୫।୩(ସତ୍ୟଜିତ୍ ରାଉତ)

ରାଜ୍ୟର ୩ ଘରୋଇ ମେଡିକାଲ କଲେଜରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବୁଧବାର ଯାଞ୍ଚ କରାଯାଇଛି। ନନ୍ ରେସିଡେଣ୍ଟ ଇଣ୍ଡିଆନ (ଏନ୍‌ଆର୍‌ଆଇ) କୋଟାରେ ନାମଲେଖା ଜାଲିଆତି ଅଭିଯୋଗରେ ଏହି ଯାଞ୍ଚ ଚାଲିଥିବା ସୂଚନା ମିଳିଛି। କୋଲ୍‌କାତା ଇଡି କାର୍ଯ୍ୟାଳୟର ୮ଟି ଟିମ୍ ରାଉରକେଲା ଓ ଭୁବନେଶ୍ୱରରେ ପହଞ୍ଚି ହସ୍ପିଟାଲଗୁଡ଼ିକରେ ଖୋଳତାଡ଼ ଜାରି ରଖିଛନ୍ତି। ଏନ୍‌ଆର୍‌ଆଇ କୋଟାରେ ଜାଲିଆତି ନେଇ କୋଲ୍‌କାତା ଇଡି ତଦନ୍ତ ଜାରି ରଖିଥିବାବେଳେ ଏଥିରେ ଓଡ଼ିଶା ଲିଙ୍କ୍ ଆସିଥିବାରୁ ଏହି ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି। ପୂର୍ବରୁ ଏହି ମାମଲାରେ ଗତ ଡିସେମ୍ବର ୩ରେ ଇଡି ପକ୍ଷରୁ ପଶ୍ଚିମବଙ୍ଗର ୮ଟି ଘରୋଇ ମେଡିକାଲ କଲେଜରେ ଚଢ଼ାଉ କରାଯାଇଥିଲା। ଭାରତରେ ଥିବା ମେଡିକାଲ କଲେଜରେ ଏନ୍‌ଆର୍‌ଆଇଙ୍କ ପାଇଁ ମେଡିକାଲ ସିଟ୍ ସଂରକ୍ଷଣ ଥିବାବେଳେ ଏହି କ୍ଷେତ୍ରରେ ବ୍ୟାପକ ଜାଲିଆତି କରାଯାଇ ନାମଲେଖା ହୋଇଥିବା ଇଡି ପ୍ରମାଣ ପାଇ ତଦନ୍ତ ଜାରି ରଖିଛି।

# ୪୦ ଡିଗ୍ରୀ ଟପିବ ତାତି

ଭୁବନେଶ୍ୱର,୫।୩(ଅନୁରାଧା ମହାରଣା)

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ଆସନ୍ତା ୩ଦିନ ପର୍ଯ୍ୟନ୍ତ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବନାହିଁ, ମାତ୍ର ପରବର୍ତ୍ତୀ ୨ଦିନରେ ତାପମାତ୍ରା ୪୦ ଡିଗ୍ରୀ ଟପିବ। ସେହିପରି ଆସନ୍ତା ୪ରୁ ୫ଦିନ ପର୍ଯ୍ୟନ୍ତ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବୁଧବାର ବୌଦ୍ଧରେ ଦିନ ତାପମାତ୍ରା ସର୍ବାଧିକ ୩୮.୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ମାଲକାନଗିରିରେ ୩୭.୫, ଅନୁଗୋଳ ୩୭.୧, ଝାରସୁଗୁଡ଼ା ୩୬.୨, ଭୁବନେଶ୍ୱର ୩୫ ଓ କଟକରେ ୩୪ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଛି।




# ପୋଖରୀରେ ବୁଡ଼ି ୨ ନାବାଳକ ଛାତ୍ର ମୃତ

ମାର୍ଶାଘାଇ,୫।୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ଖୁରୁଷିଆ ପଞ୍ଚାୟତ ବାନ୍ଧକୁଦ ଗ୍ରାମରେ ୨ ନାବାଳକ ଛାତ୍ରଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ଏହି ଘଟଣା ସେହି ଗ୍ରାମରେ ଶୋକର ଛାୟା ଖେଳାଇ ଦେଇଛି। ମୃତକ ହେଲେ ବାନ୍ଧକୁଦ ଗ୍ରାମର ସଞ୍ଜୟ ମହାପାତ୍ରଙ୍କ ପୁଅ ଦୁର୍ଗା ପ୍ରସାଦ(୧୩) ଓ ମନୋରଞ୍ଜନ ମହାପାତ୍ରଙ୍କ ପୁଅ ଦୀପାଂଶୁ (୧୩)। ଉଭୟେ ନିକଟସ୍ଥ ଖୁରୁଷିଆପାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ର। ସବୁଦିନ ପରି ମଙ୍ଗଳବାର ସେମାନେ ସ୍କୁଲ ଛୁଟି ପରେ ଗ୍ରାମର ଜଣେ ସାର୍‌ଙ୍କ ପାଖକୁ ଟ୍ୟୁଶନ ହେବାକୁ ଯାଇଥିଲେ। ମାତ୍ର ରାତି ୧୦ଟା ପର୍ଯ୍ୟନ୍ତ ସେମାନେ ଘରକୁ ନ ଫେରିବାରୁ ଉଭୟଙ୍କ ପରିବାର ଲୋକେ ବ୍ୟସ୍ତ ହୋଇ ପଡ଼ିଥିଲେ। ଟ୍ୟୁଶନ ସାର୍‌ଙ୍କୁ ଫୋନ୍ କରିବାରୁ ସେମାନେ ଆଜି ପଢ଼ିବାକୁ ଆସି ନ ଥିଲେ ବୋଲି କହିଥିଲେ। କପିଳେଶ୍ୱରଙ୍କ ନିକଟରେ ଯଜ୍ଞ ହେଉଥିବାରୁ ପିଲାଦ୍ୱୟ ସେଠାକୁ ଯାଇଥିବେ ଭାବି ଉଭୟ ପରିବାର ଲୋକମାନେ ସେଠାକୁ ଯାଇ ଖୋଜାଖୋଜି କରିଥିଲେ। ହେଲେ ସେଠାରେ କାହାର ପତ୍ତା ମିଳି ନ ଥିଲା। ଶେଷରେ ପରିବାର ଲୋକଙ୍କ ସହ ଗ୍ରାମବାସୀ ଗାଁଠାରୁ ୨କିମି ଦୂରରେ ଥିବା ମା’ବ୍ରହ୍ମଣୀଙ୍କ ପୀଠକୁ ଖୋଜିବାକୁ ଯାଇଥିଲେ। ସେଠାରେ ସେମାନେ ଏକ ସାଇକେଲ ଓ ପଲିଥିନରେ ଥିବା ବହିଖାତା ପାଇଥିଲେ। ମାତ୍ର ପିଲାଦ୍ୱୟ ନ ଥିଲେ। ମା’ଙ୍କ ପୀଠ ପଛପାଖରେ ଥିବା ପୋଖରୀକୁ ଗ୍ରାମବାସୀ ଟର୍ଚ୍ଚ ମାରି ଦେଖିଲା ବେଳକୁ ୨ ପିଲା ପାଣିରେ ଭାସୁଥିଲେ। ଗ୍ରାମବାସୀ ପୋଖରୀରେ ପଶି ଉଭୟଙ୍କୁ କୂଳକୁ ଆଣିଥିଲେ। ହେଲେ ସେତେବେଳକୁ ଉଭୟଙ୍କ ମୃତ୍ୟୁ ଘଟିସାରିଥିଲା। ମାର୍ଶାଘାଇ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଡାକ୍ତରଖାନାକୁ ପଠାଇଥିଲା। ଏ ନେଇ ପୋଲିସ ୨ ଅପମୃତ୍ୟୁ ମାମଲା(ନଂ. ୧/୨୫ ଓ ୨/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଅନୁମାନ କରାଯାଉଛି ନାବାଳକଦ୍ୱୟ ପୋଖରୀ କୂଳରେ ପହଞ୍ଚି କାଗଜରେ ଡଙ୍ଗା କରି ଭସାଉ ଥିଲେ। ଏହି ସମୟରେ ଜଣେ କେହି ପ୍ରଥମେ ପାଣିକୁ ଖସି ପଡିବାରୁ ଅନ୍ୟ ଜଣେ ତାଙ୍କୁ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ। ଶେଷରେ ଦୁହେଁ ଗଭୀର ଜଳକୁ ଚାଲିଯାଇଥିଲେ। ପହଁରା ଶିଖି ନ ଥିବାରୁ ଉଭୟ ବୁଡ଼ି ଯାଇଥିଲେ। ମା’ଙ୍କ ପୀଠ ନିଛାଟିଆ। ଲୋକଙ୍କ ଯାତାୟାତ ନ ଥିବାରୁ ଏହି ଘଟଣାକୁ କେହି ଜାଣିପାରି ନ ଥିଲେ। ମୃତ ଛାତ୍ରଦ୍ୱୟ ଉଭୟ ଦମ୍ପତିଙ୍କ ଜଣେ ଲେଖାଏ ପୁଅ ଥିଲେ ବୋଲି ଗ୍ରାମବାସୀ କହିଛନ୍ତି।

ଧରିତ୍ରୀ DHARITRI Oriya daily
ଧରିତ୍ରୀ 51 Years
WANTED

| POSITION | ELIGIBILITY | LOCATION |
| --- | --- | --- |
| LAYOUT DESIGNERS (ADVERTISEMENT) | ▸ Candidate should have expertise in Ad Layout & Designing of pages for print media.<br>▸ Minimum 3 years + experience in print media.<br>▸ Proficiency in InDesign, Photoshop, MS Office & CorelDRAW is a must.<br>▸ Well-versed in Odia, English & Hindi typing. | BHUBANESWAR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

# ଗଛରେ ପିଟିହୋଇ କେନାଲକୁ ଖସିଲା ବାଇକ୍, ୨ ଛାତ୍ର ମୃତ

ବ୍ରହ୍ମପୁର,୫।୩(ସୁବାସ ଚନ୍ଦ୍ର ପାଢ଼ୀ)

**ଜଣେ ଦେଇପାରିଲେନି ଶେଷ ଦିନର ମାଟ୍ରିକ୍ ପରୀକ୍ଷା**

ଗଞ୍ଜାମ ଜିଲା କୁକୁଡାଖଣ୍ଡି ବ୍ଲକ ପାଣ୍ଡିଆଖୋଲି ନିକଟରେ ମଙ୍ଗଳବାର ରାତିରେ ଏକ ବାଇକ୍ ଗଛରେ ଧକ୍କା ହୋଇ କେନାଲରେ ପଶିଯିବାରୁ ୨ ଛାତ୍ରଙ୍କ ଜୀବନ ଯାଇଛି। ସେମାନେ ରୋହିଗାଁ ପଞ୍ଚାୟତ ପାଣ୍ଡିଆଖୋଲି ଗ୍ରାମର ରବୀନ୍ଦ୍ର ଗୌଡଙ୍କ ପୁଅ କ୍ଷମାପ୍ରସାଦ ଗୌଡ (୧୫) ଓ ସୁଶାନ୍ତ ସେଠୀଙ୍କ ପୁଅ ପ୍ରୀତମ ସେଠୀ (୧୪)। କ୍ଷମାପ୍ରସାଦ ମାଟ୍ରିକ୍ ପରୀକ୍ଷା ଦେଉଥିବାବେଳେ ତାଙ୍କର ଗୁରୁବାର ଶେଷ ଦିନର ପରୀକ୍ଷା ବାକି ଥିଲା। ସେହିପରି ପ୍ରୀତମ ନବମ ଶ୍ରେଣୀ ଛାତ୍ର ଥିଲେ। ପିଲାଙ୍କୁ ପାଠ ପଢ଼ାଇ ଉଚ୍ଚଶିକ୍ଷିତ କରିବା ପାଇଁ ମା’ବାପା ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଚୂରମାର ହୋଇଯାଇଛି। ବୁଧବାର ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ସେମାନଙ୍କ ଜୁଇ ଜଳିଛି।

କ୍ଷମାପ୍ରସାଦ ମଙ୍ଗଳବାର ପରୀକ୍ଷା ଦେଇ ଆସି ଘରେ ଥିଲେ। ରାତି ପ୍ରାୟ ୯ଟାରେ ସେ ତାଙ୍କ ପିଉସୀ ପୁଅଙ୍କଠାରୁ ପଲ୍‌ସର ବାଇକ୍ ଆଣି ପ୍ରୀତମଙ୍କୁ ବସାଇ ବୁଲିବାକୁ ବାହାରିଥିଲେ। ଗାଁର ଆଉ ୨ ଜଣ ନାବାଳକ ଏକ୍ସେଲ ଗାଡିରେ ସେମାନଙ୍କ ସହ ଯାଇଥିଲେ। କ୍ଷମାପ୍ରସାଦ ଗାଁ ନିକଟ ଦେଇ ଯାଇଥବା ଋଷିକୁଲ୍ୟା ନଦୀର ଗାର୍ଡୱାଲ ବିହୀନ ମୁଖ୍ୟ କେନାଲ ସେତୁ ଅତିକ୍ରମ କରୁଥିବାବେଳେ ଗଛରେ ପିଟିହୋଇ ପ୍ରାୟ ୨୫ ଫୁଟ ତଳକୁ କେନାଲରେ ଖସି ପଡିଥିଲେ। ଗ୍ରାମବାସୀ ଏହା ଶୁଣିବା ପରେ ମୁମୂର୍ଷୁ ଅବସ୍ଥାରେ ଥିବା କ୍ଷମାପ୍ରସାଦ ଓ ପ୍ରୀତମଙ୍କୁ ଉଦ୍ଧାର କରି ବଡ ମେଡିକାଲ ନେଇଥିଲେ। ସେଠାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ସଦର ଥାନା ପୋଲିସ କେନାଲ ଭିତରେ ପଡିଥିବା ବାଇକ୍‌କୁ ଜବତ କରିଥିଲା। ମେଡିକାଲରେ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରିଥିଲା।




ଏକ ବଣୁଆ ହାତୀ ବୁଧବାର ସକାଳ ପ୍ରାୟ ୯ଟାରେ ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଜାରକାଠାରେ ଘୂରି ବୁଲିଥିଲା। ଏଥିଯୋଗୁ ରାଜପଥରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା।




# ଆଜି ସୁଭଦ୍ରା ପ୍ରଥମ କିସ୍ତି ୫ମ ପର୍ଯ୍ୟାୟ ଟଙ୍କା

ଭୁବନେଶ୍ୱର,୫।୩ (ଅନୁରାଧା ମହାରଣା)

- ପ୍ରତି ଘର ବୁଲି ହିତାଧିକାରୀଙ୍କୁ ଚିହ୍ନଟ କରାଯିବ
- ରାଖୀପୂର୍ଣ୍ଣିମାରେ ଏକାଥରେ ପାଇବେ ୩ କିସ୍ତି

ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାରେ ଅର୍ଥରାଶି ପାଇବା ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୧ କୋଟି ୮ ଲକ୍ଷ ମହିଳା ଆବେଦନ କରିସାରିଛନ୍ତି। ଗୁରୁବାର ପଞ୍ଚମ ପର୍ଯ୍ୟାୟରେ ପ୍ରାୟ ୧ ଲକ୍ଷ ୭୦ ହଜାର ମହିଳାଙ୍କୁ ପ୍ରଥମ କିସ୍ତି ପ୍ରଦାନ କରାଯିବ। ଉକ୍ତଦିନ ହିତାଧିକାରୀଙ୍କ ସଂଖ୍ୟା ୧ କୋଟି ଟପିବ। ସର୍ଭେ ପରେ ଅବଶିଷ୍ଟ ହିତାଧିକାରୀଙ୍କୁ ଆସନ୍ତା ରାଖୀ ପୂର୍ଣ୍ଣିମାରେ ଏକ ସଙ୍ଗେ ୩ଟି କିସ୍ତି ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୁଧବାର ସୂଚନା ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି, ସୁଭଦ୍ରା ଯୋଜନାରୁ ଯେପରି କୌଣସି ଯୋଗ୍ୟ ହିତାଧିକାରୀ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଘର ଘର ବୁଲି ହିତାଧିକାରୀଙ୍କୁ ଚିହ୍ନଟ କରାଯିବ। ମାର୍ଚ୍ଚ ୩୧ ତାରିଖରେ ଆବେଦନ ପ୍ରକ୍ରିୟାକୁ ବନ୍ଦ ରଖି ସର୍ଭେ କରିବା ପାଇଁ ସରକାରଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଅଧିକାରୀମାନେ ଦ୍ୱାରକୁ ଦ୍ୱାର ଯାଇ ୱାନ ଟୁ ୱାନ ସର୍ଭେ କରିବେ।

# କେନ୍ଦ୍ରାପଡ଼ା ଯିବାକୁ ସାରଥିଙ୍କୁ ସର୍ତ୍ତମୂଳକ ଅନୁମତି

କଟକ,୫।୩ (କାର୍ତ୍ତିକ ସାହୁ)

**ଭାଇଙ୍କ ଅସୁସ୍ଥତା ଦର୍ଶାଇ ହାଇକୋର୍ଟରେ ଆବେଦନ କରିଥିଲେ**

ସନ୍ତୋଷ ରାଉଳ ଓରଫ ସାରଥିଙ୍କୁ କେନ୍ଦ୍ରାପଡ଼ା ଯିବା ନିମନ୍ତେ ହାଇକୋର୍ଟ ସର୍ତ୍ତମୂଳକ ଅନୁମତି ବୁଧବାର ପ୍ରଦାନ କରିଛନ୍ତି। କର୍କଟରେ ପୀଡିତ ହୋଇ ଚିକିତ୍ସିତ ହେଉଥିବା ତାଙ୍କ ଭାଇଙ୍କୁ ସାକ୍ଷାତ କରିବା ପାଇଁ ସାରଥି ୨ ମାସରେ ଥରେ କେନ୍ଦ୍ରାପଡ଼ା ଯାଇପାରିବେ। ମାତ୍ର ବାରିମୂଳ ଆଶ୍ରମକୁ ଯାଇପାରିବେ ନାହିଁ। କେନ୍ଦ୍ରାପଡ଼ାରେ ରାତ୍ରିଯାପନ ମଧ୍ୟ କରିପାରିବେ ନାହିଁ। ଏବେ ସେ ରହୁଥିବା କଟକ କିମ୍ବା ଭୁବନେଶ୍ୱରରୁ ବାହାରି କେନ୍ଦ୍ରାପଡ଼ାରେ ସକାଳ ୫.୩୦ରେ ପହଞ୍ଚିବେ। ପୁଣି ସନ୍ଧ୍ୟା ୫.୩୦ ବେଳକୁ ସେଠାରୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଯିବା ପୂର୍ବରୁ ସେ ରହୁଥିବା ଅଞ୍ଚଳର ପୋଲିସ ଓ କେନ୍ଦ୍ରାପଡ଼ା ପୋଲିସକୁ ଅବଗତ କରାଇବେ। ଏଥିସହ ତାଙ୍କ ମାମଲା ଚାଲିଥିବା ନିମ୍ନକୋର୍ଟଙ୍କୁ ମଧ୍ୟ ଜଣାଇବେ। କୋର୍ଟ ଏ ସଂକ୍ରାନ୍ତରେ ବ୍ୟବସ୍ଥା କରିବେ। ଏଥିସହ ଜାମିନବେଳେ ୨୦୦ରୁ ଅଧିକ ଲୋକ ସମାଗମ ନ କରିବାକୁ ରହିଥିବା ସର୍ତ୍ତ କୋହଳ ନିମନ୍ତେ ସେ କରିଥିବା ଆବେଦନ ଉପରେ ହାଇକୋର୍ଟ ସ୍ପଷ୍ଟ ମନା କରିଦେଇଛନ୍ତି। ହାଇକୋର୍ଟ ବିଚାରପତି ଆନନ୍ଦ ଚନ୍ଦ୍ର ବେହେରାଙ୍କ ଏକକିଆ ପୀଠ ଆବେଦନର ଶୁଣାଣି କରି ଏପରି ଆଦେଶ ଦେବା ସହ ତାଙ୍କର ଜାମିନବେଳେ ରହିଥିବା ଅନ୍ୟାନ୍ୟ ସର୍ତ୍ତଗୁଡ଼ିକ କାଏମ ରଖିଛନ୍ତି।

ସୂଚନାନୁସାରେ, ସାରଥିଙ୍କ ବଡ଼ ଭାଇ ବିଜୟ ରାଉଳ କର୍କଟ ରୋଗରେ ପୀଡ଼ିତ ଥାଇ କେମୋ ଥେରାପି ଦ୍ୱାରା ଚିକିତ୍ସିତ ହେଉଛନ୍ତି। ଭାଇଙ୍କ ଏଭଳି ଅବସ୍ଥାରେ ତାଙ୍କୁ ସାକ୍ଷାତ କରିବା ନିମନ୍ତେ ଅନୁମତି ଦେବାକୁ ସାରଥି ୨ ମାସ ତଳେ ହାଇକୋର୍ଟରେ ଆବେଦନ କରିଥିବା ନେଇ ତାଙ୍କ ମାମଲା ପରିଚାଳନା କରୁଥିବା ଆଇନଜୀବୀ ମାନସ ଚାନ୍ଦ ସୂଚନା ଦେଇଛନ୍ତି।

# ବଦଳିବ ସରକାରୀ ବିଦ୍ୟାଳୟର ରଙ୍ଗ

ଭୁବନେଶ୍ୱର,୫।୩ (ସୁଚିସ୍ମିତା ସାହୁ)

ଖୁବ୍‌ଶୀଘ୍ର ଓଡ଼ିଶାର ସରକାରୀ ବିଦ୍ୟାଳୟଗୁଡ଼ିକର ରଙ୍ଗ ବଦଳିବ। ପୂର୍ବ ସରକାରଙ୍କ ସମୟରେ ସରକାରୀ ବିଦ୍ୟାଳୟଗୁଡ଼ିକର ରଙ୍ଗ ସବୁଜ ଥିବାବେଳେ ଏବେ ଏହାକୁ ଗେରୁଆ ରଙ୍ଗ କରିବାକୁ ନିର୍ଦ୍ଦେଶ ହୋଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାଶଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ଏ ସଂକ୍ରାନ୍ତରେ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଶ୍ରୀ ସ୍କୁଲ ସମେତ ସମସ୍ତ ସରକାରୀ ବିଦ୍ୟାଳୟର ନିର୍ମାଣ, ମରାମତି ଏବଂ ନବୀକରଣ କାର୍ଯ୍ୟ ସହିତ ଅନୁମୋଦିତ ଗେରୁଆ ରଙ୍ଗ କୋଡ୍ ଗ୍ରହଣ କରିବା ପାଇଁ ସମ୍ପୃକ୍ତ କ୍ଷେତ୍ର ଅଧିକାରୀଙ୍କୁ ଉପଯୁକ୍ତ ନିର୍ଦ୍ଦେଶ ଜାରିକରିବାକୁ ଅନୁରୋଧ କରାଯାଇଛି।



## ଯୁବକଙ୍କୁ ଲୁହା ରଡ଼ରେ ଆକ୍ରମଣ

ତ୍ରିଶୂଳିଆ,(ତୁଷାରକାନ୍ତ ବେହେରା): ବାରଙ୍ଗ ଥାନା ଅଧୀନ ସାନମୁଣ୍ଡଳୀ ଗ୍ରାମର ସମ୍ବିତ କୁମାର ସାହୁଙ୍କୁ ତଳଗଡ଼ ଗ୍ରାମର ୨ ଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଥିବା ନେଇ ସେ ବୁଧବାର ଗୋଡ଼ିସାହି ଫାଣ୍ଡିରେ ଅଭିଯୋଗ କରିଛନ୍ତି। ତଳଗଡ଼ସ୍ଥିତ କେନ୍ଦ୍ରୀୟ କୁକ୍କୁଟ ପ୍ରଜନନ କେନ୍ଦ୍ରକୁ ସମ୍ବିତ ତାଙ୍କ ଭାଇଙ୍କ ସହ ଯାଇଥିଲେ। ସେଠାରେ କର୍ମଚାରୀ ଥିବା ତଳଗଡ଼ ଗ୍ରାମର ଲିଟୁ ମହାନ୍ତିଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ପରେ ଲିଟୁ ତାଙ୍କ ଭାଇ ଜିତୁ ମହାନ୍ତିଙ୍କୁ ସାଙ୍ଗରେ ଆଣି ସେଠାରେ ପହଞ୍ଚିଥିଲେ। ୨ ଭାଇ ମିଶି ସମ୍ବିତଙ୍କୁ ଏକ ଲୁହା ରଡ଼ରେ ଆକ୍ରମଣ କରିଥିଲେ।

**ସଂକ୍ଷେପରେ**

## 'ବିଜୁବାବୁ ଆଧୁନିକ ଓଡ଼ିଶାର ନିର୍ମାତା'

ଭୁବନେଶ୍ୱର,୫।୩(ସୁଚିସ୍ମିତା ସାହୁ):ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ ତମ ଜନ୍ମଦିବସ ଅବସରରେ ବୁଧବାର ବିଜୁ ପଟ୍ଟନାୟକ ପାର୍କରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଉତ୍କଳ ସମ୍ମିଳନୀ ପକ୍ଷରୁ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲୀପ ଦାଶଶର୍ମା ସଭାପତିତ୍ୱ କରି କହିଥିଲେ ଯେ, ବରପୁତ୍ରଙ୍କୁ ଅସମ୍ମାନ ହେଲା ଭଳି କୌଣସି କାର୍ଯ୍ୟକୁ ଉତ୍କଳ ସମ୍ମିଳନୀ ସମର୍ଥନ କରେନାହିଁ। ଉତ୍କଳ ଗୌରବ ମଧୁସୂଦନ ଦାସ ଭାଷାଭିତ୍ତିକ ରାଜ୍ୟ ଗଠନ କରିଥିଲେ। ବିଜୁ ପଟ୍ଟନାୟକ ଆଧୁନିକ ଓଡ଼ିଶାର ନିର୍ମାତା ଥିଲେ ବୋଲି ଦାଶଶର୍ମା କହିଥିଲେ। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ନିମାଇଁ ଚରଣ ଦାସ, ଉପସଭାପତି ଶିତଳ ଚନ୍ଦ୍ର ମହାନ୍ତି, ଯୁଗ୍ମସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ ଓ ଅକ୍ଷୟ କୁମାର ଜେଠୀ, ବାସନ୍ତୀ ତ୍ରିପାଠୀ, ମହେଶ୍ୱର ବିଶ୍ୱାଳ, ସୁରଜିତ ପରିଡ଼ା ଏବଂ ସରସ୍ୱତୀ ପାତ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ନିନ୍ଦନୀୟ: ସିପିଆଇ(ଏମ୍)

ଭୁବନେଶ୍ୱର,୫।୩(ସୁଚିସ୍ମିତା ସାହୁ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଜଣେ ସ୍ୱାଧୀନତା ସଂଗ୍ରାମୀ ଏବଂ ଦେଶପ୍ରେମୀ ଥିଲେ। ବ୍ରାହ୍ମଣବାଦ ଏବଂ ସାମ୍ପ୍ରଦାୟିକତାବାଦ ଭଳି ବିଭାଜନକାରୀ ଓ ହିନ୍ଦୁତ୍ୱବାଦୀ ବିଚାରକୁ ସେ ତୀବ୍ର ବିରୋଧ କରୁଥିଲେ। ମାହାଙ୍ଗାରେ ଦୁର୍ବୃତ୍ତମାନେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଦେଇଛନ୍ତି। ଏଭଳି କାର୍ଯ୍ୟ ଓଡ଼ିଶାର ଗର୍ବ, ଗୌରବ, ଐତିହ୍ୟ, ସଂସ୍କୃତି ଏବଂ ସହନଶୀଳତା ପାଇଁ ଏକ କଳଙ୍କ। ଏହା ଅତ୍ୟନ୍ତ ନିନ୍ଦନୀୟ ଘଟଣା ଓ ଦଣ୍ଡନୀୟ ଅପରାଧ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସିପିଆଇ(ଏମ) ଦାବି କରିଛି। ଓଡ଼ିଶାର ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିଗୁଡ଼ିକର ରକ୍ଷଣାବେକ୍ଷଣ ଓ ସୁରକ୍ଷା ପାଇଁ ରାଜ୍ୟ ସରକାର ଜରୁରୀ ପଦକ୍ଷେପ ଗ୍ରହଣ କରିବା ପାଇଁ ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଦାବି କରିଛନ୍ତି।

# ୬୪ ୱାଟର କିଓସ୍କରୁ ୩ କାର୍ଯ୍ୟକ୍ଷମ

ଭୁବନେଶ୍ୱର,୫।୩ (ଅନୁରାଧା ମହାରଣା)

■ଗ୍ରୀଷ୍ମ ପ୍ରବାହ ମୁକାବିଲା ପ୍ରସ୍ତୁତିର ସମୀକ୍ଷା
■୧୫ ଟ୍ରାଫିକ ପୋଷ୍ଟରେ ହେବ ଅସ୍ଥାୟୀ ଶେଡ୍

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ପକ୍ଷରୁ ହୋଇଥିବା ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରାଯାଇଛି। ବୁଧବାର ବିଏମସି ମୁଖ୍ୟାଳୟରେ ଆୟୋଜିତ ସମୀକ୍ଷା ବୈଠକରେ ମେୟର ସୁଲୋଚନା ଦାସ ଏ ନେଇ ସମୀକ୍ଷା କରିଛନ୍ତି। ସହରର କେଉଁ ସବୁ ସ୍ଥାନରେ ପାନୀୟଜଳ ସେବା କେନ୍ଦ୍ରମାନ ଖୋଲାଯିବ ତାହା ଜୋନାଲ କମିଶନରମାନେ ଚିହ୍ନଟ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ସହରର ବିଭିନ୍ନ ସ୍ଥାନରେ ୱାଟର କିଓସ୍କ ଖୋଲାଯାଉଛି। ସୋଲାର ପ୍ୟାନେଲରେ ଏହି ୱାଟର କିଓସ୍କଗୁଡ଼ିକ ଚାଲିବ। ୱାଟ୍କୋ ଏହି ସବୁ ଓ୍ୱାଟାର କିଓସ୍କକୁ ପାନୀୟଜଳ ସଂଯୋଗ କରିବ। ମାତ୍ର ବର୍ତ୍ତମାନ ସୁଦ୍ଧା ସହରର ବିଭିନ୍ନ ସ୍ଥାନରେ ୬୪ଟି ୱାଟର କିଓସ୍କ ଥିବାବେଳେ ତନ୍ମଧ୍ୟରୁ ୩ଟି କାର୍ଯ୍ୟକ୍ଷମ ରହିଛି। ଅବଶିଷ୍ଟ ୬୧ଟି ୱାଟର କିଓସ୍କ ଅତିଶୀଘ୍ର କାର୍ଯ୍ୟକ୍ଷମ ହୋଇଯିବ ବୋଲି ୱାଟକୋ ପକ୍ଷରୁ କୁହାଯାଇଛି। ବୁଲା ଗୋରୁ, କୁକୁର ଆଦି ପ୍ରାଣୀଙ୍କ ପାଇଁ ପାନୀୟଜଳ ବ୍ୟବସ୍ଥା କରିବାକୁ ମେୟର ନିର୍ଦ୍ଦେଶ ଦେଇଛନ୍ତି। ଏଜି ଛକରେ ସ୍ଥାୟୀ ଶେଡ୍ ନିର୍ମାଣ ପାଇଁ ଟେଣ୍ଡର ହୋଇସାରିଛି। ଖୁବଶୀଘ୍ର ତାହା ନିର୍ମାଣ କରାଯିବ। ସହରର ୧୫ଟି ଟ୍ରାଫିକ ପୋଷ୍ଟରେ ଏପ୍ରିଲ ୧ ପୂର୍ବରୁ ଅସ୍ଥାୟୀ ଶେଡ୍ ନିର୍ମାଣ ହେବ। ସମସ୍ତ ଡାକ୍ତରଖାନାରେ ଅଂଶୁଘାତ ଆକ୍ରାନ୍ତଙ୍କ ପାଇଁ ଶୀତତାପ ନିୟନ୍ତ୍ରିତ ସ୍ୱତନ୍ତ୍ର ରୁମ୍, ଶଯ୍ୟା, ଔଷଧ, ଓଆର୍ଏସ୍ ଆଦି ମହଜୁଦ ରଖିବାକୁ ସହରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଏମ୍ସି ମୁଖ୍ୟାଳୟସ୍ଥିତ ଦ୍ୱିତୀୟ ମହଲାରେ ଏପ୍ରିଲ ୧ରୁ ସ୍ୱତନ୍ତ୍ର ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ହେବ। ଏଥିପାଇଁ ୧୯୨୯ ଫୋନ ନମ୍ବର ଜାରି କରାଯାଇଛି। ବିଦ୍ୟାଳୟ ଶିକ୍ଷାଦାନ ସମୟ ପରିବର୍ତ୍ତନ କରିବା ସହ ଛାତ୍ରୀଛାତ୍ର ଜୋତା ପିନ୍ଧି ସାଙ୍ଗରେ ପାଣିବୋତଲ, ଛତା ଆଦି ଆଣିବା ପାଇଁ ସଚେତନ କରାଇବାକୁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ କୁହାଯାଇଛି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନିର୍ମାଣ କାମ ବନ୍ଦ କରିବା ପାଇଁ ଜିଲା ଶ୍ରମ ଅଧିକାରୀ, ବିଏମ୍ସି ସିଟି ଇଞ୍ଜିନିୟର ଏବଂ ସମସ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପଦକ୍ଷେପ ନେବେ। କାମ ହେଉଥିବା ସ୍ଥାନରେ ପାନୀୟ ଜଳ ଓ ଛାଇ ପାଇଁ ଛାମୁଣ୍ଡିଆ କରାଯିବ। ଘର ନ ଥିବା ଲୋକେ ଦିନବେଳା ବିଶ୍ରାମ ନେବା ପାଇଁ ବିଏମ୍ସି ଅଞ୍ଚଳରେ ଥିବା ୭ଟି ଆଶ୍ରୟସ୍ଥଳୀରେ ପ୍ରାୟ ୩୫୬ ଜଣଙ୍କ ରହିବା ପାଇଁ ବ୍ୟବସ୍ଥା କରାଯାଇଛି।

## ଅପରାଧର ତ୍ୱରିତ ତଦନ୍ତ ଉପରେ ଗୁରୁତ୍ୱ ଦିଆଯିବ

### ଭୁବନେଶ୍ୱର ଡିସିପି ଦାୟିତ୍ୱ ନେଲେ ଜଗମୋହନ ମୀନା



ସିପି ଏସ୍. ଦେବଦତ୍ତ ସିଂଙ୍କ ସହ ବିଦାୟୀ ଡିସିପି ପିନାକ୍ ମିଶ୍ର ଏବଂ ନୂତନ ଡିସିପି ଜଗମୋହନ ମୀନା।

ଭୁବନେଶ୍ୱର,୫।୩(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ନୂଆ ଡିସିପି ଭାବେ ଜଗମୋହନ ମୀନା ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୋଲିସ ସେବା ଭବନରେ ମୀନା ପୋଲିସ କମିଶନର ଏସ୍. ଦେବଦତ୍ତ ସିଂଙ୍କ ଉପସ୍ଥିତିରେ ବିଦାୟୀ ଡିସିପି ପିନାକ ମିଶ୍ରଙ୍କଠାରୁ ଏହି ଦାୟିତ୍ୱ ନେଇଛନ୍ତି। ଦାୟିତ୍ୱ ନେବାପରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମୀନା କହିଛନ୍ତି, ପୋଲିସ ବିଭାଗ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ସମ୍ପର୍କବୃଦ୍ଧି କରି ଏକ ନିରାପଦ ଏବଂ ଶାନ୍ତିପୂର୍ଣ୍ଣ ଭୁବନେଶ୍ୱର ଗଠନ କରିବା ଉପରେ ତାଙ୍କର ପ୍ରାଥମିକ ଓ ପ୍ରମୁଖ ଲକ୍ଷ୍ୟ ରହିବ। ଅପରାଧର ତଦନ୍ତ ଏବଂ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଗୁରୁତ୍ୱ ଦିଆଯିବ। ସାଧାରଣ ଲୋକଙ୍କ ପ୍ରତି ଯତ୍ନବାନ ସହ ଚାରିଆଡେ ସିସିଟିଭି ସର୍ଭେଲାନ୍ସ ବଢ଼ାଯିବ। ସାଇବର ସୁରକ୍ଷା ଓ ବୟସ୍କଙ୍କ ସୁରକ୍ଷା ଉପରେ ମଧ୍ୟ ଗୁରୁତ୍ୱ ରହିବ। ଆଗକୁ ସାଇବର ଥାନାକୁ ମଧ୍ୟ ସୁଦୃଢ଼ କରାଯିବ। ସେହିପରି ଅଭିଯୋଗ ପାଇଁ ସହରବାସୀଙ୍କ ଉଦ୍ଦେଶ୍ୟରେ ଡିସିପି ମୀନା ନିଜର ହ୍ୱାଟ୍ସଆପ୍ ନମ୍ବର ମଧ୍ୟ ଦେଇଛନ୍ତି। ନବନିଯୁକ୍ତ କନଷ୍ଟେବଲଙ୍କୁ କିପରି ବ୍ୟବହାର କରାଯିବ, ସେନେଇ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଡିସିପି ମୀନା କହିଛନ୍ତି। ପରେ ମୀନା ଭୁବନେଶ୍ୱର ଡିସିପି କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ତାଙ୍କୁ କମିଶନରେଟ ପୋଲିସ ପକ୍ଷରୁ ସ୍ୱାଗତ କରିବା ସହ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଏହାପରେ ସେ ତାଙ୍କ ପ୍ରକୋଷ୍ଠକୁ ଯାଇ କାର୍ଯ୍ୟଭାର ଗ୍ରହଣ କରିଥିଲେ। ମୀନା ପୂର୍ବରୁ ମାଲକାନଗିରି, ଅନୁଗୋଳ, ଗଞ୍ଜାମ ଜିଲାରେ ଏସ୍ପି ଏବଂ କଟକ ସହରାଞ୍ଚଳ ଜିଲାରେ ଡିସିପି ଭାବେ କାର୍ଯ୍ୟ କରିଛନ୍ତି। ଏବେ ରାଜଧାନୀର ଆଇନଶୃଙ୍ଖଳାଠାରୁ ଆରମ୍ଭ କରି ଟ୍ରାଫିକ୍ ସମସ୍ୟା, ନିଶା କାରବାର, ଅପରାଧ ନିୟନ୍ତ୍ରଣ, ଭିଭିଆଇପି ସୁରକ୍ଷା ଭଳି ପ୍ରସଙ୍ଗ ନୂଆ ଡିସିପିଙ୍କ ଆହ୍ୱାନ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ସୂଚନାଯୋଗ୍ୟ, ୨୦୨୪ ସେପ୍ଟେମ୍ବରରେ ୨୦୧୧ ବ୍ୟାଚ୍ ଆଇପିଏସ୍ ଅଫିସର ପିନାକ ମିଶ୍ର ଭୁବନେଶ୍ୱରର ଡିସିପି ଭାବେ ଅବସ୍ଥାପିତ ହୋଇଥିଲେ। ୫ ମାସ ପରେ ପିନାକ ମିଶ୍ରଙ୍କୁ ବଦଳି କରାଯାଇଛି।

## ୨୫ ସଫଳ ମହିଳାଙ୍କୁ 'ପ୍ରେରଣାଦାୟୀ' ସମ୍ମାନ



ଅତିଥିଙ୍କ ଗହଣରେ 'ପ୍ରେରଣାଦାୟୀ' ସମ୍ମାନରେ ସମ୍ମାନିତ ହୋଇଥିବା ମହିଳାମାନେ।

ଭୁବନେଶ୍ୱର,୫।୩(ସୌମ୍ୟରଞ୍ଜନ ରାଉତ)

ଡିଜିଟାଲ ମିଡିଆ ନେଟୱର୍କ ପିପିଏଲ୍ ଓଡ଼ିଆ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ବୁଧବାର 'ପ୍ରେରଣାଦାୟୀ–୨୦୨୫' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ କାର୍ସିନୋଭା କ୍ୟାନସର୍ ହସ୍ପିଟାଲର ନିର୍ଦ୍ଦେଶିକା ଡା. ପ୍ରଜ୍ଞା ପାରମିତା ମିଶ୍ର, ପରିଚୟ ଫାଉଣ୍ଡେଶନର ମୁଖ୍ୟ ଡା. ରୋଜାଲିନ ପାଟ୍ଟଶାଣୀ ମିଶ୍ର, ସାମାଜିକ କର୍ମୀ ନମ୍ରତା ଚଢ୍ଢା ଏବଂ ଡା. ରୀନା ରାଉତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ତିନୋଟି ପର୍ଯ୍ୟାୟରେ ମହିଳା ସଶକ୍ତୀକରଣ ଓ ଏଥିସହ ଜଡ଼ିତ ସମସ୍ୟା, ସମାଧାନ ପାଇଁ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏଥିସହ ରାଜ୍ୟର ୨୫ ଜଣ ସଫଳ ମହିଳାଙ୍କୁ ପ୍ରେରଣାଦାୟୀ–୨୦୨୫ ସମ୍ମାନରେ ସମ୍ମାନିତ କରାଯାଇଥିଲା। କ୍ରୀଡ଼ାକ୍ଷେତ୍ରରେ ଅନ୍ତର୍ଜାତୀୟ କରାଟେ ଖେଳାଳି ଭାଲେଣ୍ଟିନା ଭାଲିନା, ସଙ୍ଗୀତରେ ସୋହିନୀ ମିଶ୍ର, ସାମ୍ବାଦିକା ଶତରୂପା ସାମନ୍ତରାୟ, ଆର୍ ଜେ କୋମଲ, ଏସିଡ୍ ପୀଡ଼ିତା ତଥା ସମାଜସେବୀ ପ୍ରମୋଦିନୀ ରାଉଳ, ୟୁଟ୍ୟୁବର୍ ତଥା କଣ୍ଟେଣ୍ଟ କ୍ରିଏଟର ବର୍ଷା ଦାସ, କୁନି ପ୍ରତିଭା ରିଷିତା ସାମନ୍ତରାୟ, ଅଧ୍ୟାପିକା ରାଜଲକ୍ଷ୍ମୀ ଦାସ, ମହିଳା ଉଦ୍ୟୋଗୀ ଡା. ସମ୍ପଦା ସେଠିଆ, ଡା. ମୋନାଲି ପଟ୍ଟନାୟକ, ଯସ୍ମୀନ ହବିବ, ଭାଗ୍ୟଶ୍ରୀ ଶତପଥୀ, ସ୍ୱପ୍ନାରାଣୀ ସାହୁ, ପ୍ରତ୍ୟୁଷା ଅମନ୍ତା ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଆଠଗଡ଼ର ଜଷ୍ଟ ଫର୍ ୟୁ ସେବା ସଂଘ, ଭୁବନେଶ୍ୱରର ମିଶନ ଶକ୍ତି ବଜାର, ଗୀତା ଏସ୍ଏଚ୍ଜି ଗ୍ରୁପ, ଶୋଭା ଟ୍ରଷ୍ଟକୁ ମଧ୍ୟ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରେରଣା ପ୍ରତୀକ୍ଷା ପରିଚାଳନା କରିଥିବାବେଳେ ପିପିଏଲ୍ ଓଡ଼ିଆର ପରିଚାଳନା ନିର୍ଦ୍ଦେଶିକା ଲିପ୍ସା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ପ୍ରଫେସର ନିଶାମଣି କରଙ୍କ ବିୟୋଗରେ ସ୍ମୃତିସଭା

ଭୁବନେଶ୍ୱର,୫।୩(ସୌମ୍ୟରଞ୍ଜନ ରାଉତ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରଫେସର ନିଶାମଣି କରଙ୍କ ବିୟୋଗରେ ଏକ ଶୋକସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏହି ଶୋକସଭାରେ ଯୋଗଦେଇ କହିଥିଲେ, ଇଂଲିଶ ସାହିତ୍ୟରେ ସ୍ୱର୍ଗତ କରଙ୍କ ଦକ୍ଷତା ତାଙ୍କୁ ଅନ୍ତର୍ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ସେହିପରି ସ୍ୱର୍ଗତ କରଙ୍କ ବିୟୋଗ ବିଶ୍ୱବିଦ୍ୟାଳୟ ଓ ଶିକ୍ଷା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କୁଳସଚିବ ଅନାମିକା ଅଧିକାରୀ କହିଥିଲେ। ସ୍ୱର୍ଗତ କରଙ୍କ ବହୁମୁଖୀ ପ୍ରତିଭା ଓ ଅବଦାନ ସମ୍ପର୍କରେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ସ୍ମୃତିଚାରଣ କରିଥିଲେ। ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା, ଡ. ଧୀରଜ କୁମାର ମହାପାତ୍ର, ଡ. ଆଶିଷ ମହାପାତ୍ର, ଡ. ଜ୍ଞାନରଞ୍ଜନ ପଣ୍ଡା, ଡ. ସ୍ମୃତି ରଞ୍ଜନ ମିଶ୍ର ଏବଂ ଡ. ଅଜୟ କୁମାର ବିଶ୍ୱାଳ ପ୍ରମୁଖ ପ୍ରଫେସର କରଙ୍କ ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ସାଧନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱର୍ଗତ କରଙ୍କୁ ଶ୍ରଦ୍ଧାସୁମନ ଅର୍ପଣ ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

## ଓୟୁଏଟିରେ ପଶୁ ଚକ୍ଷୁ ଚିକିତ୍ସା ତାଲିମ ଶିବିର ଉଦ୍‌ଯାପିତ



ତାଲିମ୍ ଶିବିର ଉଦ୍‌ଯାପନ ଅବସରରେ ସୂଚନା ପୁସ୍ତିକା ଉନ୍ମୋଚନ କରାଯାଉଛି।

ଭୁବନେଶ୍ୱର,୫।୩(ସୌମ୍ୟରଞ୍ଜନ ରାଉତ)

ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର୍) ପକ୍ଷରୁ ଆୟୋଜିତ ୨୧ ଦିନିଆ ଶୀତକାଳୀନ ଜାତୀୟ ପଶୁ ଚକ୍ଷୁ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ ଓୟୁଏଟି ଅନ୍ତର୍ଗତ ପଶୁ ଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟରେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହା ଫେବୃଆରୀ ୧୨ରୁ ଆରମ୍ଭ ହୋଇ ମାର୍ଚ୍ଚ ୪ ପର୍ଯ୍ୟନ୍ତ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ତତ୍ତ୍ୱାବଧାନରେ ଚାଲିଥିଲା। ଏଥିରେ ଦେଶର ୮ଟି ରାଜ୍ୟ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ବିହାର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, ଆସାମ ଏବଂ ଓଡ଼ିଶାରୁ ୨୩ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ଓଡ଼ିଶାର ଭେଟେରିନାରୀ କଲେଜର ପଶୁଶଲ୍ୟ ଚିକିତ୍ସା ଓ ରଶ୍ମିରଞ୍ଜନ ବିଭାଗ ମୁଖ୍ୟ ପ୍ରଫେସର ଡା. ଜୟକୃଷ୍ଣ ଦାସ ଏବଂ ଏଲ୍ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଶ୍ରୀକାନ୍ତ ସାହୁଙ୍କ ସହ ୧୧ ଚକ୍ଷୁ ବିଶେଷଜ୍ଞ ତଥା ଦେଶର ଅଭିଜ୍ଞ ଚିକିତ୍ସକଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ଶିକ୍ଷା, ଡେମୋନ୍ଷ୍ଟ୍ରେଶନ୍, ଅସ୍ତ୍ରୋପଚାର ଶିକ୍ଷା, ହ୍ୟାଣ୍ଡସ୍ ଅନ୍ ଶିକ୍ଷା ବ୍ୟବସ୍ଥା ରହିଥିଲା। ଏହି ଶିବିରର ମୂଳ ଲକ୍ଷ୍ୟ ଥିଲା ପଶୁପକ୍ଷୀଙ୍କଠାରେ ଦେଖାଦେଉଥିବା ଚକ୍ଷୁରୋଗର ଅସ୍ତ୍ରୋପଚାର ଓ କ୍ୟାନସର ଆଦିର ସହଜ ଚିକିତ୍ସା ବ୍ୟବସ୍ଥାକୁ ସୁଗମ କରିବା ଏବଂ ପଶୁଙ୍କୁ ଅନ୍ଧତ୍ୱରୁ ମୁକ୍ତ କରିବା। ଶିବିରକୁ ପଶୁ ଚକ୍ଷୁଶଲ୍ୟ ଚିକିତ୍ସା ବିଶେଷଜ୍ଞ ପ୍ରଫେସର୍ ଜୟକୃଷ୍ଣ ଦାସ ପରିଚାଳନା କରିଥିବାବେଳେ ଡା. ଆଦିତ୍ୟ ପ୍ରସାଦ ଦାସ ଏବଂ ଡା. ବେଣୁଧର ମହାନନ୍ଦ ସହଯୋଗ କରିଥିଲେ।

## ମହିଳା ଦିବସରେ ହେବ ହ୍ୟାଣ୍ଡଲୁମ୍ ୱାକାଥନ

ଭୁବନେଶ୍ୱର,୫।୩ (ଅନୁରାଧା ମହାରଣା)

ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ 'ସମ୍ପୂର୍ଣ୍ଣା' ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମର ଯୋଜନା କରାଯାଇଛି। ବୁଧବାର ବିଏମ୍ସି ମୁଖ୍ୟାଳୟରେ ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, ଅତିରିକ୍ତ କମିଶନର ରତ୍ନାକର ସାହୁ, ଶୁଭେନ୍ଦୁ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ମାର୍ଚ୍ଚ ୮ତାରିଖ ସକାଳ ସାଢେ ୬ଟାରେ ମାଷ୍ଟରକ୍ୟାଣ୍ଟିନ ଛକଠାରୁ ବିଏମ୍ସି ମୁଖ୍ୟାଳୟ ପର୍ଯ୍ୟନ୍ତ ଏକ ହ୍ୟାଣ୍ଡଲୁମ ୱାକାଥନ କରାଯିବ। ଏଥିରେ ୫ ଶହରୁ ଅଧିକ ମହିଳା ହସ୍ତତନ୍ତ ଶାଢ଼ି ପରିଧାନ କରି ଯୋଗଦେବେ। ହସ୍ତତନ୍ତ ଶିଳ୍ପକୁ ପ୍ରୋତ୍ସାହିତ ତଥା ପ୍ରଚାର ପ୍ରସାର କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହି ୱାକାଥନକୁ ବାଚସ୍ପତି ସୁରମା ପାଢୀ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଉତ୍କଳ ମଣ୍ଡପରେ ସନ୍ଧ୍ୟା ଅଧିବେଶନରେ ସମ୍ମାନିତ କରାଯିବ। ସେହିପରି ସନ୍ଧ୍ୟାରେ ଦ୍ୱିତୀୟ ଅଧିବେଶନରେ ସଙ୍ଗୀତ ଓ ନୃତ୍ୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହିଳାମାନଙ୍କୁ ସମ୍ମାନିତ କରାଯିବ। କାର୍ଯ୍ୟକ୍ରମରେ ବିଏମ୍ସି ସହିତ ରାଜ୍ୟ ହସ୍ତତନ୍ତ ବିଭାଗ, ସମବାୟ ବିଭାଗ ସାମିଲ ହେବ।

## ଗାଁ ବୁଲିଲା ସୁଭଦ୍ରା ରାଲି

ବାରଙ୍ଗ,୫।୩(ଲିଙ୍ଗରାଜ ରାଉତ): ଭୁବନେଶ୍ୱର ବ୍ଲକ ଅଧୀନ ଦାରୁଠେଙ୍ଗ ଗ୍ରାମ ପଞ୍ଚାୟତ ଅଫିସଠାରୁ ବୁଧବାର ସୁଭଦ୍ରା ରାଲି ବାହାରି ଗାଁ ପରିକ୍ରମା କରିଛି। ଏଥିରେ ସ୍ୱୟଂସହାୟିକା ଗୋଷ୍ଠୀର ୧୧୦ଟି ମଞ୍ଚ, ୧୩ଟି ଅଙ୍ଗନୱାଡି ଅନୁଷ୍ଠାନ, ଆଶାକର୍ମୀ ଓ ଇସି ସଭ୍ୟା ସାମିଲ ଥିଲେ। ମହିଳା ସଶକ୍ତୀକରଣ ଓ ସାମାଜିକ କଲ୍ୟାଣ ବାର୍ତ୍ତା ସ୍ଲୋଗାନ ଦେଇ ମହିଳାମାନେ ଗ୍ରାମ ପରିକ୍ରମା କରିଥିଲେ। ଯେଉଁ ମହିଳା ସୁଭଦ୍ରା ଯୋଜନା କରିନାହାନ୍ତି, ସେମାନେ ଏହି ଚଳିତମାସ ୩୧ ତାରିଖ ଭିତରେ କରିବାକୁ ସଚେତନ କରିଥିଲେ। ଅଙ୍ଗନୱାଡି କର୍ମୀ ସ୍ନେହପ୍ରଭା ପ୍ରଧାନ, ମହିଳା ସ୍ୱୟଂସହାୟିକା ମହାସଂଘ ସଭାପତି ଟୁନିଲତା ବେହେରା ପ୍ରମୁଖ କରିଥିଲେ।

## ନକଲି ଗାଡ଼ି ଯନ୍ତ୍ରାଂଶ କାରଖାନା ଠାବ

ଭୁବନେଶ୍ୱର,୫।୩
(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ଭୁବନେଶ୍ୱରରେ ନକଲି ଗାଡ଼ି ଯନ୍ତ୍ରାଂଶ(ପାର୍ଟସ) କାରବାର କରାଯାଇ ଲୋକଙ୍କୁ ଅଧିକ ଦାମ୍‌ରେ ବିକ୍ରି କରାଯାଉଛି। ଏଭଳି ଅଭିଯୋଗ ଆସିବା ପରେ ବଡ଼ଗଡ଼ ଥାନା ପୋଲିସ ସ୍ଥାନୀୟ ରାଜାରାଣୀ କଲୋନୀ ନିକଟରେ ଥିବା ଏ.କେ. ଅଟୋମୋବାଇଲ୍ସରେ ବୁଧବାର ରାତିରେ ଚଢ଼ାଉ କରିଛି। ଏହି ଚଢ଼ାଉରେ ଏକ କମ୍ପାନୀର କର୍ମଚାରୀ ମଧ୍ୟ ଯାଞ୍ଚ କରୁଛନ୍ତି। ଯାଞ୍ଚବେଳେ ବିଭିନ୍ନ କମ୍ପାନୀର ନକଲି ପାର୍ଟସ ସହ ରଙ୍ଗ ଦ୍ୱାରା ମୋବିଲ ପ୍ରସ୍ତୁତି କରାଯାଉଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଚଢ଼ାଉ ହୋଇଥିବା କାରଖାନାର ମାଲିକ ଅମିତ ସୁନ୍ଦରରା ବୋଲି ସୂଚନା ମିଳିଛି । ତେବେ ସେ ଫେରାର ଥିବାରୁ ପୋଲିସ ଅଧିକ ତଥ୍ୟ ହାସଲ କରିପାରିନାହିଁ। ତଦନ୍ତ ଜାରି ରହିଥିବାରୁ ପୋଲିସ ଏବିଷୟରେ ଅଧିକ କିଛି ସୂଚନା ଦେଇନାହିଁ।

## ପଳାଶୁଣୀରେ ଫୁଟ୍ ଓଭରବ୍ରିଜ୍ ଉଦ୍‌ଘାଟିତ

### ଟଙ୍କପାଣି ସାଇମନ୍ଦିର ଛକରେ ଓଭରବ୍ରିଜ, ନଖରା ସମ୍ ହସ୍ପିଟାଲ ପାଖରେ ଫୁଟ ଓଭରବ୍ରିଜ ହେବ: ଅପରାଜିତା



ଫୁଟ୍ ଓଭରବ୍ରିଜ୍ ଲୋକାର୍ପଣ ଅବସରରେ ଏମ୍ପି ଅପରାଜିତ ଷଡଙ୍ଗୀଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର/ ବାଲିଅନ୍ତା,୫।୩
(ସୌମ୍ୟରଞ୍ଜନ ରାଉତ/ନୀଳମାଧବ ସାହୁ)

୧୬ ନଂ. ଜାତୀୟ ରାଜପଥ ଭୁବନେଶ୍ୱର–କଟକ ରାସ୍ତାର ପଳାଶୁଣୀ ଛକରେ ନବନିର୍ମିତ ଫୁଟ୍ ଓଭରବ୍ରିଜ୍‌କୁ ବୁଧବାର ଏମ୍ପି ଅପରାଜିତା ଷଡ଼ଙ୍ଗୀ ଏହାକୁ ଉଦ୍‌ଘାଟନ କରିବା ସହ ଲୋକଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଏହି ଅବସରରେ ଏମ୍ପି ଷଡ଼ଙ୍ଗୀ କହିଛନ୍ତି, ଗତ କିଛିବର୍ଷ ଭିତରେ ପଳାଶୁଣୀ ଛକ ଜାତୀୟ ରାଜପଥ ଉପରେ ୨୦୦ରୁ ଅଧିକ ଦୁର୍ଘଟଣା ହୋଇଛି। ଏଥିରେ ଅନେକ ମୃତାହତ ହୋଇଛନ୍ତି। ଏହି ସ୍ଥାନରେ ଫୁଟ୍ ଓଭରବ୍ରିଜ ନିର୍ମାଣ ପାଇଁ ଦୀର୍ଘଦିନରୁ ଦାବି ହେଉଥିଲା। ବର୍ତ୍ତମାନ ସେହି ଦାବି ପୂରଣ ହୋଇପାରିଛି। ଗତବର୍ଷ ଜୁଲାଇ ୧୯ରେ ସେ କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଭେଟି ପଳାଶୁଣୀରେ ଫୁଟ୍ ଓଭରବ୍ରିଜ ପାଇଁ ପ୍ରସ୍ତାବ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ତାହାକୁ ମଞ୍ଜୁରୀ ଦେବା ସହ ପ୍ରକଳ୍ପ ଲାଗି ୩ କୋଟି ଟଙ୍କା ଅନୁମୋଦନ କରିଥିଲେ। କିନ୍ତୁ ପୂର୍ବ ବିଜେଡି ସରକାର ସହଯୋଗ ନ କରିବାରୁ ନିର୍ମାଣ କାମ ବିଳମ୍ବିତ ହୋଇଥିଲା। ଭାଜପା ସରକାର ଆସିବା ପରେ ଏହି ପ୍ରକଳ୍ପ କାମ ତ୍ୱରାନ୍ୱିତ ହୋଇଥିଲା ବୋଲି ଷଡ଼ଙ୍ଗୀ କହିଛନ୍ତି। ୭ଦିନ ଭିତରେ ଅସମ୍ପୂର୍ଣ୍ଣ କାମ ଶେଷ ହେବ ଓ ୨ମାସ ଭିତରେ ଲିଫ୍ଟ ଲାଗିବ ବୋଲି ସେ କହିଛନ୍ତି। ଏଥିସହ ଟଙ୍କପାଣି ସାଇମନ୍ଦିର ଛକରେ ଭିଡ଼କୁ ଏଡ଼ାଇବାକୁ ଏକ ଓଭରବ୍ରିଜ କରାଯିବ। ଏଥିପାଇଁ ପ୍ରକ୍ରିୟା ଚାଲିଛି। ଖୁବଶୀଘ୍ର କାମ ଆରମ୍ଭ ହେବ। ସେହିଭଳି ନଖରା ସମ୍ ହସ୍ପିଟାଲ ପାଖରେ ଆଉ ଏକ ଫୁଟ ଓଭରବ୍ରିଜ ହେବ ବୋଲି ଏମ୍ପି ସୂଚନା ଦେଇଛନ୍ତି। ଉଦଘାଟନ କାର୍ଯ୍ୟକ୍ରମରେ ଏନ୍ଏଚ୍ଏଆଇର ପ୍ରକଳ୍ପ ନିର୍ଦ୍ଦେଶକ ସୂରଜ ସିଂ, ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

## ବିଏମ୍ସି ପକ୍ଷରୁ ସୁଭଦ୍ରା ଶୋଭାଯାତ୍ରା



ବିଏମ୍ସି ପକ୍ଷରୁ ଆୟୋଜିତ ସୁଭଦ୍ରା ସଚେତନତା ଶୋଭାଯାତ୍ରା।

ଭୁବନେଶ୍ୱର,୫।୩(ଅନୁରାଧା ମହାରଣା)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ପକ୍ଷରୁ ସହରସ୍ତରୀୟ ସୁଭଦ୍ରା ଶୋଭାଯାତ୍ରା ବୁଧବାର ଆୟୋଜିତ ହୋଇଯାଇଛି। 'ସୁଭଦ୍ରା ଯୋଜନାରେ ସାମିଲ ହେବା ସହ ଓଡ଼ିଶା ସମୃଦ୍ଧିର ମଙ୍ଗ ଧରିବା' ବାର୍ତ୍ତା ନେଇ ପ୍ରାୟ ୩୦୦ ମହିଳା ଏହି ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଖଣ୍ଡଗିରିଛକଠାରୁ ପଦଯାତ୍ରା ବାହାରି ଜାଗମରା ଛକ ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ କହିଛନ୍ତି, ମହିଳାମାନେ ହେଉଛନ୍ତି ପରିବାରର ମେରୁଦଣ୍ଡ। ସେମାନଙ୍କୁ ସଶକ୍ତ କରିବା ପାଇଁ ସୁଭଦ୍ରା ଯୋଜନା କିପରି ଘରେ ଘରେ ପହଞ୍ଚିବ, ମହିଳାମାନେ ରୋଜଗାରକ୍ଷମ ହେବେ, ସଶକ୍ତ ହେବେ, ସେଥିପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ସେହିପରି ବର୍ତ୍ତମାନ ସୁଦ୍ଧା ବିଏମ୍ସି ଅଞ୍ଚଳରୁ ୧ ଲକ୍ଷ ମହିଳା ସୁଭଦ୍ରା ଯୋଜନାରେ ସାମିଲ ହୋଇଥିବା ମେୟର ସୁଲୋଚନା ଦାସ ସୂଚନା ଦେଇଥିଲେ। ବିଏମ୍ସି କମିଶନର ରାଜେଶ ପ୍ରଭାକର ପାଟିଲ କହିଥିଲେ ଯେ, ସୁଭଦ୍ରା ଅର୍ଥକୁ ବିନିଯୋଗ କରି ମହିଳାମାନେ ନିଜର ଆୟ ବୃଦ୍ଧି କରିପାରିବେ ଏବଂ ଏହା ସେମାନଙ୍କୁ ସଶକ୍ତ କରିବାରେ ସହାୟକ ହେବ। ଉକ୍ତ କାର୍ଯ୍ୟକ୍ରମରେ କର୍ପୋରେଟର ଗୀତାଞ୍ଜଳି ସାହୁ, ରାମଚନ୍ଦ୍ର ରଣସିଂହ, ସୁଜାତା ଛୋଟରାୟ, ଯଶୋଧାରା ପ୍ରଧାନଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ଏବଂ ବିଏମ୍ସିର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ବିଧାୟକ-ମେୟରଙ୍କ କଥା କଟାକଟି

ଭୁବନେଶ୍ୱର,୫।୩ (ଅନୁରାଧା ମହାରଣା)– ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ବୁଧବାର ଆୟୋଜିତ ସୁଭଦ୍ରା ଶୋଭାଯାତ୍ରାରେ ଏକାମ୍ର ବିଧାୟକ ବାବୁ ସିଂ ଏବଂ ବିଏମ୍ସି ମେୟର ସୁଲୋଚନା ଦାସ ପରସ୍ପରକୁ ରାଜନୈତିକ କଟାକ୍ଷ କରିଛନ୍ତି। ମେୟର ଦାସ ୫ ହଜାର ଟଙ୍କାରେ ମହିଳା କିଭଳି ସଶକ୍ତ ହେବେ ବୋଲି ପ୍ରଶ୍ନ କରିବା ସହ ବର୍ତ୍ତମାନ ପର୍ଯ୍ୟନ୍ତ କେତେ ମହିଳା ସଶକ୍ତ ହୋଇଛନ୍ତି ବୋଲି ପଚାରିଛନ୍ତି। ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା ପାଉଛନ୍ତି ମହିଳା। ପୂର୍ବ ସରକାରରେ ୧୫ ହଜାରରୁ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଛାଡ଼ ସହ ଦିଆଯାଉଥିଲା। ତେବେ ସୁଭଦ୍ରା ଯୋଜନାରେ କିଭଳି ଜଣେ ସଶକ୍ତ ହେବ ବୋଲି କହି ମେୟର ସମାଲୋଚନା କରିଛନ୍ତି। ଏହାର ଜବାବରେ ବିଧାୟକ ସିଂ କହିଛନ୍ତି, ୨୪ ବର୍ଷରେ ସେ ଯାହା କରି ନ ଥିଲେ ତାହା ଆମେ କରିଛୁ। ଭୋଟ ବ୍ୟାଙ୍କ ହାତରୁ ଚାଲିଯାଉଛି ବୋଲି ଭୟ କରୁଛନ୍ତି। ସେ କଥାରୁ ମେୟର ଦୂରେଇ ରୁହନ୍ତୁ ବୋଲି ବିଧାୟକ ପ୍ରକାଶ କରିଛନ୍ତି।

**ଦେଶୀମଦ ଜବତ, ୪ ଗିରଫ**

ବେଗୁନିଆ,(ସନ୍ଧ୍ୟାରାଣୀ ମିଶ୍ର): ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଏବଂ ସଦର ରେଞ୍ଜ ଅଧିକାରୀ ତପସ୍ୱିନୀ ବରାଳଙ୍କ ନେତୃତ୍ୱରେ ବେଗୁନିଆ ଅବକାରୀ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫୧୯ ଲିଟର ଦେଶୀ ମଦ ଓ ଗୋଟିଏ ବାଇକ୍ ଜବତ କରିବା ସହିତ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ବଧିପାଟଣା ଗ୍ରାମର ପ୍ରଶାନ୍ତ କୁମାର ସାହୁ, ବେଗୁନିଆର କୃଷ୍ଣଚନ୍ଦ୍ର ସାହୁ, ଲଳିତା ସାହୁ, ଚକାପଦା ଗ୍ରାମର ମହନ୍ତ ନାୟକଙ୍କଠାରୁ ଦେଶୀମଦ ଜବତ କରାଯିବା ସହିତ ସେମାନଙ୍କୁ ଗିରଫ କରାଯାଇଛି ବୋଲି ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରାଜେନ୍ଦ୍ର ଖେସ କହିଛନ୍ତି।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ଜଣେ ମୃତ

**କଳାପଥର,୫ା୩ (ଗଙ୍ଗାଧର ସାହୁ)**

ପାଟପୁର ଶାସନ ପଞ୍ଚାୟତ ଅଧୀନ ଶ୍ରୀରାମପୁର ଛକରେ ମଙ୍ଗଳବାର ସନ୍ଧ୍ୟାରେ ବାଇକ୍ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଶ୍ରୀରାମପୁର ଆଦିବାସୀସାହିର ସାଧୁ ନାୟକ। ସୂଚନା ମୁତାବକ, ସାଧୁ ମାମୁଘର ଶ୍ରୀରାମପୁରରେ ରହୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ ହାଟ ସାରି ଗ୍ରାମକୁ ଫେରୁଥିବା ବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବାଙ୍କୋଇ ଫାଣ୍ଡି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଲବଣଗିରି ପାହାଡ଼ରେ ବିଶ୍ୱଶାନ୍ତି ମହାଯଜ୍ଞ, ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆଜି

**ଜଟଣୀ,୫ା୩ (ରବୀନ୍ଦ୍ରନାଥ ମହାକୁଡ଼)**

ଲବଣଗିରି ପାହାଡ଼ରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଏବଂ ବିଶ୍ୱଶାନ୍ତି ମହାଯଜ୍ଞ ଗୁରୁବାର ଆରମ୍ଭ ହେବ। ଏହି ଉତ୍ସବ ଆସନ୍ତା ୧୧ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବୁଧବାର ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ଏବଂ ଖୋର୍ଦ୍ଧା ଜିଲା ଭାଜପା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ପ୍ରତିଷ୍ଠା ଉତ୍ସବରେ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ, ପୁରୀ ଶଙ୍କରାଚାର୍ଯ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ କନକ ବର୍ଦ୍ଧନ ସିଂଦେଓ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭୁବନେଶ୍ୱର ଏମ୍ପି ଅପରାଜିତା ଷଡ଼ଙ୍ଗୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପିସିସି ସଭାପତି ଭକ୍ତ ଚରଣ ଦାସ, ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

### ମୋରମ ଚୋରାଚାଲାଣ: ୭ ଗାଡ଼ିକୁ ପୋଲିସ ଜିମାଦେଲେ ଗ୍ରାମବାସୀ

**ବେଗୁନିଆ,୫ା୩ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ତହସିଲ ଅଞ୍ଚଳରେ ମାଙ୍କଡ଼ା ପଥର ଏବଂ ମୋରମ ଚୋରାଚାଲାଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କୁସୁପଲ୍ଲା ମୌଜା ଖାତା ନଂ.୧୪୯୦ ଏବଂ ପ୍ଲଟ ନଂ ୩୮୩୧ରେ ଥିବା ଏକ ସରକାରୀ ଗାଡିଆରୁ ମଙ୍ଗଳବାର ବିଳମ୍ବିତ ରାତିରେ ମୋରମ ଚାଲାଣ ହେଉଥିଲା। ଖବରପାଇ କୁସୁପଲ୍ଲା ଗ୍ରାମ୍ୟ କମିଟିର ସଭ୍ୟମାନେ ଉକ୍ତ ସ୍ଥାନକୁ ଯାଇ ଦେଖିବା ବେଳକୁ ୭ଟି ଗାଡ଼ିରେ ମୋରମ ବୋଝେଇ କରାଯାଉଛି। ସେଠାରେ ଥିବା ଚାଳକଙ୍କୁ ପଚରାଉଚରା କରିବାରୁ ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ବେଆଇନ ଚାଲାଣ ହେଉଥିବା ଜାଣି ପାରି ସଭ୍ୟମାନେ ବେଗୁନିଆ ଥାନାକୁ ଜଣାଇଥିଲେ। ଏହାପରେ ଗାଡ଼ିଗୁଡ଼ିକ ଜବତ କରି ପୋଲିସ ଜିମା ଦେଇଥିଲେ। ପୋଲିସ ଗାଡ଼ିଗୁଡ଼ିକୁ ଆଣି ଥାନାରେ ରଖି ଅଧିକ ତଦନ୍ତ ଚଳାଇଛି। ଏନେଇ ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କୁହନ୍ତି, ଗାଡ଼ିକୁ ଜବତ କରି ତହସିଲଦାର ଏବଂ ଖୋର୍ଦ୍ଧା ଖଣିଜ ସମ୍ପଦ ବିଭାଗ ଅଧିକାରୀଙ୍କୁ ଅବଗତ କରାଯାଇଛି। ଜବତ ଗାଡ଼ି ମାଲିକଙ୍କଠାରୁ ଜରିମାନା ଆଦାୟ ପରେ ଛାଡିଦିଆଯିବ।

# ଏବେଠୁ ହେଲାଣି ପାନୀୟଜଳ ଚିନ୍ତା

**ବେଗୁନିଆ ବ୍ଲକ୍**

- ୭ରୁ ଊର୍ଦ୍ଧ୍ୱ ନଳକୂପ ଅଚଳ
- ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି

**ବେଗୁନିଆ,୫ା୩ (ହର ପ୍ରସନ୍ନ ପଣ୍ଡା)**



ଗୋବିନ୍ଦପୁର ଗ୍ରାମରେ ଅଚଳ ହୋଇପଡ଼ିଥିବା ନଳକୂପ।



ହଜ୍ ଗ୍ରାମରେ ଭାଙ୍ଗିଯାଇଥିବା ଷ୍ଟାଣ୍ଡପୋଷ୍ଟ।

କିଛିଦିନ ହେବ ଦିନ ତାପମାତ୍ରା ବୃଦ୍ଧି ପାଇବା ଦ୍ୱାରା ପୂର୍ବାହ୍ନ ସାଢ଼େ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପଦାକୁ ବାହାରିବା କଷ୍ଟକର ହୋଇପଡ଼ିଛି। ତଥାପି ଖରାରେ ଶ୍ରମିକମାନେ କାମ କରୁଛନ୍ତି। ଅନ୍ୟପଟେ ବେଗୁନିଆ ବ୍ଲକ ଅଞ୍ଚଳର ବାସିନ୍ଦାଙ୍କୁ ଏବେଠୁ ପାନୀୟଜଳ ଚିନ୍ତା ଘାରିଛି। କେତେକ ସ୍ଥାନରେ ନଳକୂପ ଅଚଳ ରହିଥିବା ବେଳେ ଆଉ କେତେକ ସ୍ଥାନରେ ନଳକୂପରୁ ଲୌହଗୁଣ୍ଡ ମିଶ୍ରିତ ଏବଂ ଗୋଳିଆ ପାଣି ବାହାରୁଛି। ଯାହାକି ପିଇବା ପାଇଁ ଅନୁପଯୁକ୍ତ। ସେହିପରି ପ୍ରକଳ୍ପରୁ ଆସୁଥିବା ପାନୀୟଜଳ ଲୋକଙ୍କ ପାଖରେ ପହଞ୍ଚି ପାରୁ ନ ଥିବା ଅଭିଯୋଗ ହେଉଛି। କେତେକ ସ୍ଥାନରେ ମୁଖ୍ୟ ପାଇପ୍ କାଟି ବେଆଇନ ଭାବେ ପାଣି ଚୋରି ହେଉଥିବା ବେଳେ ଆଉ କେଉଁଠାରେ ପାଇପ୍ ଫାଟି ପାଣି ଅପଚୟ ହେଉଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ପାନୀୟଜଳ ସମସ୍ୟା ଦେଖାଦେବ ବୋଲି ବେଗୁନିଆ ବିକାଶ ମଞ୍ଚ ଏବଂ ଜନ କଲ୍ୟାଣ ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି।

ସୂଚନାଥାଉ କି, ବେଗୁନିଆ ବ୍ଲକରେ ୧୬୨ଟି ଗ୍ରାମ ରହିଛି। ୧୮୩୦ଟି ନଳକୂପ, ୬୩ଟି ପାଇପ ଜଳଯୋଗାଣ ପ୍ରକଳ୍ପ, ୫ଟି ସୋଲାର ମାଧ୍ୟମରେ ଜଳଯୋଗାଣ ପ୍ରକଳ୍ପ, ୧୨୦୦ରୁ ଊର୍ଦ୍ଧ୍ୱ ଖୋଲାକୂପର ବ୍ୟବସ୍ଥା କରାଯାଇଛି। ଦୀର୍ଘବର୍ଷ ହେବ ପୁରୁଣା ପାଇପ୍ ଏବଂ ଯନ୍ତ୍ରାଂଶ ବଦଳା ଯାଉ ନ ଥିବାରୁ ୮୪୦ଟି ନଳକୂପରୁ ଗୋଳିଆ, ଲୌହଗୁଣ୍ଡ ମିଶ୍ରିତ ପାଣି ବାହାରୁଛି। ଅନେକ ସ୍ଥାନରେ ନଳକୂପ ପାଇପ୍ ନଷ୍ଟ ହୋଇଯାଇଥିବାରୁ ଉପରକୁ ପାଣି ଆସୁନି। କେତେଜଣ ମୁଖ୍ୟ ପାଇପକୁ କାଟି ପାଣି ଚୋରି କରୁଛନ୍ତି। ଏହାର ଉଦାହରଣ ଦେଖିବାକୁ ମିଳିଛି ବଡ଼ବେରଣା ପଞ୍ଚାୟତର ଗୋବିନ୍ଦପୁର, ପୋଡାଡିହ ପଞ୍ଚାୟତ ଅନ୍ତର୍ଗତ ନୀଳକଣ୍ଠପୁର, ବୋଟଳମା ପଞ୍ଚାୟତର ଛତ୍ରପଡା, ରାଉତପଡା ପଞ୍ଚାୟତର ଉପରସାହି ଓ ସାତଘରିଆ ସାହିରେ। ସେହିପରି କଣ୍ଟାବାଡ଼ ପଞ୍ଚାୟତର ଯଦୁନଗର ଆଦିବାସୀସାହି, ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ କୋଲୁହାପାଟଣା ଗ୍ରାମରେ ଥିବା ଦୁଇଟି ନଳକୂପର ଜଳରେ ଲୌହମିଶ୍ରିତ ପାଣି ଆସୁଛି। ଏହି ଦୂଷିତ ପାଣି ପିଇ ଲୋକେ ବିଭିନ୍ନ ରୋଗରେ ପଡୁଛନ୍ତି। ପୋଡ଼ାଡିହ ଗ୍ରାମରେ ୨ଟି, ସିକୋରେ ୧ଟି, ଛଣିଆରେ ୨ଟି, ଗଡ଼ମାଣତୀରରେ ୨ଟି ନଳକୂପ ଅଚଳ ରହିଛି। ଅଭିଯୋଗ ପରେ ମଧ ସୁଫଳ ମିଳୁନି। ସେହିପରି ଦେଉଳି, ହଜ ଏବଂ ସିକୋ ପଞ୍ଚାୟତ ଅଞ୍ଚଳରେ ଦିନକୁଦିନ ଜଳସ୍ତର ହ୍ରାସ ପାଉଛି। ସେହିପରି ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗାଁରେ ଥିବା ପ୍ରକଳ୍ପଟି ୮ ବର୍ଷ ହେବ ଅଚଳ ହୋଇପଡିଛି। ଜନ କଲ୍ୟାଣ ପ୍ରତିଷ୍ଠାନର ସଭାପତି ଅକ୍ଷୟ କୁମାର ରଥ, ବିକାଶ ମଞ୍ଚର ସଭାପତି ଶିବ କୁମାର ମୁନି କୁହନ୍ତି, ବ୍ଲକର ବହୁ ଗ୍ରାମରେ ପାନୀୟଜଳ ସମସ୍ୟା ସୃଷ୍ଟି ହୋଇଛି। ସ୍ଥାୟୀ ସମାଧାନ ଦିଗରେ ପ୍ରଶାସନ ଗୁରୁତ୍ୱ ଦେବା ଜରୁରୀ। ଅନ୍ୟପକ୍ଷରେ ଏନେଇ ବିଡିଓ ଲକ୍ଷ୍ମୀଧର ସାହୁ କୁହନ୍ତି, ବ୍ଲକ ଅଞ୍ଚଳରେ ଜଳ ସମସ୍ୟା ଦେଖାଦେଇ ନାହିଁ। ଗ୍ରାମକୁ ଯାଇ ଜଳଯୋଗାଣ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ ବିଭାଗୀୟ ଯନ୍ତ୍ରୀ ଏବଂ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ବାଣ ବିସ୍ଫୋରଣ ଘଟଣାରେ ଜଣେ ମୃତ

**ବେଗୁନିଆ,୫ା୩ (ହର ପ୍ରସନ୍ନ ପଣ୍ଡା)**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ଦେଉଳି ଗ୍ରାମରେ ମଙ୍ଗଳବାର ବାଣ ପ୍ରସ୍ତୁତି ବେଳେ ବିସ୍ଫୋରଣ ଘଟିଥିଲା। ଏଥିରେ ବାଣ ବେପାରୀ ଅଶୋକ ମଲ୍ଲିକ ଏବଂ ତାଙ୍କ ସ୍ତ୍ରୀ ସୁକାନ୍ତି ଗୁରୁତର ଆହତ ହୋଇଥିଲେ। ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଅଶୋକଙ୍କ ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ମୁତାବକ, ମଙ୍ଗଳବାର ପୂର୍ବାହ୍ନରେ ଦେଉଳି ଗ୍ରାମରେ ହଠାତ୍ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ସ୍ଥାନୀୟ ଲୋକେ ଦେଖିବା ବେଳକୁ ଅଶୋକଙ୍କ ଘରେ ଚିତ୍କାର ଶୁଭୁଥିଲା। ବିସ୍ଫୋରଣ ଯୋଗୁ ଅଶୋକ ଏବଂ ତାଙ୍କ ସ୍ତ୍ରୀ ସୁକାନ୍ତି ଆହତ ହୋଇଥିଲେ। ଏହା ପରେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସରେ ବେଗୁନିଆ ମେଡିକାଲ ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ସେଠାରୁ ଖୋର୍ଦ୍ଧା ଏବଂ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ସକାଳ ପ୍ରାୟ ୯ଟାରେ ଚିକିତ୍ସାଧୀନ ଅବସ୍ଥାରେ ଅଶୋକଙ୍କ ମୃତ୍ୟୁ ଘଟିଥିଲା। ତେବେ ତାଙ୍କ ସ୍ତ୍ରୀ ସୁକାନ୍ତି ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ପ୍ରକାଶ ଯେ, ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ଏବଂ ବେଗୁନିଆ ଥାନା ଅଞ୍ଚଳରେ ବେଆଇନ ବାଣ ପ୍ରସ୍ତୁତି ଓ କାରବାର ବୃଦ୍ଧି ପାଇବାରେ ଲାଗିଛି। ଗତ ୧୦ବର୍ଷ ମଧ୍ୟରେ ବାଣ ବିସ୍ଫୋରଣରେ ୯ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବା ବେଳେ ୧୫ରୁ ଊର୍ଦ୍ଧ୍ୱ ଜଣ ଆହତ ହୋଇଛନ୍ତି।

## ଆମ ଗାଁ ମହୋତ୍ସବ ଉଦ୍‌ଘାଟିତ



ମହୋତ୍ସବ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି।

**ବେଗୁନିଆ,୫ା୩ (ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମଳିପଦର ଗ୍ରାମର ପାରିଜାତ କ୍ଲବ ସମ୍ମୁଖରେ ଆମ ଗାଁ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଆମ ଗାଁ ମହୋତ୍ସବ କମିଟିର ସଭାପତି ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତା ଏବଂ ଶିକ୍ଷକ ଶ୍ରୀକାନ୍ତ କୁମାର ନାୟକଙ୍କ ସଂଯୋଜନାରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟ ବକ୍ତା, ବିଡିଓ ଲକ୍ଷ୍ମୀଧର ସାହୁ, ସମିତିସଭ୍ୟା ମାମା ନାୟକ, ଉପଦେଷ୍ଟା ପ୍ରଶାନ୍ତ କୁମାର ବେହେରା, ସୁବାସ ଚନ୍ଦ୍ର ମହାନ୍ତି, ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହୋତ୍ସବ ଭାଇଚାରା ଓ ଏକତାକୁ ସୁଦୃଢ଼ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପ୍ରାରମ୍ଭରେ ମୃତ୍ୟୁଞ୍ଜୟ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଯୁଗ୍ମ କୋଷାଧ୍ୟକ୍ଷ ଅମୀୟ ଭୂଷଣ ପଣ୍ଡା ଧନ୍ୟବାଦ ଦେଇଥିଲେ। ପରେ ଏବିସିଡି ଡ୍ୟାନ୍ସ ଗ୍ରୁପ, ବରଗଡ଼ ଉପାୟ ସାଂସ୍କୃତିକ ଅନୁଷ୍ଠାନ ଏବଂ ଆଞ୍ଚଳିକ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।




ରାମେଶ୍ୱର ଗ୍ରାମସ୍ଥିତ ଶ୍ରୀରାମନିଧି ଦେବଙ୍କ ପୀଠ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ 'ରାମୋଦୟ କାବ୍ୟ' ପୁସ୍ତକ ଲୋକାର୍ପଣ କରୁଛନ୍ତି।

## 'ରାମୋଦୟ କାବ୍ୟ' ପୁସ୍ତକ ଲୋକାର୍ପିତ

**ନିରାକାରପୁର,୫ା୩ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ ରାମେଶ୍ୱର ଗ୍ରାମର ଥିବା ଶ୍ରୀରାମନିଧିଦେବଙ୍କ ପୀଠ ପରିସରରେ 'ରାମୋଦୟ କାବ୍ୟ' ପୁସ୍ତକ ଲୋକାର୍ପିତ ଉତ୍ସବ ଶିକ୍ଷାବିତ୍ ଦିବ୍ୟସିଂହ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ସାହିତ୍ୟିକ ଡ.ସିଦ୍ଧେଶ୍ୱର ମହାପାତ୍ର, ଡା. କୃଷ୍ଣକେଶବ ଷଡ଼ଙ୍ଗୀ, ଐତିହାସିକ ସତ୍ୟବାଦୀ ବଳିୟାରସିଂହ, ଅଧ୍ୟାପକ ଡ.ମୃତ୍ୟୁଞ୍ଜୟ ରଥ, ଡ.କୃପାସିନ୍ଧୁ ପଣ୍ଡା, ଶିକ୍ଷାବିତ୍ ଚକ୍ରଧର ତ୍ରିପାଠୀ, ଗୀତାଜ୍ଞାନ ଭାରତୀ ବିନୋଦ ସେନାପତି ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁସ୍ତକ ଲୋକାର୍ପଣ କରିଥିଲେ। ବୀରେନ୍ଦ୍ର ପଟ୍ଟନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ ଦୀପ୍ତିରଞ୍ଜନ ପାଇକରାୟ ଧନ୍ୟବାଦ ଦେଇଥିଲେ।

## ତାପଙ୍ଗ ଦଳବେହେରାଙ୍କ ଅବଦାନ ଅତୁଳନୀୟ

**ଖୋର୍ଦ୍ଧା,୫ା୩ (ପ୍ରଭାତ ପାଣିଗ୍ରାହୀ)**

ନିଜିଗଡ ତାପଙ୍ଗ ଦଳବେହେରା ସ୍ମୃତି ପରିଷଦ ଏବଂ କଳିଙ୍ଗ ପାଇକ ସଙ୍ଗଠନ ଆନୁକୂଲ୍ୟରେ ତାପଙ୍ଗ ଗଡ଼ ଚଉପାଢୀ ପ୍ରାଙ୍ଗଣରେ ଦଳବେହେରା ବଂଶଜ ନିମାଇଁ ଚରଣ ଶ୍ରୀଚନ୍ଦନଙ୍କ ୮୧ତମ ଜନ୍ମଦିନ ପାଳନ ଓ ପାଇକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଇକ ସଙ୍ଗଠନର ସଭାପତି ଭୀମସେନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏହି ସମାବେଶରେ ଶିକ୍ଷାବିତ୍, ଗବେଷକ, ଦଳବେହେରା ପ୍ରମୁଖ ଯୋଗଦେଇଥିଲେ। ପାଇକ ବିଦ୍ରୋହର ଅନ୍ୟତମ କର୍ଣ୍ଣଧାର ତାପଙ୍ଗ ଦଳବେହେରା ସାମନ୍ତ ମାଧବଚନ୍ଦ୍ର ରାଉତରାୟଙ୍କ ବୀରତ୍ୱ, ଶୌର୍ଯ୍ୟ ଆଗରେ ବ୍ରିଟିଶ ପଛଘୁଞ୍ଚା ଦେଇଥିବା ବେଳେ ଚକ୍ରାନ୍ତ ପୂର୍ବକ ଯୁଦ୍ଧରେ ବିଜୟ ଲାଭ କରିଥିଲେ। ତାପଙ୍ଗ ଦଳବେହେରାଙ୍କ ଉତ୍ସର୍ଗୀକୃତ ମାତୃପ୍ରୀତି, ଯୁଦ୍ଧ ରଣକୌଶଳ ଅତୁଳନୀୟ। ଏକ ସାଧାରଣ ଧୀବରଙ୍କୁ ଆର୍ଥିକ ସହଯୋଗ କରିବାକୁ ଯାଇ ବ୍ରିଟିଶ ନିକଟରେ ନିଜକୁ ଆତ୍ମସମର୍ପଣ କରିଥିବା ଦଳବେହେରାଙ୍କ ମହାନତା ଆଗରେ ମଥାନତ କରି ବ୍ରିଟିଶ ତାଙ୍କୁ ସସମ୍ମାନେ ମୁକ୍ତି ପ୍ରଦାନ କରିଥିଲେ ବୋଲି ମତପ୍ରକାଶ ପାଇଥିଲା। ଦଳବେହେରା ସ୍ମୃତି ପରିଷଦର ସଭାପତି ଇଂ.ଶିଶିର କୁମାର ନାୟକ, ଗବେଷକ ସତ୍ୟବାଦୀ ବଳିୟାରସିଂହ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ଡ.ପ୍ରଫୁଲ୍ଲ ସାମନ୍ତରାୟ, ମୃତ୍ୟୁଞ୍ଜୟ ଛୋଟରାୟ, ରାମ୍‌ଜାନ୍ ଖାଁ, ବୈଦ୍ୟନାଥ ବରାଳ, ସହଦେବ ଜୟସିଂହ, ଅମରେନ୍ଦ୍ର ମହାପାତ୍ର, ବ୍ରଜବନ୍ଧୁ ପରିଡ଼ା, ଭାଗୀରଥି ମଙ୍ଗରାଜ, ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ, ପରିଡ଼ା ବିଭୁଦତ୍ତ ସଂଗ୍ରାମସିଂହ, ଗୋବିନ୍ଦ ଚନ୍ଦ୍ର ନରେନ୍ଦ୍ରସିଂହ, ସୁରଥ ବିଶ୍ୱାଳ, ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା, ପ୍ରଫେସର ପ୍ରସନ୍ନ ଭଞ୍ଜ, ପ୍ରାଣନାଥ ସାହୁ, ଗତିକୃଷ୍ଣ ସେଠୀ, ଚିତ୍ତରଞ୍ଜନ ରାଉତରାୟ, ମନୋଜ ଦଳେଇ, ପଣ୍ଡିତ ସୁଶାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସ୍ମୃତି ପରିଷଦର ପ୍ରତିଷ୍ଠାତା ସମ୍ପାଦକ ସଂଗ୍ରାମ କେଶରୀ ଜଗଦେବ ସଂଯୋଜନା କରିଥିଲେ।

## ସୁଭଦ୍ରା ସଚେତନତା ଶୋଭାଯାତ୍ରା

**ଟାଙ୍ଗୀ,୫ା୩ (ରଘୁନାଥ ସାହୁ)**

ରାଜ୍ୟ ମହିଳା ଓ ଶିଶୁ ସୁରକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ବ୍ଲକ ସମନ୍ୱିତ ଶିଶୁ ସୁରକ୍ଷା ତତ୍ତ୍ୱାବଧାନରେ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତରେ ସୁଭଦ୍ରା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୁଭଦ୍ରା ଯୋଜନାରେ ମହିଳାମାନେ ୫୦ହଜାର ଟଙ୍କା ଲେଖାଏ ପାଇବେ। ଏହି ଯୋଜନାରେ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିବେ। ଟାଙ୍ଗୀ ପଞ୍ଚାୟତରେ ସୁଭଦ୍ରା ସଚେତନା ଶୋଭାଯାତ୍ରା ବ୍ଲକ ପରିସରରୁ ବାହାରି ଗ୍ରାମ ପରିକ୍ରମା କରିଥିଲା। ସିଡିପିଓ ଜ୍ୟୋତ୍ସ୍ନାମୟୀ ପଣ୍ଡା, ଟାଙ୍ଗୀ ସରପଞ୍ଚ କିଶୋର ବେହେରାଙ୍କ ସମେତ ଅଙ୍ଗନୱାଡ଼ି ସୁପରଭାଇଜର, ମିଶନ ଶକ୍ତି ମହିଳା ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ




ବାର୍ଷିକ ଅଧିବେଶନରେ ମଞ୍ଚାସୀନ ଅତିଥି।

**ଟାଙ୍ଗୀ,୫ା୩ (ରଘୁନାଥ ସାହୁ)**

ଟାଙ୍ଗୀ ଅବସରପ୍ରାପ୍ତ କର୍ମଚାରୀ ସଂଘର ୨୭ତମ ବାର୍ଷିକ ସାଧାରଣ ଅଧିବେଶନ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ଭଗବାନ ଚମ୍ପତି ବାର୍ଷିକ ବିବରଣୀ ପାଠ କରିଥିଲେ। ସଭା ପ୍ରାରମ୍ଭରେ ଦିବଂଗତ ସଦସ୍ୟଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଚାଷୀ ସାରଥି ବେହେରାଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସଦସ୍ୟ ଭବାନୀ ଚରଣ ମହାନ୍ତି, ପୂର୍ବତନ ସମ୍ପାଦକ ଅରୁଣ ରଞ୍ଜନ ମହାନ୍ତି, ଉପସଭାପତି ରାଜ କିଶୋର ରଣସିଂହ, ସହ ସମ୍ପାଦକ ରମେଶ କୁମାର ବଳବନ୍ତରାୟ, ରବୀନ୍ଦ୍ର କୁମାର ନାୟକ, ଶଶିରେଖା ନାଥଶର୍ମା, ମଞ୍ଜୁଶ୍ରୀ ପଟ୍ଟନାୟକ, ଦେବଦତ୍ତ ମହାନ୍ତି, ହିମାଂଶୁ ଭୂଷଣ ରଥ, ପଠାଣି ସୁନ୍ଦରାୟ, ପ୍ରଫୁଲ୍ଲ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ତମାଣ୍ଡୋ କପ୍ ଟି୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ସାଇ ଏକାଦଶ ବିଜୟୀ

**ଯାଁଳା,୫ା୩ (ବୁଲା ବାରିକ)**

ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋ କ୍ରିକେଟ କ୍ଲବ୍ ପକ୍ଷରୁ ଚାଲିଥିବା ୭ମ ତମାଣ୍ଡୋ କପ୍ ଟି୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ବୁଧବାର ସାଇ ଏକାଦଶ ଭୁବନେଶ୍ୱର ବିଜୟୀ ହୋଇଛି। ଟସ୍ ଜିତି ଆଇକନିକ ଏକାଦଶ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୭ ଓଭରରେ ୬ ଉଇକେଟ ବିନିମୟରେ ୧୩୦ରନ ସଂଗ୍ରହ କରିଥିଲା। ଜବାବରେ ସାଇ ଏକାଦଶ ଟିମ୍ ୧୬.୨ ଓଭରରେ ୭ ଉଇକେଟ ବିନିମୟରେ ୧୩୧ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦୁର୍ଗାଦତ୍ତ ଦାସ ଏବଂ ଧୀରଜ କୁମାର ସିଂ ମ୍ୟାଚ୍ ପରିଚାଳନା କରିଥିଲେ। ସୁଶୀଲ କୁମାର ସୁନ୍ଦରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସୌମ୍ୟ ରଞ୍ଜନ ବିଶ୍ୱାଳ ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଅନିରୁଦ୍ଧ ବେହେରା ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ମେଟ୍ରୋ, ସାଉଥ ଇଷ୍ଟ ସେଣ୍ଟ୍ରାଲ ରେଲୱେ ବିଜୟୀ







ଅତିଥିଙ୍କଠାରୁ ଦୁଇ ଖେଳାଳି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

**ଜଟଣୀ,୫ା୩ (ରବୀନ୍ଦ୍ରନାଥ ମହାକୁଡ଼)**

ଖୋର୍ଦ୍ଧାରୋଡ଼ସ୍ଥିତ ରେଲ୍‌ୱେ ଷ୍ଟାଡିୟମରେ ଅନୁଷ୍ଠିତ ୬୮ତମ ସର୍ବଭାରତୀୟ ରେଲ୍‌ୱେ ଟି୨୦ କ୍ରିକେଟ୍ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ମେଟ୍ରୋ ଏବଂ ସାଉଥ ଇଷ୍ଟ ସେଣ୍ଟ୍ରାଲ ରେଲ୍‌ୱେ ଟିମ୍ ବିଜୟୀ ହୋଇଛି। ବୁଧବାର ପ୍ରଥମ ମ୍ୟାଚ୍ ମେଟ୍ରୋ ଏବଂ ୱେଷ୍ଟ ସେଣ୍ଟ୍ରାଲ ରେଲ୍‌ୱେ ମଧ୍ୟରେ ହୋଇଥିଲା। ପ୍ରଥମେ ୱେଷ୍ଟ ସେଣ୍ଟ୍ରାଲ ରେଲ୍‌ୱେ ଟିମ୍ ବ୍ୟାଟିଂ କରି ୨୦ଓଭରରେ ୯ଉଇକେଟ ବିନିମୟରେ ୧୧୫ ରନ ସଂଗ୍ରହ କରିଥିଲା। ଜବାବରେ ମେଟ୍ରୋ ଟିମ୍ ୧୯.୨ ଓଭରରେ ୫ଉଇକେଟ ବିନିମୟରେ ୧୧୮ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଅଭିଜିତ ସିଂ ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ନର୍ଥ ସେଣ୍ଟ୍ରାଲ ଏବଂ ସାଉଥ ଇଷ୍ଟ ସେଣ୍ଟ୍ରାଲ ରେଲ୍‌ୱେ ମଧ୍ୟରେ ହୋଇଥିଲା। ପ୍ରଥମେ ନର୍ଥ ସେଣ୍ଟ୍ରାଲ ଟିମ୍ ବ୍ୟାଟିଂ କରି ୨୦ଓଭରରେ ୯ ଉଇକେଟ ବିନିମୟରେ ୧୧୧ରନ ସଂଗ୍ରହ କରିଥିଲା। ଜବାବରେ ସାଉଥ ଇଷ୍ଟ ସେଣ୍ଟ୍ରାଲ ରେଲୱେ ଟିମ୍ ୧୮.୫ଓଭରରେ ୬ ଉଇକେଟ ବିନିମୟରେ ୧୧୨ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଶୁଭମ ଚୌଧୁରୀ ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିଲେ।

# ବିଜୁବାବୁଙ୍କ ଅବଦାନ ଚିରସ୍ମରଣୀୟ

**ଖୋର୍ଦ୍ଧା,୫ା୩ (ପ୍ରଭାତ ପାଣିଗ୍ରାହୀ)**



ସଭାରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଉଦ୍‌ବୋଧନ ଦେଉଛନ୍ତି।

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିଜୁ ପଟ୍ଟନାୟକଙ୍କ ପାର୍କରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ପରେ ବାଇକ୍ ଶୋଭାଯାତ୍ରାରେ ବାହାରି ବିଜୁ ବାବୁ ଅମର ରହେ, ବିଜେଡି ଜିନ୍ଦାବାଦ ନାରାଦେଇ ଇଗଲ କ୍ଲବଠାରେ ପହଞ୍ଚିଥିଲେ। ସେଠାରେ ରାଜେନ୍ଦ୍ରଙ୍କ ସଭାପତିତ୍ୱରେ ବିଜୁ ବାବୁଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଏହି ଅବସରରେ ୧୨ ନମ୍ବର ଜୋନ ଜିଲାପରିଷଦ ବିଜୟ ପାଲଟାସିଂହ କହିଥିଲେ, ବିଜୁବାବୁ ଜଣେ ବିଚକ୍ଷଣ ରାଜନୈତିଜ୍ଞ ଥିଲେ। ସ୍ୱାଭିମାନୀ ଓଡ଼ିଆ, ସାଲିସବିହୀନ ରାଷ୍ଟ୍ରନୀତିଜ୍ଞ, ସ୍ପଷ୍ଟବାଦୀ, କଳିଙ୍ଗ ବୀର ଏବଂ ପ୍ରବାଦ ପୁରୁଷ ଭାବେ ପ୍ରତିଟି ଓଡ଼ିଆଙ୍କ ହୃଦୟରେ ବାସ କରୁଛନ୍ତି। ସଭାପତିତ୍ୱ ଭାଷଣରେ ପୂର୍ବତନ ବିଧାୟକ ସାହୁ କହିଥିଲେ, ୧୯୯୦ରୁ ୧୯୯୫ ବିଜୁ ବାବୁଙ୍କ ଶାସନ କାଳରେ ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବା ସହ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଏବେ ଭାଜପା ସରକାର ମାର୍ଚ୍ଚ ୫ ପଞ୍ଚାୟତିରାଜ ଦିବସକୁ ରଦ୍ଦ କରିବା ଦୁର୍ଭାଗ୍ୟଜନକ। ବିଜୁବାବୁଙ୍କ ଶାସନ କାଳରେ ପଞ୍ଚାୟତିରାଜ ବ୍ୟବସ୍ଥା ସୁଦୃଢ଼ ହୋଇପାରିଥିଲା। ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ଖୋର୍ଦ୍ଧା ପୌର ପରିଷଦ କାଉନସିଲର ଅନିଲ ରାମ, ଅମିୟ ମହାନ୍ତି, ନାଗଭୂଷଣ ଜେନା, ପ୍ରବୀଣା ଜଗଦ୍ଦେବରାୟ ପ୍ରମୁଖ ଉପସ୍ଥିତ ଥିଲେ।

**ବାଣପୁର,(ଦିଲୀପ କୁମାର ସ୍ୱାଇଁ):** ବାଣପୁର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଜେଡି ବ୍ଲକ ଉପସଭାପତି ଯଦୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ଯୋଗଦେଇ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ କର୍ମକର୍ତ୍ତାମାନେ ମେଡିକାଲ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଚିତ୍ତରଞ୍ଜନ ସାମନ୍ତରାୟ, ମିକୁନ ସାହୁ, ଆଶୁତୋଷ ପାଢ଼ୀ, ଜୟସେନ ବେହେରା, ନିରଞ୍ଜନ ପ୍ରଧାନ, ରାଜା ବିଶୋୟୀ ଉପସ୍ଥିତ ଥିଲେ।

**ବେଗୁନିଆ, (ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆସ୍ଥିତ ବିଜୁ ପଟ୍ଟନାୟକ ପାର୍କ ପରିସରରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ ବିଧାୟକ ପ୍ରଦୀପ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ବେଗୁନିଆ ଏବଂ ବୋଲଗଡ଼ ବ୍ଲକର ସରପଞ୍ଚ, ସମିତିସଭ୍ୟ, ଜିଲାପରିଷଦ ସଭ୍ୟଙ୍କ ସହ ଶିକ୍ଷାବିତ୍ ଭଗବାନ ପଣ୍ଡା, ବ୍ଲକ ବିଜେଡି ସଭାପତି ବାନାମ୍ବର ମାଝୀ, ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଜିଲାପରିଷଦ ସଭ୍ୟ ତନୁଜା ପାଟ୍ଟଶାଣୀ, ସୁବାସ ଚନ୍ଦ୍ର ରାୟଗୁରୁ, ପ୍ରଦୀପ୍ତ କିଶୋର ଛୋଟରାୟ, ପ୍ରକାଶ ଚନ୍ଦ୍ର ସାହୁ, ସରପଞ୍ଚ ଲାବଣ୍ୟ ଜୟସିଂହ, ରଞ୍ଜିତା ମହାଭୋଇ, ସତ୍ୟ ନାରାୟଣ ପ୍ରଧାନ ଯୋଗଦେଇ ମତବ୍ୟକ୍ତ କରିଥିଲେ।

**ଜଟଣୀ,(ରବୀନ୍ଦ୍ରନାଥ ମହାକୁଡ଼):** ବିଜେଡି ପକ୍ଷରୁ ଜଟଣୀ ପୌରପରିଷଦର ଉତ୍ତରାୟଣୀ ମନ୍ଦିର ପ୍ରେକ୍ଷାଳୟରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବିଜେଡି ନେତା ଏବଂ କର୍ମୀ ଯୋଗଦେଇଥିଲେ। ସେହିପରି ରାମଚନ୍ଦ୍ରପୁର ବଜାରସ୍ଥିତ ଜଟଣୀ ବରିଷ୍ଠ ନାଗରିକ ସେବା ସଂଘ ଏବଂ ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠାନର ସଭାପତି ଅବନୀ ରାଉତରାୟଙ୍କ ସଭାପତିତ୍ୱରେ ବିଜୁ ବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।

**କବାଡ଼ିଆ ଦୋକାନ ଜଳିଗଲା**

ମଙ୍ଗୁଳି-ଜଗତପୁର,(ମାନସ ସାମଲ): ଟାଙ୍ଗୀ ଥାନା ଅଧୀନ ମଙ୍ଗୁଳି ଛକ ନିକଟ ଏକ କବାଡିଆ ଦୋକାନରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ସମସ୍ତ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଦୋକାନ ଉପରେ ଯାଇଥିବା ବିଦ୍ୟୁତ୍ ତାରରେ ସର୍ଟସର୍କିଟ ଯୋଗୁ ନିଆଁ ଲାଗିଥିବା ଦୋକାନ ମାଲିକ ସଞ୍ଜୟ ସା ଅଭିଯୋଗ କରିଛନ୍ତି। ପ୍ରତିଦିନ ଭଳି ମଙ୍ଗଳବାର ରାତିରେ ସଞ୍ଜୟ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ରାତି ପ୍ରାୟ ସାଢେ ୨ଟାରେ ଦୋକାନରେ ନିଆଁ ଲାଗିଯାଇଥିଲା। ପାଖ ବ୍ୟବସାୟୀ ନିଆଁକୁ ଲିଭାଇବାରେ ଚେଷ୍ଟା କରି ବିଫଳ ହେବାରୁ ଚୌଦ୍ୱାର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ହେଲେ ଅଗ୍ନିଶମ ବାହିନୀ ସକାଳ ୭ଟାରେ ଆସିବାବେଳକୁ ନିଆଁ ଲିଭିଯାଇଥିଲା।

# ୩୭ ଦିନ ପରେ ଖୋଲିଲା ମାଳବିହାରପୁର ବିଦ୍ୟାଳୟ

**ସାଧାରଣତନ୍ତ୍ର ଦିବସକୁ ଯିବାବେଳେ ଦୁର୍ଘଟଣାରେ ଛାତ୍ର ମୃତ୍ୟୁ ଘଟଣା**

ବାଙ୍କୀ, ୫।୩ (ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର)

କଟକ ଜିଲାର ବାଙ୍କୀ ଉପଖଣ୍ଡ ସରଣ୍ଡାଗଡ଼ରେ ସାଧାରଣତନ୍ତ୍ର ଦିବସ ପରେଡରେ ଯୋଗଦେବାକୁ ମାଳବିହାରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଗାଡିରେ ଯାଉଥିଲେ। ଗାଡି ଦୁର୍ଘଟଣା ହେବାରୁ ୨୩ ଜଣ ଛାତ୍ରୀଛାତ୍ର ଆହତ ହୋଇଥିବା ବେଳେ ଜଣେ ଦଶମ ଶ୍ରେଣୀ ଛାତ୍ର ସୌମ୍ୟରଞ୍ଜନ ବେହେରାଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଅଞ୍ଚଳରେ ଉତ୍ତେଜନା ଲାଗି ରହିବା ସହ କ୍ଷତିପୂରଣ ଦାବିରେ ବିଦ୍ୟାଳୟକୁ ଗ୍ରାମବାସୀ ଚାବି ପକାଇ ଦେଇଥିଲେ। ସରକାରଙ୍କ ପକ୍ଷରୁ ମୃତକ ପରିବାରକୁ ୫ଲକ୍ଷ ଏବଂ ଗୁରୁତର ଛାତ୍ରୀଛାତ୍ରଙ୍କ ପରିବାରକୁ ୩୦ ହଜାର ଟଙ୍କା କ୍ଷତିପୂରଣ ଦେବା ପାଇଁ ଘୋଷଣା କରିଥିଲେ। ତାହା ଅଦ୍ୟାବଧି ମିଳିପାରିନାହିଁ। ବହୁ ବିଚାରବିମର୍ଶ ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଇଓ ବୁଧବାର ବିଦ୍ୟାଳୟକୁ ଖୋଲିଛନ୍ତି। ବିଦ୍ୟାଳୟର ୧ମ ଶ୍ରେଣୀରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ୨୫୫ ଛାତ୍ରୀଛାତ୍ରୀଙ୍କ ମଧ୍ୟରୁ ୧୦୪ ଜଣଙ୍କ ଉପସ୍ଥାପନା, ୧୦ଜଣ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟରେ ଯୋଗଦାନ କରିଥିଲେ।

ଦୁର୍ଘଟଣାରେ ଛାତ୍ର ମୃତ୍ୟୁ ପରେ ସରକାରଙ୍କ ପକ୍ଷରୁ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ ଶ୍ରୀନିବାସ ବେହେରାଙ୍କୁ ନିଲମ୍ବନ ସହ ୨ଜଣ ଶିକ୍ଷକଙ୍କୁ ନିକଟ ବିଦ୍ୟାଳୟକୁ ବଦଳି କରି ଶିକ୍ଷା ବିଭାଗ ଚୁପ ହୋଇ ବସି ପଡ଼ିଥିଲା। ଏ ନେଇ ଅଭିଭାବକ ଓ ଗ୍ରାମବାସୀ ଅସନ୍ତୁଷ୍ଟ ଥିବାରୁ ପ୍ରଶାସନ ପକ୍ଷରୁ ୨ ଥର ବିଦ୍ୟାଳୟ ଖୋଲିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ବିଫଳ ହୋଇଥିଲା। ଫଳରେ ବିଦ୍ୟାଳୟରେ ପିଲାମାନଙ୍କର ପାଠପଢ଼ା ବନ୍ଦ ରହିଥିଲା। ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ପ୍ରଶାସନଠାରୁ ଶିକ୍ଷାବିତ୍‌ମାନେ ବିଦ୍ୟାଳୟ ଖୋଲିବାକୁ ଚେଷ୍ଟା କରିଆସୁଥିଲେ। ଗତ ୨ ତାରିଖରେ ଆଠଗଡ଼ ଥାନା ଅନ୍ତର୍ଗତ ଖୁଣ୍ଟକଟା ପଞ୍ଚାୟତ ଅଧୀନ ବେତେଶ୍ୱର ଗାଁର ଶ୍ରୀଅଶୋକେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ବାଙ୍କୀ ବିଇଓ ସନ୍ତୋଷ କୁମାର ସେଠୀଙ୍କ ପରାମର୍ଶକ୍ରମେ ଚର୍ଚ୍ଚିକା ସରକାରୀ ଉଚ୍ଚ ବିଦ୍ୟାଳୟ ବାଙ୍କୀର ଶିକ୍ଷକ ବଳରାମ ପାଇକରାୟ, ବରେନ୍ଦ୍ର କୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଓ ଢେଙ୍କାନାଳ ଜିଲା ସରକାରୀ ଉଚ୍ଚ ବିଦ୍ୟାଳୟ ଶଙ୍କରପୁରର କିରାଣି ବାବୁଲାଲ ସାହୁଙ୍କ ଆବାହକତ୍ୱରେ ମାଳବିହାପୁର ଗ୍ରାମ ସଭାପତି ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଂଶୀଧର ଜେନାଙ୍କ ଅଧକ୍ଷତାରେ ଓ କଦଳୀବାଡି ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଜିତେନ୍ଦ୍ର କୁମାର ଖଟୁଆ, ସମିତି ସଭ୍ୟ ଫକୀର ମୋହନ ସେଠୀ ପ୍ରମୁଖଙ୍କ ନେତୃତ୍ୱରେ ଗ୍ରାମବାସୀ, ଅଭିଭାବକ ଓ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ଉପସ୍ଥିତିରେ ସଭା ହୋଇଥିଲା। ବହୁ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ବିଦ୍ୟାଳୟର ଭବିଷ୍ୟତ ତଥା ପିଲାଙ୍କ ପାଠପଢା ସହ ଆଗାମୀ ବାର୍ଷିକ ପରୀକ୍ଷାକୁ ଦୃଷ୍ଟିରେ ରଖି, ଶାନ୍ତ ବାତାବରଣ ଭିତରେ ବିଦ୍ୟାଳୟର ଶୈକ୍ଷିକ ପରିବେଶକୁ ଫେରାଇ ଆଣିବାକୁ ସର୍ବସମ୍ମତିକ୍ରମେ ମତ ପ୍ରକାଶ କରିଥିଲେ। ଗତ ୩ ତାରିଖରେ ବାଙ୍କୀ ବ୍ଲକ ସମ୍ମିଳନୀ କକ୍ଷରେ କଟକ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମାଳବିହାରପୁର ଗ୍ରାମବାସୀ ବିଦ୍ୟାଳୟ ଖୋଲିବା ପାଇଁ ଏହି ପ୍ରସ୍ତାବ ଦେଇଥିଲେ। ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଧେ ବାଙ୍କୀ ବିଇଓଙ୍କୁ ବିଦ୍ୟାଳୟ ଖୋଲିବାର ସମସ୍ତ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଇଓ ସନ୍ତୋଷ କୁମାର ସେଠୀ ଓ ଏବିଇଓ ବଳରାମ ମୁଦୁଲିଙ୍କ ଉପସ୍ଥିତିରେ ୩୭ ଦିନ ପରେ ବିଦ୍ୟାଳୟ ଖୋଲିଛି।



ମାଳବିହାରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଖୋଲିବା ପରେ ଆସିଥିବା ପିଲାମାନେ।

# ୩ ଅଭିଯୁକ୍ତ କୋର୍ଟ ଚାଲାଣ

**ବିଜୁବାବୁଙ୍କ ମୂର୍ତ୍ତିରୁ ମୁଣ୍ଡ କାଟ ଘଟଣା**

ନିଶ୍ଚିନ୍ତକୋଇଲି,୫।୩(ଅଶୋକ କୁମାର ମହାପାତ୍ର)

କଟକ ଜିଲା ଭଦ୍ରେଶ୍ୱର ଥାନା ଉମର ପଞ୍ଚାୟତ ହନୁମାନ ଛକ ନିକଟରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିର ମୁଣ୍ଡ କାଟ ଘଟଣାରେ ବୁଧବାର ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଉମର ଗ୍ରାମର ବିଶ୍ୱଜିତ୍ ମହାପାତ୍ର, ନନ୍ଦକିଶୋର ମଲ୍ଲିକ ଓ ବିଶ୍ୱଜିତ୍ ମହାପାତ୍ର। ସେମାନଙ୍କୁ ମାହାଙ୍ଗା କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ମଙ୍ଗଳବାର ଉମର ଗ୍ରାମର ବିସ୍ମୟ ମହାପାତ୍ର ବିଜୁବାବୁଙ୍କ ପ୍ରତିମୂର୍ତ୍ତିରୁ ମୁଣ୍ଡ କାଟ ନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ଥାନାରେ ନଂ. ୩୮/୨୫ରେ ମାମଲା ରୁଜୁ ହୋଇଥିଲା। ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ଅଭିଯୁକ୍ତଙ୍କୁ ଗିରଫ କରି ନିଶ୍ଚିନ୍ତକୋଇଲି ଥାନାରେ ରଖିଥିଲା।

# 'ବିଜୁବାବୁ ଥିଲେ ଦୂରଦୃଷ୍ଟି ସମ୍ପନ୍ନ ରାଜନେତା'


ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୫।୩(କାର୍ତ୍ତିକ ସାହୁ/ଶିଳ୍ପା ପ୍ରିୟଦର୍ଶିନୀ)

ଜିଲା ପ୍ରଶାସନ ପକ୍ଷରୁ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶିବ ଟପୋ, ଅତିଥି ଭାବେ ଅତିରିକ୍ତ ଜିଲାପାଳ ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର ଯୋଗଦେଇ କହିଛନ୍ତି, ବିଜୁବାବୁ ଜଣେ ଦୂରଦୃଷ୍ଟି ସମ୍ପନ୍ନ ରାଜନେତା ଥିଲେ। ଜିଲା ମଙ୍ଗଳ ଅଧିକାରୀ ସୁଶ୍ରୀ ମଧୁସ୍ମିତା ମହାପାତ୍ର, ଜିଲା କ୍ରୀଡ଼ା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସ୍ୱାଗତ ଭାଷଣ ଓ ସହକାରୀ ସୂଚନା ଅଧିକାରୀ ସ୍ୱାଗତିକା ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସକାଳେ ବିଜୁ ପଟ୍ଟନାୟକ ଛକ, ଆନନ୍ଦ ଭବନ ଓ ଯୋବ୍ରାଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଜିଲା ପ୍ରଶାସନର ଅଧିକାରୀମାନେ ମାଲ୍ୟାର୍ପଣ କରିଥିଲେ। ଆନନ୍ଦ ଭବନ ସଂଗ୍ରହାଳୟ ଓ ପାଠାଗାରକୁ ସାଜସଜ୍ଜା କରାଯିବା ସହ ବିଜୁବାବୁଙ୍କ ଜୀବନୀ ଉପରେ ଫଟୋ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା।

ସେହିପରି ବାରବାଟୀ-କଟକ ବିଜେଡି ପକ୍ଷରୁ କଟକ ଆନନ୍ଦ ଭବନଠାରେ ରାଜ୍ୟସଭା ସଦସ୍ୟ ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ବିଜୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ସିଏମ୍‌ସି ମେୟର ସୁବାସ ସିଂଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦ ଯୋଗଦେଇଥିଲେ।

# ଗଣଦୌଡ଼ରେ ଶତାଧିକ ଛାତ୍ରୀଛାତ୍ର ସାମିଲ

କଟକ,୫।୩(ଶିଳ୍ପା ପ୍ରିୟଦର୍ଶିନୀ)

ପ୍ରବାଦପୁରୁଷ ବିଜୁପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଓଡ଼ିଶା ଭେଟେରାନ ସ୍ପୋର୍ଟସ ପର୍ସନ ଆସୋସିଏଶନ ଆନୁକୂଲ୍ୟରେ ୧୯ତମ ଗଣଦୌଡ ଓ ୧୪ତମ ୱାକାଥନ ବିଜୁ ପଟ୍ଟନାୟକ ଛକଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ସଭାପତି ତଥା ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗଣଦୌଡ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଥମରୁ ସପ୍ତମ ଶ୍ରେଣୀର ଶତାଧିକ ଛାତ୍ରୀଛାତ୍ରଙ୍କୁ ନେଇ ଗଣଦୌଡ, ମହିଳା ଓ ପୁରୁଷଙ୍କୁ ନେଇ ୱାକାଥନ ଅନୁଷ୍ଠିତ ହୋଇଥିଲା। ପରେ ତୁଳସୀପୁରସ୍ଥିତ ସାରଳା ଭବନଠାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଆସୋସିଏଶନର ସଭାପତି ସ୍ୱାଇଁ ଅଧ୍ୟକ୍ଷତା କରି କହିଥିଲେ, ବିଜୁବାବୁଙ୍କ ସ୍ମୃତିରେ ମାରାଥନ ଓ ୱାକାଥନ କରାଯାଇଆସୁଛି। ଏଥିରେ ଅନ୍ୟତମ ଅତିଥି ଭାବେ ଇଂ. ପ୍ରଭାକର ସ୍ୱାଇଁ, ଅବରପ୍ରାପ୍ତ ବିଚାରପତି ମନୋରଞ୍ଜନ ମହାନ୍ତି, କ୍ଷୀତିଶ ପାତ୍ର, ଦେବୁ ଚାଟାର୍ଜି, ସମୀର ପରିଜା ପ୍ରମୁଖ ଯୋଗଦେଇଥିଲେ। ଆସୋସିଏଶନ ପକ୍ଷରୁ ଚଳିତବର୍ଷ ବିଶିଷ୍ଟ ଫୁଟ୍‌ବଲ ଖେଳାଳି ବିଜୟ ଦାସ, ଜିମ୍ନାଷ୍ଟିକ୍ ସମୀର ଦତ୍ତ ଓ ଆଥ୍‌ଲେଟିକ୍ ଉଷାରାଣୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସୋସିଏଶନ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଆସୋସିଏଶନର ବରିଷ୍ଠ ସଦସ୍ୟ ସରୋଜ ସିଂ, ରବି ପଟ୍ଟନାୟକ, ଅମୂଲ୍ୟ ବେହେରା, ମହମ୍ମଦ ଦାନିସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଭେଟେରାନ ସ୍ପୋର୍ଟ୍ସ ପର୍ସନ୍ସ ଆସୋସିଏଶନ ପକ୍ଷରୁ ବୁଧବାର କଟକ ଆନନ୍ଦ ଭବନ ନିକଟରେ ଆୟୋଜିତ ଗଣଦୌଡ଼ରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

# ବ୍ରାଉନସୁଗାର ଜବତ, ହୋଟେଲ କର୍ମଚାରୀ ଗିରଫ

କଟକ,୫।୩(କାର୍ତ୍ତିକ ସାହୁ)

ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ଭୁବନେଶ୍ୱରର ଜଣେ ହୋଟେଲ କର୍ମଚାରୀଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ସେ ହେଲେ ଜଗତସିଂହପୁର ଜିଲା ନାଉଗାଁ ଥାନା ଭଟଣା ଅଞ୍ଚଳର ଦୀନେଶ କୁମାର ଜେନା(୨୪)। ତାଙ୍କ ନିକଟରୁ ୧୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ ହୋଇଛି। ସେ ଅନ୍ୟ ଜଣଙ୍କଠାରୁ ବ୍ରାଉନସୁଗାର କିଣି କଟକ ବାଲିଯାତ୍ରା ପଡ଼ିଆର ଗଡ଼ଗଡ଼ିଆ ଘାଟ ଅଞ୍ଚଳରେ ବିକ୍ରି କରୁଥିବାବେଳେ ଅବକାରୀ ବିଭାଗ ଗ୍ରାହକସାଜି ତାଙ୍କୁ ଧରିଥିଲା।

# ରୋଗୀଙ୍କ କ୍ୟାଥେଟର କାଢ଼ି ନ ପାରି କାଟି ଦେଲେ ହସ୍ପିଟାଲ କର୍ମଚାରୀ

- ଆଇସିୟୁରେ ଭର୍ତ୍ତି ପରେ ହେଲା ଅସ୍ତ୍ରୋପଚାର
- ଥାନାରେ ମାମଲା ରୁଜୁ

କଟକ,୫।୩(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜୋବ୍ରାଠାରେ ଥିବା ଷ୍ଟାର୍ ହସ୍ପିଟାଲ ନାମକ ଏକ ଘରୋଇ ହସ୍ପିଟାଲ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି ଶିଖରପୁର ଅଞ୍ଚଳର ରୋହିତ ବରାଳ। ସେ ତାଙ୍କ ବାପା ରାକେଶ ବରାଳ(୮୦)ଙ୍କ କ୍ୟାଥେଟର ବା ପରିସ୍ରାନଳୀ କାଢ଼ିବାକୁ ସୋମବାର ଉକ୍ତ ହସ୍ପିଟାଲକୁ ନେଇଥିଲେ। ସେଠାରେ ବିନା ଡାକ୍ତରଙ୍କ ପରାମର୍ଶରେ କର୍ମଚାରୀ ଉକ୍ତ କ୍ୟାଥେଟର କାଟି ଦେଇଥିଲେ। ଫଳରେ ରାକେଶଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ହସ୍ପିଟାଲର ଆଇସିୟୁରେ ଗୋଟିଏ ରାତି ହସ୍ପିଟାଲ କର୍ତ୍ତୃପକ୍ଷ ଭର୍ତ୍ତି କରି ରଖିଥିଲେ। ମଙ୍ଗଳବାର ପରିବାର ଲୋକେ ଏ ସମ୍ପର୍କରେ ପଚାରିବାରୁ ରାକେଶଙ୍କ ପରିସ୍ରାନଳୀ ଭୁଲ୍ ଭାବେ କଟାଯିବାରୁ ତାଙ୍କର ଅସ୍ତ୍ରୋପଚାର କରାଯିବା ନିମନ୍ତେ ହସ୍ପିଟାଲ କର୍ତ୍ତୃପକ୍ଷ କହିଥିଲେ। ଏଥିସହ ପ୍ରତିଦିନ ଖର୍ଚ୍ଚ ମୁତାବକ ୧୦ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି ମଧ୍ୟ ଜଣାଇଥିଲେ। ଏନେଇ ପରିବାର ଲୋକେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ଉଭୟ ପକ୍ଷ ମଧ୍ୟରେ ବଚସା ହୋଇଥିଲା। ପରିବାର ଲୋକଙ୍କୁ ବୁଝାସୁଝା କରିବା ପରେ ବୁଧବାର ରାକେଶଙ୍କ ଅସ୍ତ୍ରୋପଚରା କରାଯାଇଛି। ହେଲେ ରୋହିତ ଏନେଇ ମଙ୍ଗଳବାର ମାଲଗୋଦାମ ଥାନାରେ ଅଭିଯୋଗ କରିଛନ୍ତି। ଏଥିସହ ବୁଧବାର କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଶାନ୍ତ କୁମାର ହୋତାଙ୍କ ନିକଟରେ ରାକେଶଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ହୋତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଅପରପକ୍ଷରେ ରୋହିତ କହିଛନ୍ତି, ବାପା ପାରାଲାଇଜ୍ ହେବା ଯୋଗୁ ପରିସ୍ରାନଳୀ ଲଗାଯାଇଥିଲା। ତାହାକୁ କାଢିବା ପାଇଁ ହସ୍ପିଟାଲକୁ ଆସିଥିଲୁ। ଏଠାରେ ଡାକ୍ତରଙ୍କ ଅନୁପସ୍ଥିତରେ କର୍ମଚାରୀ କ୍ୟାଥେଟର କାଢ଼ିବାକୁ ଚେଷ୍ଟା କରିଥିଲେ। ହେଲେ ତାହାକୁ କାଢ଼ି ନ ପାରିବାରୁ କାଟି ଦେଇଥିଲେ। ଫଳରେ ବାପାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଅସ୍ତ୍ରୋପଚାର କରାଯାଇଛି। କିନ୍ତୁ ହସ୍ପିଟାଲ କର୍ତ୍ତୃପକ୍ଷ ଭୁଲ୍ କରି ଓଲଟା ଆମକୁ ଟଙ୍କା ଖର୍ଚ୍ଚ କରିବାକୁ କହୁଛନ୍ତି। ବାପାଙ୍କ ଏଭଳି ଅବସ୍ଥା ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷ ଦାୟୀ। ତେଣୁ ବାପାଙ୍କ ସମସ୍ତ ଖର୍ଚ୍ଚ ନିଶୁଳ୍କ ଭାବେ କରିବାକୁ ରୋହିତ ଦାବି କରିଛନ୍ତି। ମାଲଗୋଦାମ ଥାନା ଅଧିକାରୀ ରଜନୀକାନ୍ତ ଦାସ କହିଛନ୍ତି, ଅଭିଯୋଗ ଆଧାରରେ ଏକ ମାମଲା (ନଂ.୨୮/୨୫) ରୁଜୁ ହୋଇଛି। ଏନେଇ ମେଡିକାଲ ବୋର୍ଡକୁ ଅବଗତ କରାଯାଇଛି। ସେମାନେ ତଦନ୍ତକରି ରିପୋର୍ଟ ଦେଲେ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅପରପକ୍ଷରେ ହସ୍ପିଟାଲ ନିର୍ଦ୍ଦେଶକ ନକୁଳ ସାହୁ କହିଛନ୍ତି, ଉକ୍ତ ରୋଗୀଙ୍କଠାରେ ଖରାପ କ୍ୟାଥେଟର ଲଗାଯାଇଥିଲା। ସମସ୍ୟା ହେବାରୁ ହସ୍ପିଟାଲକୁ କାଢ଼ିବା ପାଇଁ ଆସିଥିଲେ। ନିଃଶୁଳ୍କ ଭାବେ ତାଙ୍କର ଅସ୍ତ୍ରୋପଚାର କରାଯାଇଛି। ଏବେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି।

# ଯୁବକଙ୍କୁ ଆକ୍ରମଣ

ତ୍ରିଶୂଳିଆ,୫।୩(ତୁଷାରକାନ୍ତ ବେହେରା)

ବାରଙ୍ଗ ଥାନା ଅଧୀନ ସାନମୁଣ୍ଡଳୀ ଗ୍ରାମର ସମ୍ବିତ କୁମାର ସାହୁଙ୍କୁ ତଳଗଡ଼ ଗ୍ରାମର ୨ ଜଣ ଯୁବକ ମାରଣାନ୍ତକ ଆକ୍ରମଣ କରିଥିବା ନେଇ ସେ ବୁଧବାର ଗୋଡ଼ିସାହି ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ତଳଗଡ଼ସ୍ଥିତ କେନ୍ଦ୍ରୀୟ କୁକ୍କୁଟ ପ୍ରଜନନ କେନ୍ଦ୍ରକୁ ସମ୍ବିତ ତାଙ୍କ ଭାଇଙ୍କ ସହ ଅଣ୍ଡା ନେବାକୁ ଯାଇଥିଲେ। ସେଠାରେ କର୍ମଚାରୀ ଥିବା ତଳଗଡ଼ ଗ୍ରାମର ଲିଟୁ ମହାନ୍ତିଙ୍କ ସହ ଯୁକ୍ତିତର୍କ ହୋଇଥିଲା। ପରେ ଲିଟୁ ତାଙ୍କ ଭାଇ ଜିତୁ ମହାନ୍ତିଙ୍କୁ ସାଙ୍ଗରେ ଆଣି ସେଠାରେ ପହଞ୍ଚିଥିଲେ। ୨ ଭାଇ ମିଶି ସମ୍ବିତଙ୍କୁ ଏକ ଲୁହା ରଡ଼ରେ ଆକ୍ରମଣ କରିଥିଲେ। ସମ୍ବିତଙ୍କ ମୁଣ୍ଡରେ ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହେଉଥିବାରୁ ତାଙ୍କ ଭାଇ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ଚିକିତ୍ସା ପରେ ସମ୍ବିତ ବୁଧବାର ଲିଟୁ ଓ ଜିତୁଙ୍କ ବିରୋଧରେ ଗୋଡ଼ିସାହି ଫାଣ୍ଡିରେ ଅଭିଯୋଗ କରିଛନ୍ତି।

# ୟୁବିଆଇର ମେଗା ଏମ୍‌ଏସ୍‌ଏମ୍‌ଇ ଆଉଟ୍‌ରିଚ୍ ପ୍ରୋଗ୍ରାମ



ଏମ୍‌ଏସ୍‌ଏମ୍‌ଇ ଆଉଟ୍‌ରିଚ୍ ପ୍ରୋଗ୍ରାମରେ ନିମନ୍ତ୍ରିତ ଅତିଥି ଓ ଅନ୍ୟମାନେ।

ଭୁବନେଶ୍ୱର,୫।୩(ଅଭୟ ଦାଶ)

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ମେଗା ଏମ୍‌ଏସ୍‌ଏମ୍‌ଇ ଆଉଟ୍‌ରିଚ୍ ପ୍ରୋଗ୍ରାମ ନିକଟରେ କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ଶାରଳା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏମ୍‌ଏସ୍‌ଏମ୍‌ଇ ଉପନିର୍ଦ୍ଦେଶକ ନୀତୀଶା ମନ୍ ଏବଂ ଓଏସ୍‌ଏସ୍‌ଆଇଏର ସଭାପତି ସ୍ୱରଜିତ୍ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ୟୁବିଆଇ ମାଙ୍ଗାଲୋର କେନ୍ଦ୍ରୀୟ କାର୍ଯ୍ୟାଳୟ ଆନେକ୍ସର ମୁଖ୍ୟ ମହାପ୍ରବନ୍ଧକ ଏ.କେ.ବିନୋଦ, ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ତଥା ମହାପ୍ରବନ୍ଧକ ସର୍ବେଶ ରଞ୍ଜନ ଏବଂ କଟକ କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ସରୋଜ କୁମାର ରାଉତଙ୍କ ସମେତ କଟକ ସହର ଅନ୍ତର୍ଗତ ଶାଖାଗୁଡ଼ିକର ଶାଖା ମୁଖ୍ୟ ଏବଂ ଗ୍ରାହକମାନେ ମଧ୍ୟ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୪୦୦ରୁ ଊର୍ଦ୍ଧ୍ୱ ଗ୍ରାହକ ଯୋଗଦେଇଥିବାବେଳେ ୫୮ କୋଟି ଟଙ୍କାର ୮୫ଟି ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ସେହିଭଳି ଏ.କେ.ବିନୋଦ ଏବଂ ସର୍ବେଶ ରଞ୍ଜନ ବ୍ୟାଙ୍କର ଏମ୍‌ଏସ୍‌ଏମ୍‌ଇ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେବା ସହ ବର୍ତ୍ତମାନ ଓ ଆଗ୍ରହୀ ଏମ୍‌ଏମ୍‌ଏସ୍‌ଇ ଗ୍ରାହକମାନଙ୍କ ନିକଟରେ ପହଞ୍ଚି ବିଭିନ୍ନ ସରକାରୀ ପ୍ରାୟୋଜିତ ଯୋଜନା ଅଧୀନରେ ଆର୍ଥିକ ସହାୟତା ପ୍ରଦାନ ସମ୍ପର୍କରେ ସେମାନଙ୍କୁ ଅବଗତ କରାଇଥିଲେ।

# କଟକଚଣ୍ଡୀ ମନ୍ଦିର ନବୀକରଣ କାମର ତଥ୍ୟ ସାର୍ବଜନୀନ ହେଉ

କଟକ,୫।୩(ଶିଳ୍ପା ପ୍ରିୟଦର୍ଶିନୀ)

କଟକଚଣ୍ଡୀ ମନ୍ଦିର ନବୀକରଣ କାର୍ଯ୍ୟରେ ଅବହେଳାକୁ ନେଇ ମା' କଟକଚଣ୍ଡୀ ମନ୍ଦିର ସୁରକ୍ଷା କମିଟି, କଟକର ବୁଦ୍ଧିଜୀବୀ ଓ ଯୁବପିଢ଼ିଙ୍କ ପକ୍ଷରୁ ବୁଧବାର ଏକ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା ଶେଖ୍‌ବଜାରସ୍ଥିତ ଲାଲା ମଠରୁ ବାହାରି ଚଣ୍ଡୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ମନ୍ଦିରର ନବୀକରଣ କାର୍ଯ୍ୟରେ ଅବହେଳା ଓ ନିମ୍ନମାନର କାର୍ଯ୍ୟକୁ ପ୍ରତିବାଦ କରାଯିବା ସହ ସମସ୍ତ କାର୍ଯ୍ୟ ତଦାରଖ କରାଯାଇଥିଲା। ପରେ ଗଣମାଧ୍ୟମ ଜରିଆରେ ରାଜ୍ୟ ସରକାର ଓ ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରାଯାଇଥିଲା। କଟକଚଣ୍ଡୀ ମନ୍ଦିର ବାସ୍ତୁଶାସ୍ତ୍ର ଅନୁଯାୟୀ ନିର୍ମିତ ହେଉଛି କି ନାହିଁ ତାହାର ତଥ୍ୟ ସାର୍ବଜନୀନ କରିବା, ମନ୍ଦିରର ପୁନରୁଦ୍ଧାର ପରିକଳ୍ପନା ନକ୍ସା, ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ପଥର ଓ ଅଠାରେ ମନ୍ଦିର ତିଆରି କରାଯାଇ କଂକ୍ରିଟ କାର୍ଯ୍ୟ ବନ୍ଦ କରିବା, ନବୀକରଣ ପାଇଁ ପ୍ରଥମ ପର୍ଯ୍ୟାୟର ଅଟକଳ ରାଶି ସାର୍ବଜନୀନ କରାଯିବା ପାଇଁ ଦାବି ହୋଇଥିଲା। ଏନେଇ କମିଟି ସଭାପତି ତଥା ଶେଖ୍ ବଜାର ପୂଜା କମିଟି ସମ୍ପାଦକ କିଶୋର ଚନ୍ଦ୍ର ବେହେରା କହିଛନ୍ତି, ଆଗାମୀ ୫୦୦ ବର୍ଷକୁ ନଜରରେ ରଖି କାମ କରାଯିବା ଆବଶ୍ୟକ। କିନ୍ତୁ ଏହି କାମ ନିମ୍ନମାନର କରାଯାଉଛି। ଡିପିଆର୍ ସାର୍ବଜନୀନ କରାଯାଉନାହିଁ। କୌଣସି ବ୍ୟକ୍ତି ଏହି କାମର ଦାୟିତ୍ୱରେ ନାହାନ୍ତି। ପୂର୍ବରୁ ଏ ସମ୍ପର୍କରେ ଜିଲାପାଳଙ୍କୁ ଜଣାଇଛୁ ହେଲେ କୌଣସି ସୁଫଳ ମିଳିପାରି ନାହିଁ। ଏବେ ଗଣମାଧ୍ୟମ ଜରିଆରେ ରାଜ୍ୟ ସରାକରଙ୍କ ନିକଟରେ ଦାବି ଉପସ୍ଥାପନ କରୁଛୁ। ସରକାର ଏଦିଗରେ ଦୃଷ୍ଟି ଦେବେ ବୋଲି ଆଶା ରହିଥିବା ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କମିଟିର ଆବାହକ ଦେବାଶିଷ ରାଉତ, ମୁଖ୍ୟ ଉପଦେଷ୍ଟା ସୁକାନ୍ତ ମହାନ୍ତି, ସମ୍ପାଦକ ଧର୍ମେଶ ନାୟକ, ଆଇନଜୀବୀ କ୍ଷିତୀଶ ଜଗତି, ଅଶୋକ ସାହୁ, କାର୍ତ୍ତିକ ବେହେରା, ସୁଜିତ୍ ବେହେରା, ଶୁଭମ୍ ନାୟକ, ଟୁଟୁ ବେହେରା, ଅଶୋକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ମା' କଟକଚଣ୍ଡୀ ମନ୍ଦିର ସୁରକ୍ଷା କମିଟି, ବୁଦ୍ଧିଜୀବୀ ଓ ଯୁବପିଢ଼ିଙ୍କ ପକ୍ଷରୁ ବାହାରିଥିବା ପ୍ରତିବାଦ ଶୋଭାଯାତ୍ରା।

# ସଙ୍ଗଠନକୁ ତୃଣମୂଳସ୍ତରରେ ସୁଦୃଢ଼ କର

- ମାହାଙ୍ଗାରେ ଭାଜପାର ଶକ୍ତି ପ୍ରଦର୍ଶନ
- ୩ ଜିଲା ସଭାପତି, ୩ ବିଧାୟକ ନେଲେ ଶପଥ

ନିଶ୍ଚିନ୍ତକୋଇଲି,୫।୩(ଅଶୋକ କୁମାର ମହାପାତ୍ର)

ମାହାଙ୍ଗାରେ ଭାଜପା ସଙ୍ଗଠନ ନିର୍ବାଚନ ପରଠାରୁ ସୁପ୍ତ ହୋଇପଡ଼ିଥିବାବେଳେ ବୁଧବାର ଭାଜପା ନେତା ସୁମନ୍ତ ଘଡେଇ, କଟକ ଜିଲାର ୩ ବିଧାୟକ ଓ ୩ ଜିଲା ସଭାପତିଙ୍କୁ ନେଇ ଶକ୍ତି ପ୍ରଦର୍ଶନ କରିଛନ୍ତି। ବିରାଟ ଶୋଭାଯାତ୍ରା ସାଙ୍ଗକୁ ଆୟୋଜିତ ବନ୍ଧୁମିଳନ ଉତ୍ସବରେ ଅତିଥିମାନେ ମାହାଙ୍ଗାରେ ସୁମନ୍ତଙ୍କ ନେତୃତ୍ୱରେ ଭାଜପା ସଙ୍ଗଠନ କ୍ରିୟାଶୀଳ ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ଅପରପକ୍ଷରେ ସୁମନ୍ତ ମାହାଙ୍ଗାରେ ଅନ୍ୟାୟ ଦୁର୍ନୀତି ଓ ହାକିମଦାରି ଚଳିବ ନାହିଁ ବୋଲି ଖୋଲା ମଞ୍ଚରେ କହିଥିଲେ। ତେବେ ନିର୍ବାଚନର ୮ ମାସ ପରେ ହଠାତ୍ ସୁମନ୍ତଙ୍କ ଏଭଳି ଶକ୍ତି ପ୍ରଦର୍ଶନ ମାହାଙ୍ଗାରେ ରାଜନୈତିକ ପାଣିପାଗକୁ ଉଷ୍ମତା ଆଣି ଦେଇଛି।

ମାହାଙ୍ଗା ନିର୍ବାଚନମଣ୍ଡଳୀ ନିଶ୍ଚିନ୍ତକୋଇଲି ବ୍ଲକ ଏକ ମଣ୍ଡପରେ ଭାଜପାର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଭାଜପା ନେତା ସୁମନ୍ତ ଘଡେଇ ସଭାପତିତ୍ୱ କରିଥିଲେ। ଅତିଥି ଭାବେ କଟକ ଜିଲା ଆଞ୍ଚଳିକ ସଭାପତି ରାମନାରାୟଣ ମହାନ୍ତି ଯୋଗଦେଇ ମାହାଙ୍ଗାରେ ଭାଜପା ସୁଦୃଢ଼ କରିବା ପାଇଁ କଟକ ଜିଲାର ୩ ବିଧାୟକ ଓ ୩ ଜିଲା ସଭାପତି ସୁମନ୍ତଙ୍କୁ ସମର୍ଥନ କରିବେ। ଉଭୟ ଦଳୀୟ ଓ ପ୍ରଶାସନିକ ସ୍ତରରେ ମାହାଙ୍ଗାରେ ସୁମନ୍ତଙ୍କ ଦବ୍‌ଦବା କିପରି ରହିବ ସେନେଇ ପଦକ୍ଷେପ ନିଆଯିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। କଟକ ଜିଲା ନଗର ସଭାପତି ସୁକାନ୍ତ ବିଶ୍ୱାଳ, କେନ୍ଦ୍ରାପଡ଼ା ଜିଲା ସଭାପତି ଶଶାଙ୍କ ଶେଖର ସେଠୀ ମଧ୍ୟ ମାହାଙ୍ଗାରେ ସୁମନ୍ତଙ୍କ ନେତୃତ୍ୱରେ ଆସନ୍ତା ପଞ୍ଚାୟତ ନିର୍ବାଚନରେ ଭାଜପା ଲଢ଼ିବ ବୋଲି କହିଥିଲେ। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ନିଆଳି ବିଧାୟକ ଛବି ମଲ୍ଲିକ, ବଡ଼ମ୍ବା ବିଧାୟକ ବିଜୟ ଦଳବେହେରା ପ୍ରମୁଖ ମାହାଙ୍ଗାରେ ଭାଜପାର ନେତୃତ୍ୱ ସୁମନ୍ତଙ୍କ ମାର୍ଗଦର୍ଶନରେ ଦୃଢ଼ୀଭୂତ ହେବ ବୋଲି କହିଥିଲେ। ଏହି ଅବସରରେ ମାହାଙ୍ଗା ଭାଜପା ପକ୍ଷରୁ କୁଳିଆ ହନୁମାନ ମନ୍ଦିର ପାଖରୁ ଶୋଭାଯାତ୍ରା ବାହାରି କେନ୍ଦୁପାଟଣା, ଜହ୍ନିଆ, ନିଶ୍ଚିନ୍ତକୋଇଲି ବଜାର ଦେଇ ବନ୍ଧୁମିଳନ ଉତ୍ସବରେ ପହଞ୍ଚିଥିଲା। ଅପରପକ୍ଷରେ ସୁମନ୍ତ ମଧ୍ୟ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବାକୁ କର୍ମକର୍ତ୍ତାଙ୍କ ନାମ ସୁପାରିସ କରିଥିଲେ। ଏଯାବତ ବିଧିବଦ୍ଧ ଭାବେ ମଣ୍ଡଳ ସଭାପତିଙ୍କ ନାମ ଘୋଷଣା କରାଯାଇନାହିଁ।


ଭାଜପା ପକ୍ଷରୁ ନିଶ୍ଚିନ୍ତକୋଇଲିଠାରେ ଅନୁଷ୍ଠିତ ବନ୍ଧୁମିଳନ ଅବସରରେ ଦଳୀୟ ନେତୃବୃନ୍ଦ।

**ତୃତୀୟ ଏନ୍‌ଟିପିସି ସର୍ବ ଭାରତୀୟ ର୍ୟାଙ୍କିଂ ତୀରନ୍ଦାଜୀ ପ୍ରତିଯୋଗିତା**

**ପୁରୀ,(ଅଜିତ୍ କୁମାର ମହାନ୍ତି):** ଜଗନ୍ନାଥ କ୍ରିକେଟ ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ତୃତୀୟ ଏନ୍‌ଟିପିସି ସର୍ବଭାରତୀୟ ର୍ୟାଙ୍କିଂ ତୀରନ୍ଦାଜୀ ପ୍ରତିଯୋଗିତାରେ ବୁଧବାର ଉପ-କନିଷ୍ଠ ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରଥମ ଦିନରେ ଓଡ଼ିଶାର ପାୟଲ ନାଗ କମ୍ପାଉଣ୍ଡ ରାଉଣ୍ଡରେ ଦଶମ ସ୍ଥାନରେ ରହି ନକ୍‌ଆଉଟ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ରିକର୍ଭ ରାଉଣ୍ଡରେ ଓଡ଼ିଶାର ଉଜ୍ଜୟନୀ କେଶରୀ, ପ୍ରଜ୍ଞା ଦଳେଇ ଓ ମାନଶ୍ୱରୀ ହାସଦକ ଯଥାକ୍ରମେ ୧୦ମ, ୧୫ତମ ଓ ୪ର୍ଥ ସ୍ଥାନରେ ରହି ନକ୍‌ଆଉଟ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ ଗୁରୁବାର ନକ୍ ଆଉଟ୍ ପର୍ଯ୍ୟାୟ ପ୍ରତିଯୋଗିତା ଅନୁଷ୍ଠିତ ହେବ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫।୩।୨୦୨୫

| | |
|---|---|
| ୫,୬୦,୯୧୧ ଟଙ୍କା | |
| ସୁନା | ୧୨.୧୦୦ ଗ୍ରାମ୍ |
| ରୁପା | ୨୯.୧୦୦ ଗ୍ରାମ୍ |

# ମହିଳାଙ୍କୁ ସଶକ୍ତ କରିବ ସୁଭଦ୍ରା ଶୋଭାଯାତ୍ରା

ପିପିଲି,୫।୩(ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକ ଅଧୀନ ୨୫ଟି ପଞ୍ଚାୟତ କାର୍ଯ୍ୟାଳୟଠାରେ ମହିଳା ଶିଶୁ ବିକାଶ ଦ୍ୱାରା ସୁଭଦ୍ରା ଯୋଜନା ସଫଳ ରୂପାୟନ ନିମନ୍ତେ ବୁଧବାର ସୁଭଦ୍ରା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସରସ୍ୱତୀପୁର ସରପଞ୍ଚ ସିଲି ଜେନା, ଶିଶୁ ବିକାଶ କାର୍ଯ୍ୟାଳୟ ପରିଦର୍ଶିକା ରଶ୍ମିତା ମହାନ୍ତିଙ୍କ ନେତୃତ୍ୱରେ ଅଙ୍ଗନୱାଡି କର୍ମୀ, ଏସ୍‌ଏଚ୍‌ଜି ମହିଳା, କିଶୋରୀ ସାମିଲ ହୋଇ ସୁଭଦ୍ରା ଯୋଜନା ସମ୍ପର୍କିତ ପ୍ଲାକାର୍ଡ, ବ୍ୟାନର ପ୍ରଦର୍ଶନ କରାଇ ଓ ସ୍ଲୋଗାନ ଦେଇଥିଲେ। ଚନ୍ଦ୍ରାଦେଇପୁର ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ପିପିଲି ସିଡିପିଓ ରୂପାଲି ମିତ୍ର, ସରପଞ୍ଚ ସୁରେନ୍ଦ୍ର ବେହେରା, ସମିତି ସଭ୍ୟ ବାବାନ ସେଠୀ, ମିଶନଶକ୍ତି ବିପିସିଏ ଅମିୟ ରଞ୍ଜନ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

**ଅସ୍ତରଙ୍ଗ,(ପ୍ରଦୀପ୍ତ କୁମାର ଦୀକ୍ଷିତ):** ଅସ୍ତରଙ୍ଗ ବ୍ଲକ ପରିସରରୁ ବଜାର ପରିକ୍ରମା ହୋଇ ଅନୁରୂପ ଭାବେ ବ୍ଲକର ୧୫ଟି ପଞ୍ଚାୟତରେ ସୁଭଦ୍ରା ରାଲି ଆୟୋଜନ ହୋଇଥିଲା। ଅସ୍ତରଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସସ୍ମିତା ବେହେରା, ସିଡିପିଓ ମମତା ନାୟକ, ମଣ୍ଡଳ ପରିଦର୍ଶିକା ନିବେଦିତା ସେନାପତି, ଲକ୍ଷ୍ମୀ ନାୟକ, ଲକ୍ଷ୍ମୀପ୍ରିୟା ମହାନ୍ତି, ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି, କାର୍ଯ୍ୟନିର୍ବାହୀ ଅଧିକାରୀ, ବିଭିନ୍ନ ମହାସଂଘ ନେତୃମଣ୍ଡଳୀ, ସ୍ଥାନୀୟ ଅଞ୍ଚଳର କିଶୋର-କିଶୋରୀ ସାମିଲ ଥିଲେ। ସୁଭଦ୍ରା ଯୋଜନାରେ ଡିବିଟି ମୋଡ୍‌ରେ ମିଳୁଥିବା ଅର୍ଥ ରାଶିର ଲାଭ ଏବଂ ଏହାର ସୁବିଧା ବିଷୟରେ ଆଲୋଚନା ହୋଇଥିଲା।

**ସାକ୍ଷୀଗୋପାଳ, (ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର):** ସତ୍ୟବାଦୀ ବ୍ଲକ ଅଧୀନ ୨୪ଟି ପଞ୍ଚାୟତ କାର୍ଯ୍ୟାଳୟରେ ହୋଇଥିବା ଏହି ରାଲିରେ ୨୬୦୦ରୁ ଉର୍ଦ୍ଧ୍ୱ ମହିଳା ଓ କିଶୋରୀ, ଆଶା, ଅଙ୍ଗନୱାଡି କର୍ମୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଚିତ୍ରାଙ୍କନ, ଗୀତ, ନାଚ, ନାଟକ, ସଭା ସମିତି ସହ ଶୋଭାଯାତ୍ରା ମାଧ୍ୟମରେ ସୁଭଦ୍ରା ଯୋଜନାର ସଫଳ ରୂପାୟନ ନିମନ୍ତେ ସଚେତନ ସୃଷ୍ଟି କରାଯାଇଥିଲା।



ସାକ୍ଷୀଗୋପାଳଠାରେ ଆୟୋଜିତ ସୁଭଦ୍ରା ଶୋଭାଯାତ୍ରା ଅବସରରେ ପଥପ୍ରାନ୍ତ ନାଟକ।

**ଚାରିଛକ,(ଶିଶିର ସ୍ୱାଇଁ):** ଚାରିଛକ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ସୁଭଦ୍ରା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଛଣିଜଙ୍ଗ, ଭୋଦର, ତୁଳସୀପୁର, ତମ୍ପାଳ ଓ କଳାପାଞ୍ଚଣ ପଞ୍ଚାୟତରେ ମିଶନଶକ୍ତି ସହ ଅଙ୍ଗନୱାଡି କର୍ମୀ ଓ ମହିଳା ଗୋଷ୍ଠୀଙ୍କ ମିଳିତ ସହଯୋଗରେ ଏକ ବିରାଟ ଶୋଭାଯାତ୍ରାରେ ସୁଭଦ୍ରା ଯୋଜନା ବିଷୟରେ ଗୀତ ଓ ବକ୍ତବ୍ୟ ମାଧ୍ୟମରେ ସଚେତନ କରାଯାଇଥିଲା।

**ନିମାପଡ଼ା,(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ):** ନିମାପଡ଼ା ବ୍ଲକ ଅନ୍ତର୍ଗତ ୩୨ଟି ଗ୍ରାମ ପଞ୍ଚାୟତ ଓ ଏନ୍‌ଏସି ଅଞ୍ଚଳରେ ସୁଭଦ୍ରା ପଦଯାତ୍ରା, ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଗ୍ରାମସଭାରେ ସିଡିପିଓ ମାଧବୀ ମହାପାତ୍ର, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ପରିମଳ ଅଧିକାରୀ ବିଜୟ ଗ୍ରହାଚାର୍ଯ୍ୟ, ପ୍ରକଳ୍ପ ସଂଯୋଜିକା ସିପ୍ରାରାଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯୋଜନାରେ ମହିଳାଙ୍କୁ ଅଧିକ ସଶକ୍ତ, ସ୍ୱାବଲମ୍ବୀ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଗୁରୁବାର ବିଭିନ୍ନ ଅଞ୍ଚଳରେ ସୁଭଦ୍ରା ସମ୍ପର୍କିତ ପଥପ୍ରାନ୍ତ ସଭା ଅନୁଷ୍ଠିତ ହେବ ବୋଲି ସିଡିପିଓ ମହାପାତ୍ର କହିଛନ୍ତି।

# ୫ରୁ ଉର୍ଦ୍ଧ୍ୱ ଜଳଖିଆ ଦୋକାନ ବନ୍ଦ

ଗୋପ,୫।୩(ଭାରତୀ ଭୂଷଣ ଉପାଧ୍ୟାୟ)

## ପିଇବା ପାଣି ସଙ୍କଟ

■ନିରାଶରେ ଫେରୁଛନ୍ତି ପର୍ଯ୍ୟଟକ

ଗୋପ ବ୍ଲକ ଅଞ୍ଚଳରେ ଏବେ ପିଇବା ପାଣି ସଙ୍କଟ ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଏପରି କି ବୁଧବାର ପିଇବା ପାଣି ସଙ୍କଟ ଯୋଗୁ ଗୋପ-କୋଣାର୍କ ରାସ୍ତାର ବେଗୁନିଆ ଛକରେ ଥିବା ୫ରୁ ଅଧିକ ଜଳଖିଆ ଦୋକାନ ବନ୍ଦ ହେବା ଓ କେତେକ ଜଳଖିଆ ଦୋକାନ ଖୋଲାଥିଲେ ମଧ୍ୟ ଦୋକାନ ମାଲିକ ଜଳଖିଆ ନ କରିବା ଭଳି ଅଭିଯୋଗ ହୋଇଛି। ପ୍ରତିଦିନ ଏହି ରାସ୍ତା ଦେଇ ପୁରୀ, କୋଣାର୍କ ଯାଉଥିବା ଓ ଫେରୁଥିବା ପର୍ଯ୍ୟଟକଙ୍କ ସହିତ ସ୍ଥାନୀୟ ଲୋକେ ଜଳଖିଆ ନ ଖାଇ ଫେରୁଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ବ୍ଲକର ୩୧ଟି ପଞ୍ଚାୟତରେ ବାସ କରୁଥିବା ହଜାର ହଜାର ଗ୍ରାମବାସୀ ଏବେ ଟୋପାଏ ପିଇବା ପାଣି ପାଉ ନ ଥିବାବେଳେ ଗଡ଼ିଆ ପୋଖରୀ ଓ ନଦୀରୁ ପିଇବା ପାଣି ବ୍ୟବହାର କରୁଛନ୍ତି। ସେପଟେ ବିଭିନ୍ନ ପଞ୍ଚାୟତରେ ସରକାରୀ ନଳକୂପ ଯନ୍ତ୍ରାଂଶ ନ ଥିବାରୁ ଅଚଳ ହୋଇ ପଡ଼ିଥିବାବେଳେ ଘରୋଇ ନଳକୂପରୁ ଜଳସ୍ତର ହ୍ରାସ ପାଇବା ଯୋଗୁ ପିଇବା ପାଣି ବାହାରୁ ନାହିଁ। ଟୋପାଏ ପିଇବା ପାଣି ପାଇଁ ସାଧାରଣ ଲୋକେ ନାନାଦି ହଇରାଣ ହରକତ ହେଉଥିବାବେଳେ ଜଳଖିଆ ଦୋକାନ ବନ୍ଦ ହୋଇଯିବା ସମସ୍ତଙ୍କୁ ଚକିତ କରିଛି। ବେଗୁନିଆ ଛକ ଜଳଖିଆ ଦୋକାନୀ ପ୍ରଫୁଲ୍ଲ ସାହୁ, ଗନ୍ଧର୍ବ ବେହେରାଙ୍କୁ ପଚାରିବାରେ, ଆମେ ଦୀର୍ଘ ଦିନ ଧରି ଜଳଖିଆ ଦୋକାନ କରି ପରିବାର ଭରଣ ପୋଷଣ କରୁଛୁ। ମାତ୍ର ନଳକୂପରୁ ୮-୧୦ ଦିନ ଧରି ପାଣି ନ ବାହାରିବାରୁ ଅନ୍ୟ ସ୍ଥାନରୁ ପାଣି ଆଣି ଦୋକାନ ଚଳାଉଥିଲୁ। କିନ୍ତୁ ଆଜି ପିଇବା ପାଣି ନ ମିଳିବାରୁ କୌଣସି କାର୍ଯ୍ୟ ନ ହେବା ଫଳରେ ଦୋକାନ ବନ୍ଦ କରି ଦେଲୁ ବୋଲି କହିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଦୃଷ୍ଟି ଦେବାକୁ ଦାବି ମଧ୍ୟ କରିଛନ୍ତି।

## ରାସ୍ତାରେ ଟଳିପଡ଼ିଲେ ବୃଦ୍ଧ

ନୟାହାଟ,୫।୩(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ଦେଉଳି ପଞ୍ଚାୟତ ଦେଉଳି ଗ୍ରାମର ସନାତନ ଦାସ (୬୭) ଗୋପ ପୋଇତାରା ଗ୍ରାମର ନୀଳକଣ୍ଠେଶ୍ୱର ମହାଦେବଙ୍କୁ ଦର୍ଶନ ସାରି ଘରକୁ ଫେରିବାବେଳେ ରାସ୍ତାରେ ତାଙ୍କ ମୃତ୍ୟୁ ଘଟିଛି। ସନାତନ ଜଣେ ସାମାଜିକ କର୍ମୀ ଓ ପରୋପକାରୀ ଥିଲେ। ସେ ଗତ କିଛିଦିନ ହେଲା ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ସୋମବାର ସେ ଅସୁସ୍ଥ ଅବସ୍ଥାରେ ପରିବାର ଲୋକଙ୍କ ସହ ମହାଦେବ ମନ୍ଦିରକୁ ଯାଇ ଦର୍ଶନ କରି ଫେରୁଥିବାବେଳେ ଟଳି ପଡ଼ିଥିଲେ।

## ବାରହା ଆକ୍ରମଣରେ ୨ ଗୁରୁତର

ଅସ୍ତରଙ୍ଗ,୫।୩(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ଛୁରିଆନା ପଞ୍ଚାୟତ ସହନ ଗାଁରେ ମଙ୍ଗଳବାର ସନ୍ଧ୍ୟାରେ ପୃଥକ୍ ପୃଥକ୍ ସ୍ଥାନରେ ଏକ ବାରହା ଆକ୍ରମଣରେ ୨ ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସେମାନଙ୍କୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସୂଚନା ଅନୁଯାୟୀ, ସହନ ଗ୍ରାମରେ ବୈକୁଣ୍ଠ ବେହେରା ଓ ଅନିଲ ବେହେରା ଗାଁରେ ବୁଲୁଥିବାବେଳେ ଜଙ୍ଗଲରୁ ଏକ ବାରହା ଅତର୍କିତ ଭାବେ ଆସି ସେମାନଙ୍କ ଶରୀରର ବିଭିନ୍ନ ସ୍ଥାନକୁ ଆକ୍ରମଣ କରି ଜଙ୍ଗଲ ଆଡ଼କୁ ପଳାଇ ଯାଇଥିଲା। ଦୁହେଁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ସୂଚନାଯୋଗ୍ୟ, ଜଙ୍ଗଲ ହ୍ରାସ ଘଟୁଥିବାରୁ ବନ୍ୟପ୍ରାଣୀ ସବୁ ସମୟରେ ଜନବସତିମୁହାଁ ହେଉଛନ୍ତି।

# ଶ୍ରୀନିବାସ, ଶିବ ସୁନ୍ଦରଙ୍କୁ ଭକ୍ତିଅର୍ଘ୍ୟ ସମ୍ମାନ



ଭକ୍ତିଅର୍ଘ୍ୟ ପତ୍ରିକାର ପଞ୍ଚମ ଲୋକାର୍ପଣ ଉତ୍ସବରେ ସମ୍ମାନ ପ୍ରଦାନ କରାଯାଉଛି।

ପୁରୀ,୫।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥଙ୍କ ନିକଟରେ ଭାବ-ଭକ୍ତିରେ ସମର୍ପିତ ହେବା ହିଁ ଭକ୍ତିଅର୍ଘ୍ୟ ବୋଲି ପ୍ରାବନ୍ଧିକ, ଗବେଷକ ତଥା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. ପ୍ରଫୁଲ୍ଲ କୁମାର ମିଶ୍ର କହିଛନ୍ତି। ଚକ୍ରତୀର୍ଥ ରୋଡ୍‌ସ୍ଥିତ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ପୂର୍ଣ୍ଣଚନ୍ଦ୍ର ଦାସ ଫାଉଣ୍ଡେଶନ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶ୍ରୀଜଗନ୍ନାଥ ସଂସ୍କୃତିଭିତ୍ତିକ ଆଲୋଚନାଚକ୍ର ଏବଂ ଭକ୍ତିଅର୍ଘ୍ୟ ପତ୍ରିକାର ପଞ୍ଚମ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ମିଶ୍ର ଯୋଗଦେଇ କହିଛନ୍ତି, ବିଶ୍ୱବନ୍ଦିତ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ, ତଥ୍ୟ ଓ ଆଲୋଚନାଚକ୍ର ହିଁ କୋଟି କୋଟି ମଣିଷଙ୍କ ଭିତରେ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରିପାରିବ। ଫାଉଣ୍ଡେଶନର ସଭାପତି ଆଡଭୋକେଟ୍ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଗବେଷକ ଡ. ଗୋପାଳକୃଷ୍ଣ ଦାଶ, ସମ୍ମାନିତ ଅତିଥି ଭାବେ ଡ. ଭାସ୍କର ମିଶ୍ର ଓ ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗୀତିକାର ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଡ. ବଦ୍ରି ମିଶ୍ରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ ଗବେଷକ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ସମ୍ପାଦିତ ଶ୍ରୀଜଗନ୍ନାଥ ସଂସ୍କୃତିଭିତ୍ତିକ ପତ୍ରିକା 'ଭକ୍ତିଅର୍ଘ୍ୟ-୨୦୨୫'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଏହି ଅବସରରେ ପ୍ରତିବର୍ଷ ପରି ଚଳିତବର୍ଷ ଫାଉଣ୍ଡେଶନ ପକ୍ଷରୁ ଗବେଷକ ଡ. ଶ୍ରୀନିବାସ ଆଚାର୍ଯ୍ୟଙ୍କୁ ଭକ୍ତିଅର୍ଘ୍ୟ ଗବେଷକ ସମ୍ମାନ ଓ କବି ଶିବସୁନ୍ଦର ମିଶ୍ରଙ୍କୁ ଭକ୍ତିଅର୍ଘ୍ୟ ସଂଗଠକ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପତ୍ରିକାର ଲେଖକ-ଲେଖିକାମାନଙ୍କ ପକ୍ଷରୁ ସାରସ୍ୱତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡ. କଲ୍ୟାଣୀ ନନ୍ଦୀ, ମନୋରମା ଆଚାର୍ଯ୍ୟ, ଆଲୋକ ରଞ୍ଜନ ମନ୍ତ୍ରୀ, ରାଧେଶ୍ୟାମ ମିଶ୍ର, ବାବୁ ମୁକୁନ୍ଦ, ଶୁଭଲକ୍ଷ୍ମୀ ଓ ପ୍ରଶାନ୍ତ ବରାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପୁରୁଷୋତ୍ତମ ନନ୍ଦ ଧନ୍ୟବାଦ ଦେଇଥିଲେ।

## ଦୋକାନରୁ ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ଜବତ

ନିମାପଡ଼ା,୫।୩(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ରଟିଲୋ ଛକଠାରେ ଥିବା ଏକ ଗ୍ରୋସେରି ଦୋକାନ ଭିତରୁ ବୁଧବାର ଜଣେ ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ସ୍ଥାନୀୟ ଦହିଜଙ୍ଗ ଗ୍ରାମର କୈଳାସ ଚନ୍ଦ୍ର ସ୍ୱାଇଁ(୬୫)। ପୋଲିସ ଏନେଇ ୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତ୍ୟୁର କାରଣ ସ୍ପଷ୍ଟ ଭାବେ ଜଣାପଡ଼ି ନାହିଁ।

କୈଳାସ ସବୁଦିନ ପରି ବୁଧବାର ସକାଳୁ ଦୋକାନ ଖୋଲିବାକୁ ଯାଇଥିଲେ। ହେଲେ ୯ଟାବେଳକୁ ଦୋକାନ ଖୋଲା ହୋଇ ନ ଥିବା ଦେଖି ସନ୍ଦେହ ହେବାରୁ ପରିବାର ଓ ସ୍ଥାନୀୟ ଲୋକେ ସେଠାକୁ ଯିବାରୁ କୈଳାସଙ୍କୁ ବେକରେ ଗାମୁଛା ବାନ୍ଧି ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇଛି। ଏ ସମ୍ପର୍କରେ କୈଳାସଙ୍କ ପୁତୁରା ସରୋଜ ସ୍ୱାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଓଡ଼ିଶା ବିକାଶର ବିନ୍ଧାଣି ଥିଲେ ବିଜୁବାବୁ

ପୁରୀ,୫।୩(ଅଜିତ୍ କୁମାର ମହାନ୍ତି)

## ବ୍ରହ୍ମଗିରି ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ପାଳିତ

ଓଡ଼ିଶାର ବରପୁତ୍ର, ମହାନ୍ ଜନନାୟକ ତଥା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ବ୍ରହ୍ମଗିରି ବିଜେଡି ପକ୍ଷରୁ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପୁରୀ ସଦର ବ୍ଲକ୍ ଅନ୍ତର୍ଗତ କେରାଣ୍ଡିପୁର ପଞ୍ଚାୟତ ଉତ୍ତରଣା ଗୌଡ଼ସାହି ପଡ଼ିଆଠାରେ ଏକ ସାଧାରଣ ସଭା ଜିଲା ବିଜେଡି ସଭାପତି ଦିବାକର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ ସଭା ଆରମ୍ଭ ପୂର୍ବରୁ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଓଡ଼ିଶା ବିକାଶର ବିନ୍ଧାଣି ଥିଲେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ଆଦ୍ୟ ପ୍ରବର୍ତ୍ତକ ହିସାବରେ ବିଜୁବାବୁ ୯୦ ଦଶକରେ ଏହାକୁ ଲାଗୁ କରିଥିଲେ। ଭାରତ ବର୍ଷର ପ୍ରଥମ ଜନନେତା, ଯିଏ କି ମହିଳାମାନଙ୍କୁ ୩୩% ପଞ୍ଚାୟତିରାଜ ବ୍ୟବସ୍ଥାରେ ସଂରକ୍ଷଣ ଦେଇଥିଲେ। ଆଜି ବିଜୁବାବୁଙ୍କର ୧୦୯ତମ ଜୟନ୍ତୀରେ ତାଙ୍କ ପ୍ରଦର୍ଶିତ ମାର୍ଗ ଏବଂ ଚେତନା ସମସ୍ତଙ୍କୁ ପ୍ରେରଣା ଦେଉ ବୋଲି ପୂର୍ବତନ ମନ୍ତ୍ରୀ ଦାସବର୍ମା ମତବ୍ୟକ୍ତ କରିଛନ୍ତି। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ବ୍ରହ୍ମଗିରି ବ୍ଲକ ସଭାପତି ବିଦ୍ୟାଧର ସ୍ୱାଇଁ, ପୁରୀ ସଦର ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ନିରଞ୍ଜନ ପ୍ରଧାନ, ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷା ରତ୍ନବାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ପୂର୍ବତନ ଉପାଧ୍ୟକ୍ଷ ଯୁଧିଷ୍ଠିର ନାୟକ, ସରପଞ୍ଚ ରମେଶ ପ୍ରଧାନ, ପୂର୍ବତନ ସରପଞ୍ଚ ଇନ୍ଦ୍ରମଣି ପ୍ରଧାନ, ହନ୍ତୁକ ସରପଞ୍ଚ କନକଲତା ପତି, ପୁରୀ ସଦର ବ୍ଲକ ୧୧ ଗୋଟି ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଏବଂ ବିଜୁ ଜନତା ଦଳର ବରିଷ୍ଠ ମୁରବି, ମହିଳା ଓ ଯୁବ ଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିରୁ ଇସ୍ତଫା ଦେଲେ ସମିତି ସଭ୍ୟ

ପୁରୀ,୫।୩(ଅଜିତ୍ କୁମାର ମହାନ୍ତି)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ପୁରୀ ଜିଲା ବିଜେଡିକୁ ଏକ ଝଟ୍‌କା ଲାଗିଛି। ପୁରୀ ସଦର ବ୍ଲକ ଅଧୀନ ବାସୁଦେବପୁର ଗ୍ରାମପଞ୍ଚାୟତର ସମିତି ସଭ୍ୟ ଅରୁଣ କୁମାର ମିଶ୍ର ବିଜେଡିର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେଇଛନ୍ତି। ସେ ବିଗତ ଦିନରେ ବିଜେଡିର ବିଭିନ୍ନ ପଦ ପଦବୀରେ ରହି କାର୍ଯ୍ୟ ନିର୍ବାହ କରିଥିଲେ। ତେବେ ମିଶ୍ର ତାଙ୍କ ଇସ୍ତଫା ପତ୍ର ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ଜିଲା ସଭାପତି ଦିବାକର ପାତ୍ରଙ୍କ ଜରିଆରେ ପଠାଇଛନ୍ତି। ମିଶ୍ର ତାଙ୍କ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି, ସେ ଦୀର୍ଘ ୧୫ ବର୍ଷ ହେବ ବିଜେଡି ସହ ସମ୍ପୃକ୍ତ ରହି ଦଳର ବିଭିନ୍ନ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ତେବେ ବିଗତ କିଛିଦିନ ହେବ ଦଳର ଅଗଣତାନ୍ତ୍ରିକ କାର୍ଯ୍ୟ ଅତ୍ୟନ୍ତ ଉଦ୍‌ବେଗଜନକ ହୋଇପଡ଼ିଛି। ଫଳରେ ସେ ବାଧ୍ୟ ହୋଇ ଦଳ ସହ ସମ୍ପର୍କ ଛିନ୍ନ କରୁଛନ୍ତି।

## ଶ୍ରୀମଦ ଭାଗବତ ସପ୍ତାହ ଉଦ୍‌ଘାଟିତ

ପୁରୀ,୫।୩(ଅଜିତ୍ କୁମାର ମହାନ୍ତି)

ଲକ୍ଷ୍ମୀନାରାୟଣ ସତ୍‌ସଙ୍ଗ ପୁରୀ ଆନୁକୂଲ୍ୟରେ ସିଂହଦ୍ୱାରଠାରେ ୫୫ତମ ଶ୍ରୀମଦ୍ ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଶ୍ରୀଝାଞ୍ଜପିଟା ମଠ ମହନ୍ତ ମହାରାଜ ବାବାଜୀ ସଚ୍ଚିଦାନନ୍ଦ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ଅନୁଷ୍ଠାନର ସଭାପତି ଶଙ୍କର୍ଷଣ ମଙ୍ଗରାଜଙ୍କ ସଭାପତିତ୍ୱରେ ଭାଗବତ ସପ୍ତାହ ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ତଥା ଜଗନ୍ନାଥ ସଂସ୍କୃତି ପ୍ରଚାରକ ଡ. ନରେଶ ଚନ୍ଦ୍ର ଦାଶ, କାର୍ଯ୍ୟକାରୀ ସମ୍ପାଦକ ଲୋକନାଥ ଦାଶ, ଶ୍ୟାମସୁନ୍ଦର ମହାପାତ୍ର, ସୁରେନ୍ଦ୍ର ସାମନ୍ତରାଏ, ଭାସ୍କର ମହାପାତ୍ର, ଡ. ଶଶିକାନ୍ତି ରଥ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ।

## ମଟନରେ ମିଶୁଛି ଗୋ ମାଂସ, ଯୁବକଙ୍କ ଭିଡିଓ ଭାଇରାଲ

ପୁରୀ,୫।୩(ଅଜିତ୍ କୁମାର ମହାନ୍ତି)

ପୁରୀର କିଛି ହୋଟେଲ ଓ ଢାବାରେ ମଟନ ସହ ଗୋ ମାଂସ ଦିଆଯାଉଥିବା ନେଇ ଜଣେ ଯୁବକ କହୁଥିବା ଏକ ଭିଡିଓ ବୁଧବାର ସୋସିଆଲ ମିଡିଆରେ ଭାଇରାଲ ହେଉଛି, ଯାହାକୁ ନେଇ ପୁରୀ ତଥା ଆଖପାଖ ଅଞ୍ଚଳରେ ଆଲୋଡନ ସୃଷ୍ଟି ହୋଇଛି। ଭିଡିଓରେ ଦେଖିବାକୁ ମିଳୁଛି, ଜଣେ ଯୁବକଙ୍କୁ କେତେଜଣ ଲୋକ ଘେରି ରହିଛନ୍ତି। ଯୁବକ ଜଣଙ୍କ ମୁହଁରେ ଗୋବର ଲାଗିଛି। ସେ କହୁଛନ୍ତି, ଏକ ଢାବାରେ ଦିନକୁ ମଟନ ସହ ୨୦ରୁ ୩୦ କେଜି ଗୋ ମାଂସ ମିଶାଯାଉଛି। ପୁରୀର ଜଣେ ମାଂସ ବ୍ୟବସାୟୀ ଗୋ ମାଂସ କାଟି ସାଥିରେ ନେଉଥିବା ଯୁବକ ଜଣଙ୍କ ସ୍ୱୀକାର କରିଛନ୍ତି। ପୁରୀ ଭଳି ଧାର୍ମିକ ସ୍ଥଳୀରେ ଏପରି ଗୋ ମାଂସ ବିକ୍ରି ହେଉଥିବା ଖବର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଏହି ଭିଡିଓର ସତ୍ୟାସତ୍ୟ ନେଇ ପ୍ରଶାସନ ପଦକ୍ଷେପ ନେବା ସହ ପୁରୀ ଏବଂ ଆଖପାଖ ଅଞ୍ଚଳରେ ଥିବା ଢାବା ଓ ହୋଟେଲରେ ଚଢ଼ାଉ କରାଯାଉ ବୋଲି ବିଭିନ୍ନ ମହଲରେ ଦାବି କରାଯାଇଛି।

# ମହାପ୍ରଭୁଙ୍କ ବନକ ଲାଗି ନୀତି ସମ୍ପନ୍ନ

ପୁରୀ,୫।୩(ଅଜିତ୍ କୁମାର ମହାନ୍ତି)

ଫାଲ୍‌ଗୁନ ଶୁକ୍ଳପକ୍ଷ ଷଷ୍ଠୀ ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକ ଲାଗି ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ି ମଇଲମ, ତଡ଼ପଲାଗି ଏବଂ ପହୁଡ଼ ଆଳତି ଶେଷ ହେବା ପରେ ଶ୍ରୀମନ୍ଦିର ଭିତରେ ଥିବା ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ମହାପ୍ରଭୁଙ୍କ ବନକ ଲାଗି ନୀତି ସମ୍ପାଦନ କରିବା ପାଇଁ ସନ୍ଧ୍ୟା ୭ଟା ୧୫ରେ ଦଇତାପତି ସେବକମାନେ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରିଥିଲେ। ସେବକମାନେ ରତ୍ନସିଂହାସନ ଉପରକୁ ଉଠି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ଏହା ଗୁପ୍ତନୀତି ହୋଇଥିବାରୁ ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ରାତି ୯ଟା ୫୦ରେ ବନକ ଲାଗି ନୀତି ସମ୍ପନ୍ନ ହୋଇଥିଲା। ଦଇତାପତି ସେବକମାନେ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ମହାପ୍ରଭୁଙ୍କ ମହାସ୍ନାନ ନୀତି ସମ୍ପନ୍ନ ହେବା ପରେ ଦର୍ଶନ ପୁନର୍ବାର ଆରମ୍ଭ ହୋଇଥିଲା।

## ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ଆନ୍ଦୋଳନ ଡାକରା

ପୁରୀ,୫।୩(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ, ପୁରୀ ତରଫରୁ ବିଭିନ୍ନ ଦାବି ନେଇ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ରାଜ୍ୟ ସଭାପତି ଅନିରୁଦ୍ଧ ପଣ୍ଡା କହିଛନ୍ତି, ଦୀର୍ଘ ୨୦ ବର୍ଷ ହେବ ସ୍ୱାସ୍ଥ୍ୟ ମିଶନ ଅଧୀନରେ ବ୍ଲକ, ଜିଲାଠାରୁ ରାଜ୍ୟ ପର୍ଯ୍ୟନ୍ତ ସମସ୍ତ ଡାକ୍ତରଖାନାରେ ଏନ୍‌ଏଚ୍‌ଏମ୍ ମ୍ୟାନେଜ୍‌ମେଣ୍ଟ କର୍ମଚାରୀମାନେ କାର୍ଯ୍ୟରତ। ମାତୃ ଓ ଶିଶୁ ମୃତ୍ୟୁହାରକୁ ଆଖିଦୃଶିଆ ଭାବେ ହ୍ରାସ କରିବା, ଯକ୍ଷ୍ମା ନିରାକରଣ, କୁଷ୍ଠ ନିରାକରଣ, ମାନସିକ ରୋଗ କାର୍ଯ୍ୟକ୍ରମ, ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ, ଅଣସଂକ୍ରାମକ ରୋଗ ନିୟନ୍ତ୍ରଣ, ରକ୍ତହୀନତା ଶିଶୁ ଚିହ୍ନଟକରଣ, ଥାଲାସେମିଆ ରୋଗୀ ନିରୂପଣ ଆଦି ଅନେକ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରୁଛନ୍ତି। ତୁରନ୍ତ ସରକାର ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ୪୨୦୦ ପରିଚାଳନା କର୍ମଚାରୀଙ୍କୁ ସ୍ଥାୟୀ କରନ୍ତୁ, ଯଦି ଦାବି ପୂରଣ ନ କରିବେ ତେବେ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ନିଜ କର୍ମସ୍ଥଳୀରେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିବା ସହିତ ୧୦ ତାରିଖଠାରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅନିର୍ଦ୍ଦିଷ୍ଟ କାଳପାଇଁ ଧାରଣା ଦିଆଯିବ ବୋଲି ସୂଚନା ଦେଇଛନ୍ତି।

# ପୁରୀରେ ସମାନ୍ତରାଳ ବିଜୁ ଜୟନ୍ତୀ କାର୍ଯ୍ୟକ୍ରମ



ମେଡ଼ିକାଲ ଛକ ନିକଟରେ ବିଜୁ ଯୁବ ଜନତା ପକ୍ଷରୁ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।



ବିଜୁ ଜନତା ଦଳ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି।

ପୁରୀ,୫।୩(ଅଜିତ୍ କୁମାର ମହାନ୍ତି)

■ କୌଣସି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଲେନି ବିଧାୟକ

■ ହେଡ୍‌କ୍ୱାର୍ଟରରେ ଅନୁଷ୍ଠିତ କୌଣସି କାର୍ଯ୍ୟକ୍ରମରେ ଜିଲା ସଭାପତି ବି ରହିଲେନି

ରାଜ୍ୟର ବହୁ ନିର୍ବାଚନମଣ୍ଡଳୀରେ ନେତୃତ୍ୱ ପ୍ରତିଦ୍ୱନ୍ଦ୍ୱିତା ନେଇ ବିଜେଡିରେ ଫାଟ ରହିଥିବା ଅନେକ ସମୟରେ ଦେଖିବାକୁ ମିଳିଥାଏ। ବୁଧବାର ବିଭିନ୍ନ ସ୍ଥାନରେ ଆୟୋଜିତ ବିଜୁ ଜୟନ୍ତୀ ପାଳନ କାର୍ଯ୍ୟକ୍ରମ ଉପରେ ନଜର ପକାଇଲେ ବିଜେଡି ଭିତରେ ରହିଥିବା ନେତୃତ୍ୱ ପ୍ରତିଯୋଗିତାର ବହୁ ଖବର ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଛି। ଅନେକ ଜିଲାର ସମାନ୍ତରାଳ ଭାବେ ନେତାମାନଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ କରାଯାଇଛି। ସେହିପରି ପୁରୀ ସଦର ବିଧାନସଭା ନିର୍ବାଚନମଣ୍ଡଳୀରେ ମଧ୍ୟ ବିଜେଡି ସମଦଶା ଦେଇ ଗତି କରୁଛି। ପୁରୀରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀକୁ ବିଜେଡି ପକ୍ଷରୁ ପୃଥକ୍ ପୃଥକ୍ ଭାବେ ପାଳନ କରାଯାଇଛି। ଏହାକୁ ନେଇ ପୁରୀ ଜିଲା ବିଜେଡି ମଧ୍ୟରେ ଗୋଷ୍ଠୀ କନ୍ଦଳ ଥିବା ନେଇ ପୁଣି ଚର୍ଚ୍ଚାକୁ ଆସିଛି। ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ପୂର୍ବାହ୍ନରେ ଶ୍ରୀମନ୍ଦିର ସମ୍ମୁଖରେ ସମୂହ ଦୀପଦାନ କରାଯିବା ସହ ମେଡିକାଲ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସନ୍ଧ୍ୟାରେ ସଂସ୍କୃତି ଭବନଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ସଭାରେ ବିଜୁବାବୁଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅନେକ ବରିଷ୍ଠ ନେତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ବିଜେଡି ନଗର ସଭାପତି ସବ୍ୟସାଚୀ ମହାପାତ୍ରଙ୍କ ନେତୃତ୍ୱରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ସମାନ୍ତରାଳ ଭାବେ ପ୍ରଥମେ ସିଂହଦ୍ୱାର ନିକଟରେ ଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ମେଡିକାଲ ଛକଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି।

ରାଜନୈତିକ ବିଶାରଦଙ୍କ କହିବାନୁଯାୟୀ, ବିଜେଡି ନଗର ସଭାପତି ସ୍ଥାନୀୟ ବିଧାୟକ ସୁନୀଲ ମହାନ୍ତିଙ୍କ ସହଯୋଗୀ ଅଟନ୍ତି। ହେଲେ ଏହି କାର୍ଯ୍ୟକ୍ରମକୁ ରାଜ୍ୟବ୍ୟାପୀ ଗୁରୁତ୍ୱ ଦିଆଯାଉଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ବିଧାୟକ ଅନୁପସ୍ଥିତ ରହିବା ତାଙ୍କ ବିରୋଧୀଙ୍କୁ ବେଶ୍ ସୁହାଇଛି। ସେ ବର୍ତ୍ତମାନ ବିଜେଡି କାର୍ଯ୍ୟକ୍ରମଠାରୁ ପ୍ରାୟ ଦୂରେଇ ରହୁଥିବା ତାଙ୍କ ବିରୋଧୀ କହି ବୁଲୁଛନ୍ତି। ଅପରପକ୍ଷରେ ଜିଲା ସଭାପତି ଦିବାକର ପାତ୍ର ପୁରୀ ହେଡ୍‌କ୍ୱାର୍ଟରରେ ଆୟୋଜିତ ୨ଟି ଭିନ୍ନ ଭିନ୍ନ ସ୍ଥାନର ସମାନ କାର୍ଯ୍ୟକ୍ରମରେ ରହି ନ ଥିଲେ। ପୁରୀ ସଦରରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱରେ ଆୟୋଜିତ ବିଜୁ ଜୟନ୍ତୀ କାର୍ଯ୍ୟକ୍ରମରେ ଜିଲା ସଭାପତିଙ୍କ ଉପସ୍ଥିତି ଆହୁରି ଚର୍ଚ୍ଚାର ପରିସରକୁ ଆସିଛି।

ବିଜୁ ଜୟନ୍ତୀ ସମ୍ପର୍କରେ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି, ରାଜ୍ୟ ପାଇଁ ବିଜୁବାବୁଙ୍କ ଅବଦାନ ଅନେକ ରହିଛି। ଏହି କାର୍ଯ୍ୟକ୍ରମରେ ସମସ୍ତେ ଏକାଠି ହୋଇଛନ୍ତି। ବିଜୁ ଜୟନ୍ତୀ ସମ୍ପର୍କରେ ବିଧାୟକଙ୍କ ଅନୁପସ୍ଥିତିର କାରଣ ପଚାରିବା ଲାଗି ତାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନାହିଁ।

**ଚୋରି ଗାଡ଼ି ଜବତ, ୩ ଗିରଫ**

ବାରଙ୍ଗ/ତ୍ରିଶୁଳିଆ,(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା):ବାରଙ୍ଗ ପୋଲିସ ଭାଲୁଙ୍କା ଆଦିବାସୀ ସାହିରେ ଚଢ଼ାଉ କରି ୩ ଚୋରା ଗାଡ଼ିକୁ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାରଙ୍ଗ ଥାନା ଅଧୀନ ଭାଲୁଙ୍କା ଆଦିବାସୀ ସାହିର ବାଦଲ ମୁଣ୍ଡା, ରଘୁ ପିଙ୍ଗୁଆ, ଯାଜପୁର ରୋଡ଼ ଗହଳଡିହ ଗ୍ରାମର କ୍ରିଷ୍ଣା ବାନ୍ଦ୍ରା। ଏନେଇ ପୋଲିସ ଏକ ମାମଲା (ନଂ ୧୨୩/୨୫) ରୁଜୁ କରି ତଦନ୍ତ ଚଳାଇଛି। ଭାଲୁଙ୍କା ଆଦିବାସୀ ସାହିର କେତେଜଣ ଯୁବକ ଗାଡ଼ି ଚୋରି କରି ଆଣି ଅୟସ କରୁଥିବା ପୋଲିସ ଖବରପାଇ ଗ୍ରାମରେ ମଙ୍ଗଳବାର ରାତିରେ ଚଢ଼ାଉ କରିଥିଲା।

## ସଂକ୍ଷେପରେ

### ଏପ୍ରିଲ ୨ରୁ ବିଦ୍ୟାଳୟ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ

ଭୁବନେଶ୍ୱର,୫।୩(ସୁଚିସ୍ମିତା ସାହୁ)

ଆସନ୍ତା ଏପ୍ରିଲ ୨ରୁ ବିଦ୍ୟାଳୟ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆରମ୍ଭ ହେବ। ସେହିପରି ନୂତନ ଶିକ୍ଷାନୀତି-୨୦୨୦ ଅନୁଯାୟୀ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା ଆରମ୍ଭ ହେବାକୁ ଯାଉଛି। ଏହା ମାଧ୍ୟମରେ ୫ ବର୍ଷରୁ ଉର୍ଦ୍ଧ୍ୱ ପିଲାଙ୍କୁ ଉତ୍ତମ ଶିକ୍ଷଣ ପରିବେଶ ଦିଆଯିବ। ଏନେଇ ଏକ୍ସ ଜରିଆରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବୁଧବାର ସୂଚନା ଦେଇଛନ୍ତି। ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଚଳିତବର୍ଷ ଶିଶୁ ବାଟିକା ନାମକ ଅତିରିକ୍ତ ଶ୍ରେଣୀ ଖୋଲାଯିବ। ସେଥିରେ ୫-୬ ବର୍ଷର ପିଲାମାନେ ପଢ଼ିବେ। ସେହିପରି ଆସନ୍ତା ସେପ୍ଟେମ୍ବରରେ ୬ବର୍ଷରୁ ଉର୍ଦ୍ଧ୍ୱ ବୟସ ହୋଇଥିବା ପିଲାମାନେ ପ୍ରଥମ ଶ୍ରେଣୀରେ ପଢ଼ିପାରିବେ। ଏନେଇ ଏକ ସ୍ୱତନ୍ତ୍ର ରାଜ୍ୟସ୍ତରୀୟ ଅଭିଯାନ ଆରମ୍ଭ କରାଯିବ। ଉକ୍ତ ଅଭିଯାନରେ ଅଭିଭାବକ, ଚୟନ ପ୍ରତିନିଧି, ବିଭାଗୀୟ ଅଧିକାରୀଙ୍କ ସମେତ ଛାତ୍ରୀଛାତ୍ର ସାମିଲ ହେବେ। ସେହିପରି ରାଜ୍ୟସ୍ତରରେ ମାର୍ଚ୍ଚ ୧୭ରୁ ୧୯ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିମନ୍ତ୍ରଣପତ୍ର ବଣ୍ଟନ କରିବାର କାର୍ଯ୍ୟକ୍ରମ ରହିଛି। ଶିଶୁବାଟିକା ଓ ପ୍ରଥମ ଶ୍ରେଣୀରେ ଭର୍ତ୍ତି ହେବାକୁ ଯାଉଥିବା ପିଲାଙ୍କ ପରିବାର ସଦସ୍ୟଙ୍କୁ ଏହି ନିମନ୍ତ୍ରଣପତ୍ର ଦିଆଯିବ। ଶିଶୁବାଟିକା ଏବଂ ପ୍ରଥମଶ୍ରେଣୀରେ ଭର୍ତ୍ତି ହେବାକୁ ଯାଉଥିବା ବିଦ୍ୟାର୍ଥୀଙ୍କ ତାଲିକା ପ୍ରସ୍ତୁତ କରିବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଚୟନ କରାଯାଇଥିବା ଶିଶୁଙ୍କ ତାଲିକା ଅନୁସାରେ ଅଭିଭାବକଙ୍କ ସମେତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଥିବା ବିଧାୟକ, ଏମ୍‌ପି, ସରକାରୀ ପ୍ରତିନିଧି, ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ନିମନ୍ତ୍ରଣପତ୍ର ବଣ୍ଟନ ପାଇଁ ତାଲିକା ପ୍ରସ୍ତୁତ କରିବାକୁ କୁହାଯାଇଛି।

# ପୁରୀ ବେଳାଭୂମିରେ ବିବାହମଣ୍ଡପ

ପୁରୀ,୫।୩(ଅଜିତ୍ କୁମାର ମହାନ୍ତି)

### ବିରୋଧ ପରେ ଉଚ୍ଛେଦକଲା ପୌର ପ୍ରଶାସନ



ପୁରୀ ବେଳାଭୂମିରେ ତିଆରି ହୋଇଥିବା ବିବାହ ମଣ୍ଡପକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଉଛି।

ବଳିଆପଣ୍ଡା ନିକଟ ବେଳାଭୂମିରେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। କୋଷ୍ଟାଲ୍ ରେଗୁଲେଶନ ଜୋନ୍ (ସିଆର୍‌ଜେଡ୍) ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ବେଳାଭୂମିରେ ବିବାହମଣ୍ଡପ ନିର୍ମାଣ କରାଯାଇଥିଲା। ବିଭିନ୍ନ ମହଲରେ ଅସନ୍ତୋଷ ତଥା ବିରୋଧ ହେବା ପରେ ନିର୍ମାଣ କରାଯାଇଥିବା ବିବାହମଣ୍ଡପ ଓ ଅନ୍ୟ ଷ୍ଟଲ୍‌ଗୁଡ଼ିକୁ ପୌରସଂସ୍ଥା ପକ୍ଷରୁ ଉଚ୍ଛେଦ କରାଯାଇଛି। ପୁରୀ ପୌରସଂସ୍ଥା କେଉଁ ଆଧାରରେ ବିବାହମଣ୍ଡପ ନିର୍ମାଣ ପାଇଁ ଅନୁମତି ଦେଲେ, ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି।

ସୂଚନାଯୋଗ୍ୟ, ଜଣେ ବ୍ୟକ୍ତି ତାଙ୍କ ଝିଅର ବାହାଘର ପାଇଁ ବେଳାଭୂମିରେ ମଣ୍ଡପ ନିର୍ମାଣ କରିବା ସହ ଅତିଥିଙ୍କ ବସିବା ନିମନ୍ତେ ଚେୟାର ପକାଇଥିଲେ। ଖବରପାଇ ବନ ବିଭାଗ ଓ ପୌରସଂସ୍ଥାର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟ ବନ୍ଦ କରିବା ସହ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସିଆର୍‌ଜେଡ୍ ନିୟମ ଅନୁସାରେ ବେଳାଭୂମିରେ କୌଣସି ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ। ହେଲେ ମଣ୍ଡପ ନିର୍ମାଣ ପାଇଁ ପୌର ପ୍ରଶାସନ ପକ୍ଷରୁ ଅନୁମତି ମିଳିଥିବା ନେଇ ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

ଏନେଇ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା କହିଛନ୍ତି, ବେଳାଭୂମିରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ପାଇଁ ଅନୁମତି ଦିଆଯାଏ, ତେଣୁ ଏଥିପାଇଁ ମଧ୍ୟ ଅନୁମତି ଦିଆଯାଇଥିଲା। ବୁଧବାର ଏକ ବିବାହ କାର୍ଯ୍ୟ ବେଳାଭୂମିରେ ଆୟୋଜନ ହେଉଥିଲା। ବିଭିନ୍ନ ମହଲରୁ ବିରୋଧ ହେବା ପରେ ଏହାକୁ ବନ୍ଦ କରାଯାଇଛି। ଆଗାମୀ ଦିନରେ ଏନେଇ ଆଲୋଚନା ଓ ବିଚାରବିମର୍ଶ କରାଯାଇ ନିଷ୍ପତ୍ତି ହେବ। ପୁରୀ ପୌରସଂସ୍ଥା ସାନିଟେସନ୍ ପାଇଁ କେବଳ ଅନୁମତି ଦେଇଥିଲା। ବେଳାଭୂମିରେ ଯେକୌଣସି କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ବିଭାଗର ଅନୁମତି ଆବଶ୍ୟକ ହୋଇଥାଏ। ତେଣୁ ବାହାଘର ପାଇଁ ଅନୁମତି ମଗାଯାଇଥିଲା। ପୌରସଂସ୍ଥା ପକ୍ଷରୁ କେବଳ ବିବାହ ପାଇଁ ଅନୁମତି ଦିଆଯାଇଥିଲା। ଖାଇବା ପିଇବା ପାଇଁ ଅନୁମତି ଦିଆଯାଇ ନ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି।

ଏନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ବେଳାଭୂମିରେ ଏକ ବିବାହ କାର୍ଯ୍ୟ ହେଉଥିବା ନେଇ ସୂଚନା ମିଳିଥିଲା। ପରେ ପୌରସଂସ୍ଥାର ଏନ୍‌ଫୋର୍ସମେଣ୍ଟ ଟିମ୍, ପୋଲିସ ଏବଂ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ନିର୍ମାଣକୁ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଆୟୋଜକଙ୍କୁ ଫାଇନ୍ କରାଯାଇଛି। ବେଳାଭୂମିରେ ଯଦି କିଛି କାର୍ଯ୍ୟକ୍ରମ କରାଯାଏ, ତେବେ କାର୍ଯ୍ୟକ୍ରମ ପୂର୍ବରୁ ବିଚ୍ ମ୍ୟାନେଜ୍‌ମେଣ୍ଟ କମିଟିଠାରୁ ଅନୁମତି ମଗାଯାଇଥାଏ। ତେବେ ବେଳାଭୂମିରେ ଏପରି ପ୍ରାଇଭେଟ୍ ଇଭେଣ୍ଟ କରିବା ନେଇ କୌଣସି ନିୟମ ନାହିଁ। କୌଣସି ହୋଟେଲ ଯଦି ବେଳାଭୂମିକୁ ଅବରୋଧ କରି ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି, ତେବେ ଅନୁଧ୍ୟାନ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୌରସଂସ୍ଥା ପକ୍ଷରୁ କେବଳ ସାନିଟେସନ୍ ପାଇଁ ଅନୁମତି ପ୍ରଦାନ କରାଯାଇଥିଲା। ବିଚ୍ ମ୍ୟାନେଜମେଣ୍ଟ କମିଟିର ବିନା ଅନୁମତିରେ ବେଳାଭୂମିରେ କୌଣସି କାର୍ଯ୍ୟ କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି।

# ‘ଉଚ୍ଚକୋଟୀର ଶିକ୍ଷାସେବା ଯୋଗାଉଛି ଇଗ୍ନୁ’



ଇଗ୍ନୁର ୩୮ତମ ସମାବର୍ତ୍ତନ ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଉଛି।

ଭୁବନେଶ୍ୱର,୫।୩(ସୁଚିସ୍ମିତା ସାହୁ)

- ଇଗ୍ନୁର ୩୮ତମ ସମାବର୍ତ୍ତନ ଉତ୍ସବ
- ୩ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ, ୬୧୯୬ ଜଣଙ୍କୁ ଡିଗ୍ରୀ ଓ ଡିପ୍ଲୋମା ପ୍ରଦାନ

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ) ଉଚ୍ଚକୋଟୀର ଶିକ୍ଷାସେବା ଯୋଗାଉଛି। ସମସ୍ତ ବର୍ଗର ବିଦ୍ୟାର୍ଥୀ ଇଗ୍ନୁ ଜରିଆରେ ପାଠପଢ଼ିବାର ସୁଯୋଗ ପାଇପାରୁଛନ୍ତି। ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱର ସାରା ଭାରତରେ ଛାତ୍ରୀଛାତ୍ରଙ୍କୁ ସେବା ଯୋଗାଇଦେବାରେ ଅନ୍ୟୁନ ଭୂମିକା ଗ୍ରହଣ କରିଛି ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ବୁଧବାର ଇଗ୍ନୁର ୩୮ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି।

ଇଗ୍ନୁ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱର ଆନୁକୂଲ୍ୟରେ ୩୮ତମ ସମାବର୍ତ୍ତନ ଉତ୍ସବ ଉତ୍କଳ ବିଶ୍ୱବିଦ୍ୟାଳୟର ଏମ୍‌କେସିଜି ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଳପତି ପ୍ରଫେସର ଆଚାର୍ଯ୍ୟ ଯୋଗଦେଇ ଜୀବନରେ ଶିକ୍ଷାର ମହତ୍ତ୍ୱ ଉପରେ ମତ ରଖିଥିଲେ। ସେ ଭାରତରେ ଉଚ୍ଚଶିକ୍ଷାର ସମାବେଶୀ ପ୍ରସାରରେ ଇଗ୍ନୁର ଗୁରୁତ୍ୱପୂର୍ଣ୍ଣ ଭୂମିକାର ପ୍ରଶଂସା କରିଥିଲେ। ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ସୁରେଶ କୁମାର ତ୍ରିପାଠୀ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଆଞ୍ଚଳିକ କେନ୍ଦ୍ର ଉଲ୍ଲେଖନୀୟ ବିଦ୍ୟାର୍ଥୀ ସେବା ପ୍ରଦାନ କରିଥିବାରୁ ୪ଥର ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣପଦକ ଏବଂ ଗୋଟିଏ ଥର ସର୍ବୋଚ୍ଚ ସେବା ଉପାଧିରେ ସମ୍ମାନିତ ହୋଇଛି। ଏହି କୃତିତ୍ୱ ଆଞ୍ଚଳିକ କେନ୍ଦ୍ର ସହ ଜଡ଼ିତ ସମସ୍ତ ଶିକ୍ଷାର୍ଥୀ, ଅଭିଭାବକ, ଏକାଡେମିକ କାଉନସେଲର, ସହକର୍ମୀ ଓ ଷ୍ଟଡି ସେଣ୍ଟରରେ କାର୍ଯ୍ୟରତ କର୍ମଚାରୀଙ୍କ ଅକ୍ଲାନ୍ତ ପ୍ରଚେଷ୍ଟା ଦ୍ୱାରା ସମ୍ଭବ ହୋଇପାରିଛି ବୋଲି ତ୍ରିପାଠୀ କହିଥିଲେ।

ଚଳିତ ବର୍ଷ ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ରର ୩ ଜଣ ଛାତ୍ରୀଛାତ୍ର ସାରା ଭାରତରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଶିକ୍ଷା ସ୍ନାତକୋତ୍ତରରେ ସିପ୍ରା ସୋନାଲି ଦାସ, ଇତିହାସ ସ୍ନାତକୋତ୍ତରରେ ସୌରଭ କୁମାର ଘାଳା ଏବଂ ସ୍ନାତକ ଅର୍ଥଶାସ୍ତ୍ରରେ ଗୌରବ କୁମାର ସ୍ୱର୍ଣ୍ଣପଦକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ଉତ୍ସବରେ ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ରର ୬୧୯୬ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ଏବଂ ଡିପ୍ଲୋମା ପ୍ରଦାନ କରାଯାଇଛି। ଉତ୍ସବରେ ଉପନିର୍ଦ୍ଦେଶକ ଡ. ବିମଳ ଚନ୍ଦ୍ର ନନ୍ଦ ମଞ୍ଚ ପରିଚାଳନା ଏବଂ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହାୟକ ନିର୍ଦ୍ଦେଶକ ଡ. ପ୍ରଭାତ କୁମାର ଜେନା ଧନ୍ୟବାଦ ଦେଇଥିଲେ।

### ନବ ଦାସଙ୍କ ହତ୍ୟା ମାମଲା

# ସିବିଆଇ ତଦନ୍ତ ଦାବି ମାମଲାର ଅନ୍ତ

କଟକ,୫।୩(କାର୍ତ୍ତିକ ସାହୁ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେବାକୁ ନେଇ ରୁଜୁ ମାମଲାର ବୁଧବାର ଅନ୍ତ ଘଟାଇଛନ୍ତି ହାଇକୋର୍ଟ। ରାଜ୍ୟ ସରକାର ନବ ଦାସ ହତ୍ୟା ମାମଲାର ତଦନ୍ତ ସଂକ୍ରାନ୍ତୀୟ ରିପୋର୍ଟ ସତ୍ୟପାଠ ଜରିଆରେ ହାଇକୋର୍ଟରେ ଦାଖଲକରି ମାମଲାର ତଦନ୍ତ ଚାଲିଥିବା ଦର୍ଶାଇଛନ୍ତି। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅରିନ୍ଦମ ସିହ୍ନା ଓ ବିଚାରପତି ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ସତ୍ୟପାଠରେ ପ୍ରଦତ୍ତ ତଥ୍ୟ ଉପରେ ସନ୍ତୋଷ ପ୍ରକାଶକରି ମାମଲାର ଅନ୍ତ ଘଟାଇଛନ୍ତି। ମାମଲାର ବିବରଣୀ ଅନୁସାରେ, ନବ ଦାସଙ୍କୁ ୨୦୨୩ ଜାନୁଆରୀ ୨୯ ତାରିଖରେ ହତ୍ୟା କରାଯାଇଥିଲା। ବ୍ରଜରାଜନଗରର ଗାନ୍ଧୀ ଛକଠାରେ ପୋଲିସ ଏଏସ୍‌ଆଇ ଗୋପାଳ ଦାସ ୪ ରାଉଣ୍ଡ ଗୁଳି ଚାଳନାକରି ଏହି ହତ୍ୟାକାଣ୍ଡ ଘଟାଇଥିଲେ। ଏହି ହତ୍ୟା ଘଟଣାକୁ ୨ ବର୍ଷ ପୂରିଥିବାବେଳେ ଅଦ୍ୟାବଧି ତଦନ୍ତର କୌଣସି ଅଗ୍ରଗତି ହେଉନାହିଁ। ତେଣୁ ଆବେଦନକାରୀ ପିନାକ ପାଣି ମହାନ୍ତି ମାମଲାର ସିବିଆଇ ତଦନ୍ତ ଦାବିରେ ମାମଲା ରୁଜୁ କରିଥିଲେ। ହାଇକୋର୍ଟ ଉକ୍ତ ମାମଲାର ଶୁଣାଣିକରି ରାଜ୍ୟ ସରକାରଙ୍କୁ ନବ ଦାସ ହତ୍ୟା ଘଟଣା ସଂକ୍ରାନ୍ତୀୟ ରିପୋର୍ଟ ଦାଖଲ କରିବା ନିମନ୍ତେ ଆଦେଶ ଦେଇଥିଲେ।

### ‘ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଉଚିତ ତଥ୍ୟ ସଂଗ୍ରହ କର’

ଭୁବନେଶ୍ୱର, ୫।୩(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିକଶିତ ଗାଁ ବିକଶିତ ଓଡ଼ିଶା, ମେଗା ପାଇପ ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ନେଇ ରାଜ୍ୟ ସରକାର ସବିଶେଷ ସମୀକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସର୍ଭେରେ ଯେପରି ଉଚିତ ତଥ୍ୟ ସଂଗ୍ରହ କରାଯାଇ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇପାରିବ ସେଥିପ୍ରତି ଯତ୍ନବାନ ହେବାକୁ ମନ୍ତ୍ରୀ ରବି ନାରାୟଣ ନାଏକ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ନାଏକଙ୍କ ଅଧ୍ୟକ୍ଷତାରେ ବୁଧବାର ଲୋକସେବା ଭବନସ୍ଥିତ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ଉପସ୍ଥିତ ଅଧିକାରୀମାନଙ୍କୁ କହିଛନ୍ତି, ‘ବିକଶିତ ଗାଁ ବିକଶିତ ଓଡ଼ିଶା’ ଯୋଜନାର କାର୍ଯ୍ୟାନ୍ୱୟନକୁ ସମୀକ୍ଷା କରି ବହୁମୁଖୀ ଭିତ୍ତିଭୂମି ନିର୍ମାଣ ଉପରେ ଗୁରୁତ୍ୱ ଦେବା ଦରକାର। ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ ପଦକ୍ଷେପ ନେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦୀପକ



@ ଆଦିତ୍ୟ



@ ସିଲୁ



@ ନିହାରିକା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରେଳୱେ ଟ୍ରାକ୍ ସୁରକ୍ଷା ପାଇଁ ୧୦୦୦ କୋଟି ଅନୁମୋଦନ

ଭୁବନେଶ୍ୱର,୫।୩ (ଅନୁରାଧା ମହାରଣା)



ପୂର୍ବତଟ ରେଳପଥ ମଧ୍ୟରେ ଟ୍ରାକ୍ ସୁରକ୍ଷାକୁ ବୃଦ୍ଧି କରିବା ପାଇଁ ୧୦୦୦ କୋଟି ଟଙ୍କାକୁ ରେଳ ମନ୍ତ୍ରଣାଳୟର ଅନୁମୋଦନ ମିଳିଛି। ୮୬୫ କୋଟି ଟଙ୍କା ବ୍ୟୟରେ ମୋଟ ୨୭୯୨ କିଲୋମିଟର ସୁରକ୍ଷାବାଡ଼ କାର୍ଯ୍ୟ କରାଯାଉଛି। ସୁରକ୍ଷିତ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା, ଅନଧିକୃତ ଅନୁପ୍ରବେଶକୁ ବନ୍ଦ କରିବା ଏବଂ ରେଳଟ୍ରାକ ନିକଟରେ ଗୃହପାଳିତ ପଶୁ ଏବଂ ବନ୍ୟପ୍ରାଣୀଙ୍କ ଗତିବିଧିକୁ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହାବ୍ୟତୀତ ଟିଟିଲାଗଡ଼ ଓ ଲାଖୋଲି ମଧ୍ୟରେ ଏବଂ ବଲାଙ୍ଗୀର-ଥେରୁବାଲି-ସିଙ୍ଗାପୁର ରୋଡ ରେଳସେକ୍ସନ ମଧ୍ୟରେ ଟ୍ରାକ୍ ସେଫ୍ଟି ଫେନ୍ସିଂ କାର୍ଯ୍ୟ ପାଇଁ ୨୦୭ କୋଟି ମଞ୍ଜୁର କରାଯାଇଛି। ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ମଧ୍ୟରେ ଭଦ୍ରକ-ପଲାସା ଏବଂ ଖୋର୍ଦ୍ଧାରୋଡ-ପୁରୀ ରେଳସେକ୍ସନରେ ୭୯୭.୩ କିଲୋମିଟର ଏବଂ ନିର୍ଗୁଣ୍ଡି-କେରଜଙ୍ଗ ରେଳ ସେକ୍ସନରେ ୨୨୮ କିଲୋମିଟର ସମେତ ୧୦୨୫.୩ କିଲୋମିଟର ଦୀର୍ଘ ରେଳଧାରଣା ସୁରକ୍ଷା ବାଡ଼ କାର୍ଯ୍ୟ ପାଇଁ ୩୮୮.୮୫ କୋଟି ଟଙ୍କା ମଞ୍ଜୁର ହୋଇଛି।

ପରବର୍ତ୍ତୀ ପର୍ଯ୍ୟାୟରେ ଯଖପୁରା-କେନ୍ଦୁଝରଗଡ଼-ନୟାଗଡ଼ ରେଳସେକ୍ସନ ଏବଂ ଖୋର୍ଦ୍ଧାରୋଡ ରେଳମଣ୍ଡଳର ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନରେ ସୁରକ୍ଷା ଫେନ୍ସିଂ ପାଇଁ ପ୍ରସ୍ତାବ ରହିଛି। ସମ୍ବଲପୁର ରେଳମଣ୍ଡଳରେ ମୋଟ ୮୩୦ କିଲୋମିଟର ରେଳ ଧାରଣା କଡରେ ସୁରକ୍ଷା ବାଡ଼ କାର୍ଯ୍ୟ ମଧ୍ୟରୁ ୪୬୮.୨୩ କିଲୋମିଟର ଦୀର୍ଘ ଟ୍ରାକ ସେଫ୍ଟି ଫେନ୍ସିଂ କାର୍ଯ୍ୟ ପାଇଁ ୨୮୮.୦୪୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିରେ ସରଲଓ ରୋଡ୍-ବଲାଙ୍ଗୀର ରେଳ ଲାଇନ ସେକ୍ସନରେ ୧୨୪.୧୫ କିଲୋମିଟର ଏବଂ ଝାରସୁଗୁଡା ରୋଡ-ସମ୍ବଲପୁର ସିଟି-କେରଜଙ୍ଗ ରେଳ ସେକ୍ସନରେ ୩୪୪.୦୮ କିଲୋମିଟର ଟ୍ରାକ୍ ରହିଛି। ଏହି କାର୍ଯ୍ୟ ପାଇଁ ଚୁକ୍ତିନାମା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

ବଲାଙ୍ଗୀର-ଥେରୁବାଲି-ସିଙ୍ଗାପୁର ରୋଡ୍ ମଧ୍ୟରେ ୧୮୮.୮୯ କିଲୋମିଟର ମଞ୍ଜୁରୀ ପ୍ରାପ୍ତ ହୋଇଛି ଏବଂ ଟିଟିଲାଗଡ଼ ଓ ଲାଖୋଲି ମଧ୍ୟରେ ୧୭୨.୭୮୧ କିଲୋମିଟର ପ୍ରସ୍ତାବିତ ଟ୍ରାକ୍ ରହିଛି। ଅନ୍ୟପଟେ ୱାଲଟିୟର ରେଳ ମଣ୍ଡଳରେ ପଲାସା-ବିଶାଖାପାଟନମ-ଦୁଭାଡା ଏବଂ ବିଜୟନଗରମ-ସିଙ୍ଗାପୁର ରୋଡ୍ ରେଳ ସେକ୍ସନରେ ୬୦୦ କିଲୋମିଟର ଦୀର୍ଘ ରେଳପଥ ମଧ୍ୟରେ ସମ୍ବେଦନଶୀଳ ରେଳ ଧାରଣା କଡ଼ରେ ସୁରକ୍ଷା ବାଡ଼ ପାଇଁ ୧୮୭.୧୯ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସୁରକ୍ଷା ବୃଦ୍ଧି ପାଇଁ ଫିକ୍ସ ନଟ ଫେନ୍ସିଂ ଏବଂ ଡବଲ ଡବ୍ଲ୍ୟୁ ମେଟାଲ ବିମ୍ କ୍ରାଶ୍ ବାରିଅର୍ ସ୍ଥାପନ କରାଯାଉଛି। ସୁରକ୍ଷା ବାଡ଼ ବିଭିନ୍ନ ସେକ୍ସନରେ ଘଣ୍ଟାପ୍ରତି ୧୩୦ କିଲୋମିଟର ଏବଂ ତା’ଠାରୁ ଅଧିକ ବେଗରେ ଟ୍ରେନ ଚଳାଚଳରେ ସହାୟକ ହେବ। ଏହା ଲେଭଲ କ୍ରସିଂ, ରୋଡ୍ ଓଭରବ୍ରିଜ, ରୋଡ୍ ଅଣ୍ଡରବ୍ରିଜ ବା ଉପମାର୍ଗ ଏବଂ ସେତୁରେ ପ୍ରବେଶକୁ ମଧ୍ୟ ବନ୍ଦ କରିବ। ବ୍ରହ୍ମପୁର-ଗୋଳନ୍ଥରା ରେଳ ସେକ୍ସନ ସହିତ ଭୁବନେଶ୍ୱର ଏବଂ ପଲାସା ରେଳଷ୍ଟେଶନ ନିକଟରେ ଦୁଇଟି ପାଇଲଟ ସେକ୍ସନରେ କାର୍ଯ୍ୟ ପୂର୍ବରୁ ଆରମ୍ଭ ହୋଇସାରିଥିବା ବେଳେ ସମ୍ବଲପୁର ରେଳମଣ୍ଡଳ ମଧ୍ୟରେ କେତେକ ସମ୍ବେଦନଶୀଳ ରେଳଧାରଣା କଡରେ ସୁରକ୍ଷା ବାଡ଼ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି।

# ଆଇନସେବା ଅଭିଜ୍ଞତା ପାଇଁ ଏଆଇବିଇ ପାସ୍ ଜରୁରୀ

ଖୋର୍ଦ୍ଧା, ୫।୩(ପ୍ରଭାତ ପାଣିଗ୍ରାହୀ)

- ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ
- ଆଇନଜୀବୀଙ୍କ ନାମାଙ୍କନ ଅଗ୍ରାହ୍ୟ ପାଇଁ ନିର୍ଦ୍ଦେଶ



ବାର୍ ଆସୋସିଏଶନ ନିର୍ବାଚନ ସଂକ୍ରାନ୍ତୀୟ ଏକ ମାମଲାର ବିଚାର କରି ବୁଧବାର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ବାର୍ କାଉନସିଲ ଅଫ୍ ଇଣ୍ଡିଆ(ବିସିଆଇ) ପକ୍ଷରୁ ଆୟୋଜିତ ଅଲ୍ ଇଣ୍ଡିଆ ବାର୍ ପରୀକ୍ଷା(ଏଆଇବିଇ)ରେ କୃତକାର୍ଯ୍ୟ ବିନା ଆଇନଜୀବୀଙ୍କ ଆଇନସେବା ଅଭିଜ୍ଞତାକୁ ଗଣନା କରାଯାଇପାରିବ ନାହିଁ। ହାଇକୋର୍ଟଙ୍କ ଜଣକିଆ ଖଣ୍ଡପୀଠ ସଞ୍ଜୀବ କୁମାର ପାଣିଗ୍ରାହୀ ଏହି ନିର୍ଦ୍ଦେଶ ଦେବା ସହ ଖୋର୍ଦ୍ଧା ବାର୍ ଆସୋସିଏଶନରେ କୋଷାଧ୍ୟକ୍ଷ ପାଇଁ ନିର୍ବାଚନ ଲଢ଼ିଥିବା ଆଇନଜୀବୀଙ୍କ ନାମାଙ୍କନ ଅଗ୍ରାହ୍ୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ, ୨୦୨୪ ମାର୍ଚ୍ଚରେ ଖୋର୍ଦ୍ଧା ଜିଲା ବାର୍ ଆସୋସିଏଶନର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କୋଷାଧ୍ୟକ୍ଷ ପଦବୀରେ ୨ଜଣ ଆଇନଜୀବୀ ନିର୍ବାଚନ ଲଢ଼ିଥିଲେ। ଖୋର୍ଦ୍ଧା ବାର୍ ସମ୍ବିଧାନ(ବାଇ-ଲ’) ଅନୁଯାୟୀ କୋଷାଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ଲଢ଼ିବା ନିମନ୍ତେ ଆଇନ ସେବାରେ ୧୦ବର୍ଷ ଅଭିଜ୍ଞତା ଥିବା ଜରୁରୀ। ତେବେ ଏଆଇବିଇ ରୁଲ ୨୦୧୦ ଅନୁଯାୟୀ ପ୍ରତିପକ୍ଷ ଓକିଲଙ୍କ ଆଇନ ସେବାରେ ୧୦ବର୍ଷ ଅଭିଜ୍ଞତା ନ ଥିବା ଦର୍ଶାଇ ଅଭିଯୋଗକାରୀ ଆଇନଜୀବୀ ବିଶ୍ୱକେଶ ମହାପାତ୍ର ଖୋର୍ଦ୍ଧା ବାର୍ ନିର୍ବାଚନ ଅଧିକାରୀଙ୍କ ନିକଟରେ ୨୦୨୪ ମାର୍ଚ୍ଚ ୨୭ ତାରିଖରେ ପ୍ରତିପକ୍ଷଙ୍କ ନାମାଙ୍କନକୁ ଚ୍ୟାଲେଞ୍ଜ କରିଥିଲେ। ଅଭିଯୋଗକାରୀ ମହାପାତ୍ର ଦର୍ଶାଇଥିଲେ ଯେ, ପ୍ରତିପକ୍ଷ ୨୦୧୨ରେ ଆଇନ ପାସ୍ କରିଥିବାବେଳେ ୨୦୧୩ରେ ବାର୍ ସଦସ୍ୟ ହୋଇଛନ୍ତି। ୨୦୨୧ରେ ସେ ଏଆଇବିଇ ଆଇନ ପରୀକ୍ଷା ପାସ୍ କରିଥିବାରୁ ତାଙ୍କର ମାତ୍ର ୩ବର୍ଷ ଅଭିଜ୍ଞତା ରହିଛି। ଖୋର୍ଦ୍ଧା ବାର୍ ସମ୍ବିଧାନ ଆଇନ ଅନୁଯାୟୀ ତାଙ୍କ ନାମାଙ୍କନ ରଦ୍ଦ ଲାଗି ନିବେଦନ କରିଥିଲେ। ତେବେ ନିର୍ବାଚନ ଅଧିକାରୀ ଏହାକୁ ଅଗ୍ରାହ୍ୟ କରିଥିଲେ। ପରେ ଅଭିଯୋଗକାରୀ ଏ ସଂକ୍ରାନ୍ତରେ ମାର୍ଚ୍ଚ ୩୦ରେ ଓଡ଼ିଶା ଷ୍ଟେଟ ବାର୍ କାଉନସିଲ(ଓଏସ୍‌ବିସି)ନିକଟରେ ଅଭିଯୋଗ କରିଥିଲେ। ଓଏସ୍‌ବିସି ଆବେଦନକୁ ଗ୍ରହଣ କରି ଖୋର୍ଦ୍ଧା ବାର୍ ନିର୍ବାଚନ ଅଧିକାରୀଙ୍କୁ ପ୍ରତିପକ୍ଷ ଓକିଲଙ୍କ ନାମାଙ୍କନ ଖାରଜ ପାଇଁ ନିର୍ଦ୍ଦେଶ ସତ୍ତ୍ୱେ ନିର୍ବାଚନ ଅଧିକାରୀ ଏହାକୁ ଅଗ୍ରାହ୍ୟ କରିବାରୁ ବିଶ୍ୱକେଶ ହାଇକୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ଏହି ମାମଲାର ବିଚାର କରି ଉଚ୍ଚ ନ୍ୟାୟାଳୟ ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ବାର୍ ଆସୋସିଏଶନର ନିର୍ବାଚନ ଅଧିକାରୀଙ୍କୁ କେନ୍ଦ୍ରୀୟ ନିର୍ବାଚନ କମିଟିର ନିର୍ଦ୍ଦେଶ ପାଳନ କରିବାକୁ ନିର୍ଦ୍ଦେଶ ଦେବା ସହ ପ୍ରତିପକ୍ଷ ଆବଶ୍ୟକ ଯୋଗ୍ୟତା ମାନଦଣ୍ଡ ପୂରଣ କରୁନାହାନ୍ତି। ତେଣୁ ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ନାମାଙ୍କନକୁ ଅଗ୍ରାହ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ନାଏବ ସରପଞ୍ଚଙ୍କ ସ୍ୱାମୀଙ୍କୁ ହତ୍ୟା

■ ୩ ମାସ ତଳେ ଜେଲରୁ ଜାମିନରେ ଆସିଥିଲେ

■ ପାରିବାରିକ ଶତ୍ରୁତାରୁ ଦାଦାଙ୍କୁ ଖଣ୍ଡାରେ ହାଣିଲେ ପୁତୁରା



ହତ୍ୟାକାଣ୍ଡସ୍ଥଳରେ ପୋଲିସ ତଦନ୍ତ କରୁଛି।

**ଖଲ୍ଲିକୋଟ,୫।୩(ପ୍ରଶାନ୍ତ କୁମାର ମିଶ୍ର)**

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତର ନାଏବ ସରପଞ୍ଚଙ୍କ ସ୍ୱାମୀଙ୍କୁ ବୁଧବାର ଘର ସମ୍ମୁଖରେ ଖଣ୍ଡାରେ ହାଣି ହତ୍ୟା କରାଯାଇଛି। ପାରିବାରିକ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ଜଣାଯାଇଛି। ମୃତକ ହେଲେ ହରିପୁର ଗ୍ରାମର ରବୀନ୍ଦ୍ର ଦାସ। ତାଙ୍କ ନାମରେ ଖଲ୍ଲିକୋଟ ଥାନାରେ ଏକାଧିକ ମାମଲା ରହିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ନମୁନା ସଂଗ୍ରହ କରିଛି।

ନାଏବ ସରପଞ୍ଚ ମିନତି କୁମାରୀ ଦାସଙ୍କ ସ୍ୱାମୀ ରବୀନ୍ଦ୍ର ଗାଁରେ ବେଆଇନ ମଦ ବ୍ୟବସାୟ କରୁଥିବା ବେଳେ ନିଜ ପୁତୁରାମାନଙ୍କ ସହିତ ବ୍ୟବସାୟିକ ଶତ୍ରୁତା ଆରମ୍ଭ ହୋଇଥିଲା। ଗତ ନଭେମ୍ବର ମାସରେ ପୁତୁରାମାନଙ୍କ ଉପରେ ବୋମାମାଡ଼ କରିଥିବା ଅଭିଯୋଗରେ ରବୀନ୍ଦ୍ର ଜେଲ ଯାଇଥିଲେ। ୩ ମାସ ତଳେ ଜାମିନରେ ଆସିବା ପରେ ସ୍ତ୍ରୀଙ୍କ ସହ କଞ୍ଚଣାରେ ରହୁଥିଲେ। ମଙ୍ଗଳବାର ସ୍ୱାମୀ, ସ୍ତ୍ରୀ କମଳାପଦର ଗ୍ରାମକୁ ଏକ ଭୋଜିରେ ଯୋଗ ଦେବା ପାଇଁ ଆସିଥିଲେ। ସେମାନେ ରାତିରେ ଆଉ କଞ୍ଚଣା ନ ଫେରି ହରିପୁରରେ ନିଜ ଘରେ ରହି ଯାଇଥିଲେ। ବୁଧବାର ସକାଳୁ ରବୀନ୍ଦ୍ର ଘରୁ ବାହାରିବା ମାତ୍ରେ ୨ ସହଯୋଗୀଙ୍କ ସହ ମିଶି ଦୁଇ ପୁତୁରା ସଂଘବଦ୍ଧ ଭାବେ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ରବୀନ୍ଦ୍ରଙ୍କ ମୁଣ୍ଡରେ ବାରମ୍ବାର ଖଣ୍ଡା ଚୋଟ ପଡିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ଆକ୍ରମଣକାରୀମାନେ ବୋମାମାଡ଼ କରି ରବୀନ୍ଦ୍ରଙ୍କ ବୁଲେଟ ଓ ମୋବାଇଲ ଫୋନ ଲୁଟି ନେଇ ଚମ୍ପଟ ମାରିଥିବା ସ୍ତ୍ରୀ ମିନତି ଅଭିଯୋଗ କରିଛନ୍ତି। ଖବରପାଇ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇ, ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ, ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର, ଥାନା ଏସଆଇ ଦେବଦତ୍ତ ପ୍ରିୟଦର୍ଶୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏସଡିପିଓ ଘଡେଇ କହିଛନ୍ତି ଯେ, ପାରିବାରିକ ଶତ୍ରୁତାକୁ ନେଇ ହତ୍ୟାକାଣ୍ଡ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତିକରି ତଦନ୍ତ ଚାଲିଛି। ତଦନ୍ତ ପରେ କେଉଁ କାରଣ ଯୋଗୁ ରବୀନ୍ଦ୍ରଙ୍କୁ ହତ୍ୟା କରାଗଲା ତାହା ସ୍ପଷ୍ଟ ହେବ ଏବଂ ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଧରାଯିବ ବୋଲି ଏସଡିପିଓ କହିଛନ୍ତି। ଏ ନେଇ ନଂ.୧୮୧/୨୫ ଅନୁଯାୟୀ ଏକ ହତ୍ୟା ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରମେଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ଦୋଷୀଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

**ନାବାଳିକା ବଳାତ୍କାର ମାମଲା**

**କେନ୍ଦୁଝର,୫।୩(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟରେ ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ କୁମାର ମିଶ୍ର ଏହାର ବିଚାରକରି ଦୋଷୀଙ୍କୁ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଏବଂ ଅନାଦାୟେ ଅଧିକ ୬ ମାସ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ନିମନ୍ତେ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ହେଲେ ସଦର ଥାନା ଅଧୀନ ନୂଆଗାଁ ଗ୍ରାମର କୁନୁ ଓରଫ ଜଗନ୍ନାଥ ମୁଣ୍ଡା(୨୦)। ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ଅକ୍ଟୋବର ୪ରେ ଅଭିଯୁକ୍ତ ପୀଡ଼ିତାଙ୍କ ଘରକୁ ଯାଇ ଯାତ୍ରା ଦେଖାଇବା ପାଇଁ କହି ଝିଅଟିକୁ ନେଇଥିଲେ। ବାଟରେ ଏକ ନିଛାଟିଆ ସ୍ଥାନରେ ନାବାଳିକାଙ୍କୁ ସେ ବଳାତ୍କାର କରିଥିବା ନେଇ ପୀଡ଼ିତାଙ୍କ ମାଆ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା(ନଂ.୪୦୨/୨୦୨୨) ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା ମାମଲା ପରିଚାଳନା କରୁଥିଲେ।

## ଶାଶୁଙ୍କୁ ଆଜୀବନ ଜେଲ

**ଯୌତୁକ ଦାବିରେ ବଧୂହତ୍ୟା ମାମଲା**

**କେନ୍ଦୁଝର,୫।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଏଡିଜେ କୋର୍ଟରେ ବୁଧବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ମମିତା ଦାସ ଏହାର ବିଚାରକରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ୧୦ ହଜାର ଟଙ୍କା ଜରିମାନା ଏବଂ ଅନାଦାୟେ ଅଧିକ ୬ ମାସ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରାଯାଇଛି। ଅଭିଯୁକ୍ତ ହେଲେ କେନ୍ଦୁଝର ସଦର ଥାନା ଅନ୍ତର୍ଗତ କାଠବାଉଁଶୂଳୀ ଗୋପାଳ ସାହିର ସାଇବାଣୀ ବାରିକ (୫୫)।

ମାମଲାର ବିବରଣୀ ଅନୁଯାୟୀ, ବାମେବାରୀ ଥାନା ଅଧୀନ ବସନ୍ତପୁର ଗ୍ରାମର ଯୋଗେନ୍ଦ୍ର ମହାକୁଡ଼ଙ୍କ ଝିଅ ସୁସ୍ମିତାଙ୍କୁ ୯ ବର୍ଷତଳେ ସଦର ଥାନା ଅନ୍ତର୍ଗତ କାଠବାଉଁଶୂଳୀ (ଗୋପାଳସାହି)ର ସୁରଥ ବାରିକ ବୈଦିକ ରୀତିରେ ବିବାହ କରିଥିଲେ। କିନ୍ତୁ ଅଧିକ ଯୌତୁକ ଦାବିରେ ଶାଶୁଘର ଲୋକେ ସୁସ୍ମିତାଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ଘଟଣା ଦିନ ସୁସ୍ମିତାଙ୍କୁ ଶାଶୁ ସାଇବାଣୀ କିରୋସିନ ଢାଳି ପୋଡ଼ିଦେଇଥିଲେ। ଚିତ୍କାର ଶୁଣି ଗାଁ ଲୋକେ ସୁସ୍ମିତାଙ୍କୁ ଉଦ୍ଧାର କରି କେନ୍ଦୁଝର ଡାକ୍ତରଖାନାରେ ଭର୍ତ୍ତିକରିବା ସହ ତାଙ୍କ ବାପଘର ଲୋକଙ୍କୁ ଖବର ଦେଇଥିଲେ। ସୁସ୍ମିତାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ମେଡିକାଲ ପଠାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ୮।୨।୨୦୨୧ରେ ସୁସ୍ମିତା ବାପା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଶାଶୁ ସାଇବାଣୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଆଡିସନାଲ ପିପି ପ୍ରଫୁଲ୍ଲ କୁମାର ପାତ୍ର କେଶ ପରିଚାଳନା କରୁଥିଲେ।

## ଅନ୍‌ଲାଇନ୍‌ରେ ବିଷାକ୍ତ ପଦାର୍ଥ କିଣା ଘଟଣାର ତଦନ୍ତ ହେବ

**ବେଙ୍ଗାଲୁରୁରେ ଓଡ଼ିଆ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟଣା**

**କଟକ,୫।୩(କାର୍ତ୍ତିକ ସାହୁ)**

ବେଙ୍ଗାଲୁରୁରେ ଚାକିରି କରୁଥିବା ଓଡ଼ିଆ ଇଞ୍ଜିନିୟର ଅଭିନବ ସିଂହଙ୍କ ମୃତ୍ୟୁ ଘଟଣାରେ ଲାଲବାଗ ପୋଲିସକୁ ଏକ ନୂଆ ତଥ୍ୟ ମିଳିଛି। ଅନ୍‌ଲାଇନ୍ ଶପିଂ ଜରିଆରେ କିଛି ବିଷାକ୍ତ ପଦାର୍ଥ ଅଭିନବ ମଗାଇଥିଲେ। ତାହା ଏବେ ପୋଲିସ ତଦନ୍ତ ପରିସରଭୁକ୍ତ ହୋଇଛି। ଏଥିସହ ଲାଲବାଗ ପୋଲିସର ଏକ ଟିମ୍ ବେଙ୍ଗାଲୁରୁରେ ପହଞ୍ଚି ଘଟଣାର ଖୋଳତାଡ଼ କରିଛି।

ପ୍ରକାଶ ଯେ, ଅଭିନବଙ୍କ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ଲାଲବାଗ ପୋଲିସର ୨ ଜଣ ଏସ୍‌ଆଇଙ୍କ ନେତୃତ୍ୱରେ ଏକ ଟିମ୍ ବେଙ୍ଗାଲୁରୁ ଯାଇଥିଲା। ସେଠାରେ ଅଭିନବ ରହୁଥିବା ଭଡ଼ା ଘରେ ତାଙ୍କ ବନ୍ଧୁ, ପଡ଼ୋଶୀଙ୍କୁ ପଚରାଉଚରା କରିଥିଲା। ସେଠାକାର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ସେମାନେ ଜାଣିବାକୁ ପାଇଥିଲେ। ବେଙ୍ଗାଲୁରୁରେ ମାମଲାର ତଦନ୍ତକାରୀ ଅଧିକାରୀଙ୍କ ସହିତ ମୋଟ ୮ ଜଣଙ୍କୁ ଲାଲବାଗ ପୋଲିସ ଟିମ୍ ପଚରାଉଚରା କରିଥିଲା। ଅପମୃତ୍ୟୁ ମାମଲାର ସମସ୍ତ ରେକର୍ଡ, ଅଭିନବଙ୍କ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଲାଲବାଗ ପୋଲିସ ହସ୍ତଗତ ହୋଇଛି। ପ୍ରାଥମିକ ତଦନ୍ତରୁ ଅଭିନବ ବିଷ ଖାଇଥିବା ପୋଲିସ ସନ୍ଦେହ କରୁଛି। ଅନ୍‌ଲାଇନ୍‌ରେ କିଣା ଯାଇଥିବା ବିଷାକ୍ତ ପଦାର୍ଥସଂକ୍ରାନ୍ତୀୟ ତଥ୍ୟ ବେଙ୍ଗାଲୁରୁ ପୋଲିସ ଦେଇଥିବା ଲାଲବାଗ ଥାନା ଆଇଆଇସି ସୁଧାଂଶୁ ଭୂଷଣ ଜେନା ସୂଚନା ଦେଇଛନ୍ତି।

## ୨ ନାବାଳିକା ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ

■ ଶିକ୍ଷୟିତ୍ରୀ, ଶିକ୍ଷକ ଥାନାରେ ଅଟକ

■ ପୋଲିସର ତଦନ୍ତ ଜାରି

**ରାଜକନିକା,୫।୩(ସଞ୍ଜୟ କୁମାର ଦାଶ/ ରବୀନ୍ଦ୍ର କୁମାର ଦାସ)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅଧୀନ ଏକ ସ୍କୁଲର ୨ଜଣ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ଜଣେ ଶିକ୍ଷକ ଶନିବାର ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବୁଧବାର ବିଦ୍ୟାଳୟ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଭାବକମାନେ ସମ୍ପୃକ୍ତ ଶିକ୍ଷକଙ୍କୁ ଟଣାଓଟରା କରିବା ସହ ପୋଲିସ ଜିମା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ଶିକ୍ଷକ କୈଳାସ ଚନ୍ଦ୍ର ସାହୁ ଓ ଶିକ୍ଷୟିତ୍ରୀ ଫୁଲମଣୀ ମୁର୍ମୁଙ୍କୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଏ ସଂକ୍ରାନ୍ତରେ ପୋଲିସ ଦଫା ୬୫(୨)/୭୫, ୬୭/ ୧୧୫(୨), ୩୫୧(୨)(୩) ୩୫୧(୩)(୫), ୬ ପୋକ୍‌ସୋ ଆକ୍ଟ ବିଏନ୍‌ଏସ୍‌ରେ ଏକ ମାମଲା (ନଂ.୧୧୫/୨୫) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି ବୋଲି ଥାନା ଅଧିକାରୀ ସଞ୍ଜୟ କୁମାର ମଲିକ ସୂଚନା ଦେଇଛନ୍ତି। ଉଭୟ ଛାତ୍ରୀଙ୍କ ମା' ଅଭିଯୋଗରେ ଦର୍ଶାଇଛନ୍ତି,ଶିକ୍ଷକ ସାହୁ ଉଭୟ ଛାତ୍ରୀଙ୍କୁ ନେଇ ଏକ ଘରେ ଅସଦାଚରଣ କରିଥିଲେ। ଏହି ଘଟଣାରେ ଶିକ୍ଷୟିତ୍ରୀ ଫୁଲମଣୀ ମୁର୍ମୁ ସହାୟତା କରିବା ସହ ଛାତ୍ରୀଙ୍କୁ ଅଶ୍ଳୀଳ ଭିଡିଓ ଦେଖାଉଥିଲେ। ଏପରି କି ଏହି ଘଟଣାକୁ ଘରେ କହିଲେ ହତ୍ୟା ଧମକ ଦେଇଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଶିକ୍ଷକ ସାହୁ କହିଛନ୍ତି,ପିଲାମାନଙ୍କୁ ତାଗିଦ କଲେ ଏପରି ଦଣ୍ଡ ମିଳେ। ମୋ ବିରୋଧରେ ହୋଇଥିବା ଅଭିଯୋଗର କୌଣସି ସତ୍ୟତା ନାହିଁ।

## ରାଜା ଚକ୍ରଙ୍କ ୨୦୦ ବେନାମୀ ଆକାଉଣ୍ଟ ଠାବ

**୫୦ କୋଟି ହେରଫେର ମାମଲା**

**ଦ୍ୱିତୀୟ ଦିନରେ ୬ ସ୍ଥାନରେ ଚଢ଼ାଉ ଜାରି**

**ଭୁବନେଶ୍ୱର,୫।୩(ସତ୍ୟଜିତ୍ ରାଉତ)**




ରାଜା ଚକ୍ର(ବାମ), ଜବତ ଗାଡ଼ି।

ଓଡ଼ିଶା ଖଣି ନିଗମ ସହ ସହବନ୍ଧିତ ଥିବା କେନ୍ଦୁଝରର ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ପ୍ରାୟ ୫୦କୋଟି ଟଙ୍କା ହେର୍‌ଫେର୍ ଘଟଣାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପକ୍ଷରୁ କେନ୍ଦୁଝରର ବିଜେଡି ନେତା ସୌମ୍ୟ ଓରଫ ରାଜା ଚକ୍ରଙ୍କ ଘରେ ଚଢ଼ାଉ ଜାରି ରହିଛି। ବୁଧବାର ଦ୍ୱିତୀୟ ଦିନରେ ରାଜାଙ୍କ ୬ଟି ସ୍ଥାନରେ ଯାଞ୍ଚ ଚାଲିଥିବା ସୂଚନା ମିଳିଛି। କେନ୍ଦୁଝର, କୋଇଡ଼ା, ଧାମରା, ଗୋପାଳପୁର ଆଦି ସ୍ଥାନରେ ଇଓଡବ୍ଲ୍ୟୁ ଅଧିକାରୀମାନେ ମିଳିତ ଭାବେ ଖୋଳତାଡ଼ କରୁଛନ୍ତି। ତେବେ ଇଓଡବ୍ଲ୍ୟୁ ଦୁଇଦିନର ଯାଞ୍ଚରେ ଏକାଧିକ ଲୋକଙ୍କୁ ପଚରାଉଚରା କରିବା ସହ ମାମଲା ସମ୍ବନ୍ଧୀୟ ବହୁ ଦସ୍ତାବିଜ୍ ଜବତ କରିଛି। ତେବେ ବଡ଼କଥା ହେଲା ରାଜାଙ୍କ ୨୦୦ଟି ବେନାମୀ ଆକାଉଣ୍ଟ ମଧ୍ୟ ଇଓଡବ୍ଲ୍ୟୁ ଟିମ୍ ଠାବ କରିଛି। ଏହି ଆକାଉଣ୍ଟଗୁଡ଼ିକରେ ବ୍ୟାପକ ଟଙ୍କା କାରବାର ହୋଇଥିବା ଜଣାପଡିଛି। ସେହିପରି ରାଜାଙ୍କ ୨୦ଟି ମାଲବାହୀ ଗାଡ଼ି ମଧ୍ୟ ଇଓଡବ୍ଲ୍ୟୁ ପକ୍ଷରୁ ଜବତ କରାଯାଇଥିବା ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ଏହି ମାମଲାରେ ଇଓଡବ୍ଲ୍ୟୁ ଗତ ଫେବୃଆରୀ ୮ରେ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋଅପରେଟିଭ ଲିମିଟେଡର ପୂର୍ବତନ ସଭାପତି ମାନସ ରଞ୍ଜନ ବାରିକ ଓ ସମ୍ପାଦକ ଉତ୍କଳ ଦାଶଙ୍କୁ ଗିରଫ କରିଥିଲା। ତଦନ୍ତ ସମୟରେ ଏହି ଠକେଇ ଲିଙ୍କ୍‌ରେ ରାଜାଙ୍କ ସମେତ ଅନେକ ପ୍ରଭାବଶାଳୀ ଲୋକଙ୍କ ସମ୍ପୃକ୍ତି ଥିବା ଇଓଡବ୍ଲ୍ୟୁ ଜାଣିବାକୁ ପାଇ ଅଧିକ ଛାନଭିନ୍ ଚଳାଇଛି। ସୋମବାର ରାଜା ଚକ୍ରଙ୍କୁ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟକୁ ଡାକି ଇଓଡବ୍ଲ୍ୟୁ ଜେରା କରିଥିଲା। ସେପଟେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଓ ଆୟକର ଟିମ୍ ଇଓଡବ୍ଲ୍ୟୁଠାରୁ ତଥ୍ୟ ନେଇ ଖୋଳାତାଡ଼ କରୁଛି।

## ଚୋର ହାତରେ ବାଇକ୍, ମାଲିକଙ୍କୁ ଚାଲାଣ

**ବାଇକ୍ ଧରି ପାରୁନି, ହେଲେ ଚାଲାଣ କାଟୁଛି ପୋଲିସ**

**ସମ୍ବଲପୁର,୫।୩(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ସୁନାପାଲି ନିବାସୀ ମହମ୍ମଦ ଇନାୟତୁଲ୍ଲା ଓରଫ ମୁନା ଖାନଙ୍କ ବାଇକ(ନଂ.ଓଆର ୧୫ ଆର ୮୧୭୧) ୨୦୨୪ ଫେବୃଆରୀ ୧୯ରେ ଚୋରି ହୋଇଯାଇଥିଲା। ବାଇକ ଚୋରି ନେଇ ସେ ଧନୁପାଲି ଥାନାରେ ଲିଖତ ଅଭିଯୋଗ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ପୋଲିସ ଚୋରି ବାଇକ ଉଦ୍ଧାର କରିପାରିନାହିଁ କି ଚୋର ମଧ୍ୟ ଧରାପଡ଼ିନାହିଁ। ବର୍ଷେରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିବାରୁ ମୁନା ବାଇକ ଫେରି ପାଇବା ନେଇ କୌଣସି ଆଶା ରଖି ନ ଥିଲେ। ତେବେ ୨୦୨୫ ଫେବୃଆରୀ ୧୯ରେ ହେଲମେଟ ନ ପିନ୍ଧି ଗାଡି ଚଳାଉଥିବା କାରଣରୁ ତାଙ୍କ ମୋବାଇଲକୁ ୧ ହଜାରେ ଟଙ୍କାର ଫାଇନ କଟାଯାଇଥିବା ନେଇ ଏକ ମେସେଜ ଆସିଥିଲା। ଉକ୍ତ ଦିନ ପୂର୍ବାହ୍ନ ୧୦ଟା ୩୨ରେ ସରବାହାଲଠାରେ ଝାରସୁଗୁଡ଼ା ପୋଲିସ ପକ୍ଷରୁ ଇ-ଚାଲାଣ କଟାଯାଇଥିବା ଦେଖି ସେ ଚକିତ ହୋଇଥିଲେ। ଏ ନେଇ ସେ ଧନୁପାଲି ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଅନ୍ୟପକ୍ଷରେ ତାଙ୍କ ଘର ନିକଟରୁ ବାଇକ ଚୋରି ପରେ ମୁନା ଧନୁପାଲି ଥାନାରେ ଏତଲା ଦେଇଥିଲେ। ବାଇକ ଚୋରିର ୩ ମାସ ପରେ ଥାନା ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ଗତ ଡିସେମ୍ବରରେ ଆଉ ବାଇକ ମିଳିବାର ସମ୍ଭାବନା ନ ଥିବାରୁ କେସ ପ୍ରତ୍ୟାହାର କରିନେବା ପାଇଁ ଏସ୍‌ଡିଜେଏମ କୋର୍ଟରୁ ତାଙ୍କ ନିକଟକୁ ଫୋନ ଆସିଥିଲା। ଅନନ୍ୟୋପାୟ ହୋଇ ଡିସେମ୍ବର ମାସରେ ବାଇକ ମାଲିକ କେସ୍‌କୁ ପ୍ରତ୍ୟାହାର କରି ନେଇଥିଲେ। ଏବେ କିନ୍ତୁ ଚାଲାଣ କଟିବା ପରେ ବାଇକ୍ ଝାରସୁଗୁଡାରେ କେହି ବ୍ୟବହାର କରୁଥିବା ନେଇ ସ୍ପଷ୍ଟ ଜଣାପଡୁଛି। ତେବେ ପୋଲିସ ତତ୍ପରତା ଦେଖାଇଥିଲେ ଚୋରି ବାଇକ ଫେରି ପାଇ ଥାଆନ୍ତେ ବୋଲି ମୁନା ଖାନ କହିଛନ୍ତି। ଅନ୍ୟପକ୍ଷରେ ଧନୁପାଲି ପୋଲିସ ଅନୁସାରେ ବାଇକ ଚୋରି କେସ୍ ପ୍ରତ୍ୟାହାର ହୋଇ ସାରିଥିବାରୁ ଏବେ ସମ୍ପୃକ୍ତ ବାଇକ୍ ଚୋରି ହେବା ନେଇ ଥାନାରେ କୌଣସି ମାମଲା ନାହିଁ। ଏହି ପରିସ୍ଥିତିରେ ଆଗକୁ କ'ଣ କରିବେ ସେ ନେଇ ଆଇନଜୀବୀଙ୍କ ପରାମର୍ଶ ନେଉଥିବା ବାଇକ ମାଲିକ ମୁନା ଖାନ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛିଙ୍କିଲେ ଧୋବ ଲୁଗା ଛିଡ଼ିଯିବ**
**ପାଳ ଦଉଡ଼ିଆ ଘଇତା ଥାଇ କିସ କରିବ ?**

ଲୁଗା ଏତେ ପତଳା ବା ପୁରୁଣା ହୋଇଗଲାଣି ଯେ ସାମାନ୍ୟ ଛିଙ୍କିଦେଲେ ବି ଛିଡ଼ିଯାଉଛି। ଉତ୍କଟ ଦାରିଦ୍ର୍ୟାବସ୍ଥା। ସ୍ୱାମୀ ଯେବେ ଅଯୋଗ୍ୟ ଅପାରଗ ହୁଏ ସେତେବେଳେ ଘରର ଆର୍ଥିକ ସ୍ଥିତି ଦୋହଲିଯାଏ। ଘରର ଅଭାବ ପୂରଣ କରିବା କଷ୍ଟସାଧ ହୋଇଯାଏ। ସ୍ୱାମୀର ଅଯୋଗ୍ୟ ପଣକୁ ଧିକ୍କାର କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛିଲୋ ରଙ୍କୁଣି ମୁଣ୍ଡରେ ଉକୁଣି**
**ପୋଖରୀ ମାଟି ଦହଲା**
**ତୋର ସଙ୍ଗେ ଯାହା ପୀରତି କରିବି**
**ଛେଳି ରଖିବାର ଭଲା !**

ଯାହାର ଆଚାର ବିଚାର ତଥା ହାବଭାବ ଭଲ ଲାଗି ନ ଥାଏ ତା'ଠାରୁ ମନ ସ୍ୱତଃପ୍ରବୃତ୍ତ ଛାଡ଼ିଯାଇଥାଏ। ଏପରିସ୍ଥଳେ ଉକ୍ତ ବ୍ୟକ୍ତି ସହ ସମ୍ପର୍କ ରଖିବା କାଠିକର ପାଠ ହୋଇଯାଇଥାଏ। ପ୍ରେମକୁ ପ୍ରତ୍ୟାଖ୍ୟାନ କରିବା ବା ପୀରତି ପ୍ରତି ଛେଉଲ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ସ୍ତ୍ରୀଙ୍କୁ ମାଡ଼ମାରି ସ୍ୱାମୀ ଗିରଫ

**ଭୁବନେଶ୍ୱର,୫।୩(ସୂର୍ଯ୍ୟକାନ୍ତ ବେହେରା)**

ସ୍ତ୍ରୀଙ୍କୁ ମାଡ଼ମାରିବା ସ୍ୱାମୀଙ୍କୁ ମହଙ୍ଗା ପଡ଼ିଛି। ମାଡ଼ ଓ ନିର୍ଯାତନା ଅସହ୍ୟ ହେବାରୁ ସ୍ୱାମୀଙ୍କ ବିରୋରେ ସ୍ତ୍ରୀ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ସ୍ୱାମୀଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ୟୁନିଟ-୮ ନାରାୟଣ ବସ୍ତିର ପ୍ରହଲ୍ଲାଦ ନାୟକ। ଅଭିଯୁକ୍ତ ଜଣକ ପୂର୍ବରୁ ମଧ୍ୟ ରଣପୁର ଥାନାର ଏକ ମାମଲାରେ ଜଡ଼ିତ ଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି। ସୂଚନାଯୋଗ୍ୟ, ପୀଡ଼ିତା ରଞ୍ଜୁ ନାହାକ ପ୍ରହଲ୍ଲାଦଙ୍କୁ ୧୭ବର୍ଷ ତଳେ ବିବାହ କରିଥିଲେ। ଉଭୟଙ୍କ ଦୁଇ ପୁତ୍ର ସନ୍ତାନ ଅଛନ୍ତି। କୌଣସି ଏକ ବ୍ୟକ୍ତିଗତ ସମସ୍ୟାକୁ କେନ୍ଦ୍ର କରି ଉଭୟ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ଭାବେ ଝଗଡ଼ା ହେଉଥିଲା। ଝଗଡ଼ା ବେଳେ ଅଭିଯୁକ୍ତ ଦୁଇପୁଅଙ୍କ ସମୁଖରେ ରଞ୍ଜୁଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମଧ୍ୟ ମାରୁଥିଲେ। ଏନେଇ ରଞ୍ଜୁ ବାଧ ହୋଇ ଥାନାରେ ଦ୍ୱାରସ୍ଥ ହୋଇଥିଲେ।

## ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ

■ ନାବାଳିକା ୮ ମାସର ଗର୍ଭବତୀ

■ ଅଭିଯୋଗ ପରେ ଥାନାରେ ନାବାଳକ

**ସାବରଙ୍ଗ,୫।୩(କାଳିପଦ ରାୟ)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ନାୟକାଣିଡିହୀ ଥାନା ଅଞ୍ଚଳରେ ଜଣେ ନାବାଳିକା ଗର୍ଭବତୀ ହୋଇଛନ୍ତି। ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିଥିବା ଅଭିଯୋଗରେ ଜଣେ ନାବାଳକଙ୍କୁ ପୋଲିସ ହେପାଜତକୁ ନେଇଛି। ନାବାଳିକା ଜଣକ ୮ ମାସର ଗର୍ଭବତୀ ହେବା ପରେ ଘଟଣା ପଦାକୁ ଆସିଥିଲା। ନାବାଳିକାଙ୍କ ମା' ଏନେଇ ମଙ୍ଗଳବାର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୪୭/୨୫) ରୁଜୁ କରି ଘଟଣାର ତଦନ୍ତ କରିଛି। ନାବାଳିକାଙ୍କ ଡାକ୍ତରୀମାଇନା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଉକ୍ତ ଘଟଣାରେ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ ହୋଇଛି। ନାବାଳକଙ୍କ ଡାକ୍ତରୀମାଇନା କରାଯାଇଥିବା ବେଳେ ଗୁରୁବାର ତାଙ୍କୁ ଭଦ୍ରକ ମାଜିଷ୍ଟ୍ରେଟଙ୍କ ପାଖରେ ହାଜର କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ମହେଶ୍ୱର ପ୍ରଧାନ କହିଛନ୍ତି।

## ସିବିଆଇ ଜାଲରେ ଶ୍ରମିକ ଠିକାଦାର, ବ୍ୟବସାୟୀ




ପରମାଣପୁରସ୍ଥିତ ଯୋଗାଣ ବିଭାଗ ଠିକାଦାରଙ୍କ ଘର ସମ୍ମୁଖରେ ସିବିଆଇ ଟିମ୍।



ଯୋଗାଣ ବିଭାଗ ଠିକାଦାରଙ୍କ ଘର।

■ ଠିକାଦାରଙ୍କ ପୁଅକୁ ଉଠାଇନେଲା ସିବିଆଇ

■ ଅତାବିରାରେ କକା, ପୁତୁରାଙ୍କ ଘରେ ଚଢ଼ାଉ

**ବରଗଡ଼/ସରଣ୍ଡା,୫।୩(ପ୍ରେମାନନ୍ଦ ଖମାରୀ/ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରାରେ ବୁଧବାର ସକାଳ ୮ଟାରେ ସିବିଆଇ ଚଢ଼ାଉ କରିଛି। ସିବିଆଇର ୧୦ ଜଣିଆ ୨ଟିମ୍ ଏଠାକୁ ପହଞ୍ଚି ନିକଟସ୍ଥ ପରମାଣପୁର ଗ୍ରାମର ଖାଦ୍ୟ ଓ ଯୋଗାଣ ବିଭାଗର ଶ୍ରମିକ ଠିକାଦାର ଜି. ସତ୍ୟନାରାୟଣ ଏବଂ ଅତାବିରାର ବ୍ୟବସାୟୀ ଜି. ନରସିଂହ ମୂର୍ତ୍ତିଙ୍କ ଘରେ ଚଢ଼ାଉ ଜାରି ରଖିଛନ୍ତି। ସତ୍ୟନାରାୟଣ ଏବଂ ନରସିଂହ ମୂର୍ତ୍ତି ସମ୍ପର୍କରେ ପୁତୁରା ଏବଂ କାକା। କେଉଁ କାରଣ ନେଇ କକା, ପୁତୁରା ଘରେ ଏହି ଚଢ଼ାଉ ଚାଲିଛି ତାହା ଏ ଯାଏ ସ୍ପଷ୍ଟ ହୋଇ ନ ଥିବା ବେଳେ ବେଆଇନ ଅର୍ଥ କାରବାରରେ କେତେବେଳେ ବଡ଼ବଡ଼ିଆ ଅଧିକାରୀଙ୍କ ସମ୍ପୃକ୍ତି ଏବଂ ରାଜନୈତିକ ଲିଙ୍କ୍ ରହିଥିବା ସୂଚନା ପାଇ ସିବିଆଇ ଏହି ଚଢ଼ାଉ କରିଥିବା ସାଧାରଣରେ ଆଲୋଚନା ହେଉଛି।

ସକାଳ ପ୍ରାୟ ୮ଟାରେ ସିବିଆଇର ୨ଟିମ୍ ୨ଟି କାର୍‌ରେ ପ୍ରଥମେ ପରମାଣପୁର ଆନ୍ଧ୍ରପଡ଼ାରେ ରହିଥିବା ସତ୍ୟନାରାୟଣଙ୍କ ଘରେ ପହଞ୍ଚିଥିଲେ। ସେଠାରେ ତାଙ୍କ ଘରେ ତନାଘନା କରିବା ସହିତ ସତ୍ୟନାରାୟଣଙ୍କ ପୁଅ ଜି. ଉମା ମହେଶଙ୍କୁ ସିବିଆଇର ଏକ ଟିମ୍ କାର୍ ଯୋଗେ ଗୌଡ଼ଟିକ୍ରାରେ ରହିଥିବା ତାଙ୍କ ଧାନ ବିହନ ଡିପୋକୁ ଉଠାଇ ନେଇଥିଲେ। ସେଠାରେ ସେହି ଟିମ୍ ତାଙ୍କୁ ପଚରାଉଚରା କରିଥିବାବେଳେ ଅନ୍ୟ ଟିମ୍ ସତ୍ୟନାରାୟଣଙ୍କ ଘରେ ଉପସ୍ଥିତ ରହି ତନାଘନା ଚଳାଇଥିଲେ। ତାଙ୍କ ଘରୁ ବିଭିନ୍ନ କାଗଜାତ ଜବତ କରିବା ସହିତ ତାଙ୍କ ସ୍ଥାବର, ଅସ୍ଥାବର ସମ୍ପତ୍ତି ଆକଳନ କରିଥିଲେ।

ପରେ ସିବିଆଇ ଟିମ୍ ଅତାବିରା ଶାନ୍ତିପଡ଼ାସ୍ଥିତ ସତ୍ୟନାରାୟଣଙ୍କ କକା ନରସିଂହ ମୂର୍ତ୍ତିଙ୍କ ବାସଭବନକୁ ପହଞ୍ଚିଥିଲେ। ଚଢ଼ାଉ ସମୟରେ ନରସିଂହ ମୂର୍ତ୍ତି ଅନୁପସ୍ଥିତ ଥିବାବେଳେ ସିବିଆଇ ଟିମ୍ ସେଠାରେ ତାଙ୍କ ଏକ ଘରକୁ ସିଲ୍ କରିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ପଚାରିବାରୁ ସିବିଆଇ ପକ୍ଷରୁ କୌଣସି ସୂଚନା ମିଳି ନ ଥିବା ବେଳେ ଚଢ଼ାଉ ଜାରି ରହିଛି। ଚଢ଼ାଉ ସରିବା ପରେ ସିବିଆଇ ଅଧିକାରୀମାନେ ସୂଚନା ଦେବା ପରେ କାରଣ ଜଣାପଡ଼ିବ।

# ଅଲରାଉଣ୍ଡର ସାୟମୀ



ସାୟମୀ

ସାୟମୀ ଖେର ଇତି ମଧ୍ୟରେ ତେଲୁଗୁ, ମରାଠୀ ଏବଂ କେତୋଟି ହିନ୍ଦୀ ସିନେମାରେ ଅଭିନୟ କରିସାରିଲେଣି। ତାଙ୍କ ଅଭିନୀତ 'ଜାଟ୍' ଏବେ ରିଲିଜ ଅପେକ୍ଷାରେ ରହିଛି। ଏଥିରେ ସେ ସନି ଦେଓଲଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି। ଏହି ଫିଲ୍ମ ବିଷୟରେ ସାୟମୀ କହନ୍ତି, "ଅବଶ୍ୟ ଏକଥା ସତ ଯେ ଏ ପର୍ଯ୍ୟନ୍ତ ମୁଁ ଯେତୋଟି ହିନ୍ଦୀ ସିନେମାରେ ଅଭିନୟ କରିଛି ସେଗୁଡିକ ମଧ୍ୟରୁ ଗୋଟିଏ ହେଲେ ହିଟ୍ ସାବ୍ୟସ୍ତ ହୋଇନାହିଁ। ଏବେ ରିଲିଜ ଅପେକ୍ଷାରେ ଥିବା 'ଜାଟ୍'କୁ ନେଇ ଅନେକ ଆଶା ରହିଛି। ମୋତେ ଯେଉଁ ଭୂମିକା ମିଳେ ତାହାକୁ ମୁଁ ଦ ବେଷ୍ଟ ଦେବାକୁ ଶତ ପ୍ରତିଶତ ଚେଷ୍ଟା କରେ। ମୋ ଅଭିନୀତ ହିନ୍ଦୀ ସିନେମା ଦର୍ଶକାଦୃତ ହୋଇପାରୁନି, ଏ ନେଇ ନିଶ୍ଚୟ ମନ ଦୁଃଖ ହେଉଛି। ହେଲେ କ'ଣ କରିବି ? ଏସବୁ ଦର୍ଶକଙ୍କ ଉପରେ ହିଁ ନିର୍ଭର କରେ। ମୋତେ ଯେଉଁ ରୋଲ୍ ମିଳୁ ନା କାହିଁକି, ତାହାକୁ ତୁଲାଇବାର ଦକ୍ଷତା ରହିଛି।" ସାୟମୀଙ୍କ ଅଭିନୀତ ପ୍ରଥମ ସିନେମା ଥିଲା ତେଲୁଗୁ ଫିଲ୍ମ 'ରେ'। ସେ ଅଭିନୟ କରିଥିବା ପ୍ରଥମ ହିନ୍ଦୀ ସିନେମା 'ମିର୍ଜା' ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ପୁରସ୍କାର ମିଳିଥିଲେ ମଧ୍ୟ ତାହା ତାଙ୍କର ହିନ୍ଦୀ କ୍ୟାରିୟର ପାଇଁ ସହାୟକ ହୋଇପାରି ନ ଥିଲା।

## ଅ | ତୀ | ତ | ରୁ

–ପୌରାଣିକ କାହାଣୀକୁ ଆଧାର କରି ନିର୍ମିତ ଓଡ଼ିଆ ସିନେମା 'ମଥୁରା ବିଜୟ'ର ଗୀତଗୁଡିକ ସ୍ୱର ଦେଇଥିଲେ ବିଶିଷ୍ଟ ସ୍ୱରକାର ବାଳକୃଷ୍ଣ ଦାଶ। ଶ୍ରୀକାନ୍ତ ନନ୍ଦ, ରୂପଲେଖା, ଅନୀତା ଦାସ, ଦୀପା ସାହୁ, ଶରତ ପୂଜାରୀ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଥିଲେ।

–ଓଡ଼ିଆ ସିନେମା 'ନୀଳମାଧବ'ର ନିର୍ଦ୍ଦେଶନ ଦେଇଥିଲେ ଜଗନ୍ନାଥ ପ୍ରସାଦ ଭଗତ। ରଘୁ ମିଶ୍ର, ମମତା ପ୍ରତିହାରୀ, ଜୟୀ , ଗଡି ପ୍ରମୁଖ କଳାକାରଙ୍କୁ ଏହି ଫିଲ୍ମରେ ଦେଖିବାକୁ ମିଳିଥିଲା।

–'ଅଗ୍ନି ପରୀକ୍ଷା' ଫିଲ୍ମର ନାୟକ ଶ୍ରୀରାମ ପଣ୍ଡା ସାଜିଥିବା ବେଳେ ନାୟିକା ଭୂମିକାରେ ଅଭିନୟ କରିଥିଲେ ମହାଶ୍ୱେତା ରାୟ। ଫିଲ୍ମଟିକୁ ପ୍ରଯୋଜନା କରିଥିଲେ ରାମ ଅବତାର ଜଲାନ୍।

–କବିରାଜ ବିଶ୍ୱନାଥ ମିଶ୍ରଙ୍କ ପ୍ରଯୋଜିତ 'ତପସ୍ୟା'ର ନିର୍ଦ୍ଦେଶନା ଦେଇଥିଲେ ନଗେନ ରାୟ। ଶରତ ପୂଜାରୀ, ଅନୀତା ଦାସ, ଉତ୍ତମ ମହାନ୍ତି ଏବଂ ଦୀପା ସାହୁ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

# ଅଲ୍ଲୀ ବଜରଙ୍ଗୱାଲି



ପ୍ରଯୋଜକ-କମ୍-ଅଭିନେତା ସୋହମ ସିଂ ଏବେ ଏକ ନୂଆ ପ୍ରୋଜେକ୍ଟକୁ ନେଇ ବ୍ୟସ୍ତ ଅଛନ୍ତି। ଏହି ସିନେମାଟିର ଟାଇଟଲ ରହିଛି 'ଅଲ୍ଲୀ ବଜରଙ୍ଗବାଲି'। ଏକ ଭିନ୍ନ ଧରଣର କାହାଣୀକୁ ନେଇ ଏହାକୁ ପ୍ରସ୍ତୁତ କରାଯାଉଛି। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିବେ ସୋହମ। ଏ ନେଇ ସେ କହନ୍ତି, "ଏହି ବିଗ୍ ବଜେଟ୍ ଫିଲ୍ମରେ ଦର୍ଶକ କେବଳ ଆକ୍ସନ ହିଁ ଆକ୍ସନର ମଜା ନେବେ। ତା'ସହ ଫ୍ୟାମିଲିଡ୍ରାମା ମଧ୍ୟ ରହିଛି। ଏହାର କାହାଣୀ ଚୟନ କରିବାକୁ ମୋତେ କମ୍ ପରିଶ୍ରମ କରିବାକୁ ପଡିନାହିଁ। ଚଳିତ ମାସରେ ଏହାର ଶୁଟିଂ ଆରମ୍ଭ ହେବାର ଯୋଜନା ରହିଛି।" ଫିଲ୍ମଟିର କାଷ୍ଟିଂ କାମ ଚାଲୁ ରହିଛି। ଏହାପୂର୍ବରୁ ସୋହମ 'ଅଜାତଶତ୍ରୁ', 'ଆଇ ଲଭ୍ ୟୁ ପ୍ରିୟା' ଏବଂ 'ରାଉଡି ରାଜା'ରେ ଅଭିନୟ କରିସାରିଛନ୍ତି। ବର୍ତ୍ତମାନ ତାଙ୍କର ହାର୍ଟ ଟୁ ହାର୍ଟ ତରଙ୍ଗ ଟିଭିରେ ପ୍ରସାରିତ ହେବା ସହ ଦର୍ଶକାଦୃତ ହେବାରେ ଲାଗିଛି। ତେବେ ଏହି ନୂଆ ସିନେମାରେ କି ମସଲା ରହିଛି ତାହା ରିଲିଜ ହେଲେ ହିଁ ଜଣାପଡ଼ିବ।

# ମନେରହିବେ ସର୍ବୋତ୍ତମ ଉତ୍ତମ

ଶ୍ରଦ୍ଧାଞ୍ଜଳି



ଉତ୍ତମ ମହାନ୍ତି

କଳା ଈଶ୍ୱରଦତ୍ତ। ଦିନେ ଅଭିନୟ କରିବେ ଆଉ ଏ କ୍ଷେତ୍ରରେ ସମସ୍ତଙ୍କ ପାଇଁ ଏକ ଆଦର୍ଶ ପାଲଟି ଯିବେ ତାହା କେବେ ଚିନ୍ତା କରି ନ ଥିଲେ ନିକଟରେ ପରଲୋକଗତ ତଥା ଓଡ଼ିଆ ସିନେମା ଜଗତର ବିଶିଷ୍ଟ ଅଭିନେତା ଉତ୍ତମ ମହାନ୍ତି। ଦୀର୍ଘ ୪୦ ବର୍ଷ ଧରି ସେ ଓଡ଼ିଆ ସିନେମା ସହ ଜଡିତ ଥିଲେ। ସତରେ 'ସର୍ବୋତ୍ତମ ଉତ୍ତମ'। ତାଙ୍କୁ କାହା ସହ ତୁଳନା କରିବା କଷ୍ଟକର। ୧୯୭୭ରେ ବିଶିଷ୍ଟ ନିର୍ଦ୍ଦେଶକ ସାଧୁ ମେହେର ତାଙ୍କୁ ପ୍ରଥମେ ବଡ ପରଦାରେ ଅଭିନୟ କରିବାର ସୁଯୋଗ ଦେଇଥିଲେ। ଚଳଚ୍ଚିତ୍ରଟି ଥିଲା 'ଅଭିମାନ'। ଆଉ ତା'ପରେ ସେ ଗୋଟିଏ ପରେ ଗୋଟିଏ ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରି ଓଡ଼ିଶାବାସୀଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି।

ଉତ୍ତମ ମହାନ୍ତିଙ୍କ ସହ ମୁଁ ପ୍ରତ୍ୟକ୍ଷ ଭାବରେ ଜଡିତ ଥିଲି। ବସନ୍ତ ନାୟକଙ୍କ 'ଦଣ୍ଡା ବାଲୁଙ୍ଗା' କଟକର ରିଂ ରୋଡ୍‌ରେ ଶୁଟିଂ ହେଉଥାଏ। ହଠାତ୍ ମୋ ଉପରେ ତାଙ୍କର ଆଖି ପଡିଗଲା। 'ଆରେ ଦିଲୀପ, ଆସ, ସାଙ୍ଗ ହୋଇ ଖାଇବା'। ଏକ ରିକ୍ସାରେ ବସି ସେ ଯିବେ–ଏହି ଶର୍ତ୍ତକୁ ସେ ଏକାଥରେ ଓକେ କରିଥିଲେ।

ଆଉ ଏକ ଘଟଣା। ସେ ସମୟର ବିଶିଷ୍ଟ ନିର୍ଦ୍ଦେଶକ ନିତାଇ ପାଲିତ ତାଙ୍କର 'ରଘୁ ଅରକ୍ଷିତ' ଫିଲ୍ମରେ ଉତ୍ତମଙ୍କୁ ନେବାର ଯୋଜନା ଥିଲା। କିନ୍ତୁ ସାମାନ୍ୟ ଭୁଲ ବୁଝାମଣା ପାଇଁ ନିତାଇଦା' ତାଙ୍କ ସ୍ଥାନରେ ବାଣୀବିହାରରେ ପଢୁଥିବା ଅମରେଶ ଦାସଙ୍କୁ ନେଇଥିଲେ। ଏକଥା ଜାଣିବା ପରେ ସେ ଆଉ ନିଜର ଭାବପ୍ରବଣତାକୁ ରୋକି ନ ପାରି କାନ୍ଦି ପକାଇଥିଲେ। ସେଦିନ ଲିଙ୍ଗରାଜ ହୋଟେଲରେ ସେଠାରେ ଉପସ୍ଥିତ ଦୁଃଖିରାମ ସ୍ୱାଇଁ ଏବଂ ମୁଁ ତାଙ୍କୁ ବୁଝାଇଥିଲୁ ଯେ ଅଭିନୟ ଜୀବନରେ ଏମିତି ଅନେକ ଘଟଣା ଘଟିଥାଏ। ତାକୁ ସାମନା କରି ଆଗକୁ ଯିବାକୁ ପଡିବ।

ଉତ୍ତମଙ୍କୁ ଜଣେ ସଫଳ ନାୟକ କରିବା ପଛରେ ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ, ମହମ୍ମଦ ମହସୀନ, ରାଜୁ ମିଶ୍ର, ସୂର୍ଯ୍ୟ ମିଶ୍ର, ଗୋବିନ୍ଦ ତେଜ, ଶିଶିର ମିଶ୍ର, ରବି କିନ୍ନାଗୀ ଏବଂ ହର ପଟ୍ଟନାୟକ ଆଦିଙ୍କ ଅବଦାନକୁ ଯେତେ ପ୍ରଶଂସା କରିବ ତାହା ସେତେ କମ୍ ହେବ। ଏକଦା ଉତ୍ତମ ସିନେକ୍ରିଟିକ ପୁରସ୍କାର ଉତ୍ସବରେ ଉପସ୍ଥିତ ଥାଆନ୍ତି। ଓଡ଼ିଆ ସିନେମା 'ଲଳିତା'ର ନାୟିକା ଉମା ଗୋଏଙ୍କାଙ୍କୁ ଯେତେବେଳେ ପୁରସ୍କାର ପାଇଁ ଡକାଗଲା, ସେତେବେଳେ ଉତ୍ତମ ତାଙ୍କ ସ୍ଥାନରୁ ଉଠି ପରିଣତ ବୟସରେ ପହଞ୍ଚିଥିବା ଉମାଙ୍କ ହାତ ଧରି ମଞ୍ଚ ଉପରକୁ ନେଇ ଯାଇଥିଲେ। ଅନ୍ୟପକ୍ଷରେ ତାଙ୍କ ପରି ବିଶିଷ୍ଟ ଅଭିନେତାଙ୍କୁ 'ପଦ୍ମ' ପୁରସ୍କାର ମଧ୍ୟ ମିଳିଲା ନାହିଁ। ସବୁଠାରୁ ବଡ କଥା ହେଲା ଯେ ଜଣେ ପ୍ରଯୋଜକ ଯଦି ଅସୁବିଧାରେ ପଡିଛି ତେବେ ସେ ତାଙ୍କୁ କେବେ ଅସହଯୋଗ କରୁ ନ ଥିଲେ। ତାଙ୍କର ପାର୍ଥିବ ଶରୀର ସିନା ସତ୍ୟନଗର ଶ୍ମଶାନରେ ପଞ୍ଚଭୂତରେ ବିଲୀନ ହୋଇଗଲା, ହେଲେ ସେ ସବୁଦିନ ଆମ ସମସ୍ତଙ୍କ ହୃଦୟରେ ଜୀବିତ ହୋଇ ରହିବେ। ତାଙ୍କର ଧର୍ମପତ୍ନୀ ଅପରାଜିତା, ପୁତ୍ର ବାବୁସାନ ଏବଂ ପରିବାରବର୍ଗଙ୍କୁ ପ୍ରଭୁ ଜଗନ୍ନାଥ ସବୁବେଳେ ସହାୟ ହୁଅନ୍ତୁ ଏବଂ ଉତ୍ତମଙ୍କ ଆତ୍ମା ଶାନ୍ତିରେ ରହୁ–ଏତିକି ପ୍ରାର୍ଥନା।

–ଦିଲୀପ ହାଲି, ଭୁବନେଶ୍ୱର
ମୋ : ୯୮୬୧୦୦୯୨୪୨

ଛୋଟ ପରଦା

# ତୁମ ବିନା

ଜୀ ସାର୍ଥକର ଅନ୍ୟତମ ଲୋକପ୍ରିୟ ଧାରାବାହିକ 'ତୁମ ବିନା'ରେ ଆସୁଛି ନୂଆ ମୋଡ। ଗତିଶୀଳ କାହାଣୀ ଅନୁସାରେ ନକଲି ଗର୍ଭପାତ ରିପୋର୍ଟ ଅକ୍ଷୟଙ୍କୁ ଚୁପ ରହିବାକୁ ବାଧ କରେ। ଏଭଳି ଘଟଣା ଲକ୍ଷ୍ମୀଙ୍କୁ ଖୁବ କଷ୍ଟ ଦିଏ। ଆଉ ଏସବୁ ରିଚାର ସୁଚିନ୍ତିତ ଯୋଜନା ଅନୁସାରେ ହିଁ ହୁଏ। ଅନ୍ୟପକ୍ଷରେ ଲକ୍ଷ୍ମୀ ଘରୁ ବାହାରି ଯିବାକୁ ନିଷ୍ପତ୍ତି ନିଅନ୍ତି। ଅନ୍ୟପକ୍ଷରେ ଲକ୍ଷ୍ମୀଙ୍କ ପ୍ରତି ପ୍ରେମ ଏବଂ ତାଙ୍କ ମାଆଙ୍କ ଚାପ ମଧ୍ୟରେ ଭାଙ୍ଗି ପଡ଼ିଥିବା ଅକ୍ଷୟ ଶେଷରେ ବାଧ ହୋଇ ଲକ୍ଷ୍ମୀଙ୍କୁ ଛାଡି ଦିଅନ୍ତି। ହେଲେ ରିଚାର ନକଲି ଡିଏନଏ ରିପୋର୍ଟର ତଦନ୍ତ କରିବା ପାଇଁ ଅକ୍ଷୟ ନିଷ୍ପତ୍ତି ନିଅନ୍ତି। ଏହି ସମୟରେ ସଂଯୁକ୍ତା ରିଚା ପାଇଁ ଏକ ବେବି ସାୱରର ଆୟୋଜନ କରନ୍ତି ଓ ଲକ୍ଷ୍ମୀଙ୍କୁ ଅପମାନିତ କରିବାକୁ ଜାଣିଶୁଣି ନିମନ୍ତ୍ରଣ କରିଥାନ୍ତି। ତେବେ କାହାଣୀରେ ଆଗକୁ କ'ଣ ଘଟିବ ? ଅକ୍ଷୟ କ'ଣ ଲକ୍ଷ୍ମୀଙ୍କୁ ପୁଣି ଆପଣାଇବେ ? ଏସବୁ ରହସ୍ୟ ଉପରୁ କେବେ ଉଠିବ ପରଦା ? ଏହାର ପ୍ରସାରଣ ସମୟ ରହିଛି ସୋମବାରରୁ ଶନିବାର ରାତ୍ର ୮ଟା।



ପୁଣ୍ୟଶ୍ୱେତା

# ଶାଶୁ ନୁହେଁ ସେ ସୁନାମୀ ଝଡ଼

ଓଡ଼ିଶାର ଘରେ ଘରେ ପରିଚିତ ଜୀ ସାର୍ଥକ ଚ୍ୟାନେଲରେ ଚଳିତ ମାସ ୯ ତାରିଖ ସନ୍ଧ୍ୟା ୬.୩୦ରେ ପ୍ରସାରିତ ହେବାକୁ ଯାଉଛି ଏକ ଭିନ୍ନ ଧରଣର ନୂଆ ଓଡ଼ିଆ ସିନେମା। ଏହାର ଟାଇଟଲ ରହିଛି 'ଶାଶୁ ନୁହେଁ ସେ ସୁନାମୀ ଝଡ଼'। ଏହି ଫିଲ୍ମର କାହାଣୀର ମୁଖ୍ୟ ହେଉଛନ୍ତି କୋକିଳା। ନିଜର କଠୋର ଓ ଅବିଶ୍ୱାସ ଶାସନ ତଳେ କୋକିଳାଙ୍କ ତିନି ପୁଅ ଅଜୟ, ବିଜୟ ଓ ସଞ୍ଜୟ। ତିନି ବୋହୂ ହେଉଛନ୍ତି ଅନୀତା, କବିତା ଓ ସ୍ମିତା। ସଞ୍ଜୟଙ୍କ ଜୀବନରେ ଏମିତି ଏକ ମୋଡ ଆସେ ଯେବେ ତାଙ୍କର ସ୍ମିତା ସହିତ ଦେଖାହୁଏ। ସ୍ମିତା ଜଣେ ଉତ୍ସାହୀ ଓ ମହତ୍ତ୍ୱାକାଂକ୍ଷୀ ଝିଅ ଯିଏ ସବୁବେଳେ ସମାଜର ମଙ୍ଗଳକାମନା ଚିନ୍ତା କରିଥାନ୍ତି। କିନ୍ତୁ କୋକିଳାଙ୍କ ସହ ତାଙ୍କ ଦେଖା ହେବା ଦ୍ୱାରା ପରିବାରରେ ଉତ୍ତେଜନା ସୃଷ୍ଟି ହୁଏ। ସମୟ ସହିତ କାହାଣୀ ନିଏ ନୂଆ ମୋଡ। ଜଣେ ସାଧୁ ସ୍ମିତାଙ୍କୁ ନିଜର ଇଚ୍ଛା ପୂରଣ କରୁଥିବା ଏକ ଶକ୍ତି ଦିଅନ୍ତି। ହେଲେ ଏହାର ପ୍ରଭାବ କ'ଣ ହେବ ? ଶାଶୁଙ୍କ ପରିବର୍ତ୍ତନ ହେବ କି ? ଏସବୁ ପ୍ରଶ୍ନଗୁଡିକର ଉତ୍ତର ସିନେମାଟିକୁ ଦେଖିଲେ ହିଁ ଜାଣିପାରିବେ। ଚଳଚ୍ଚିତ୍ରରେ ମୁଖ୍ୟ ଚରିତ୍ରରେ ନଜର ଆସିବେ ଅଙ୍କିତ ଓ ମିତାଲି। ଚିତ୍ରଟିକୁ ପ୍ରଯୋଜନା କରିଛନ୍ତି କ୍ଷୀରୋଦ ପଟ୍ଟନାୟକ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ମନୋଜ ସିହ୍ନା। କାହାଣୀ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା ଏବଂ ମାନସ ମଲ୍ଲିକ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରଶାନ୍ତ ପାଢୀ। କଣ୍ଠଦାନ କରିଛନ୍ତି ସ୍ୱୟଂ ପାଢ଼ୀ, ଅନ୍ତରା ଏବଂ ଅର୍ପିତା।



ମିତାଲି–ପ୍ରିୟମ୍ବଦା



ଦିଶା

# ଦୃଢ଼ମନା ଦିଶା

ଦିଶା ପଟାନି ଇତି ମଧ୍ୟରେ ବେଶ୍ କେତୋଟି ହିନ୍ଦୀ ସିନେମାରେ ଅଭିନୟ କରିସାରିଲେଣି। ହେଲେ ତାଙ୍କୁ କୁଆଡେ ମନ ପସନ୍ଦର ଭୂମିକାଟିଏ ମିଳିଲା ନାହିଁ। ତେଣୁ ଏ ନେଇ ସେ ଟିକେ ମନ ଉଣା କରିଛନ୍ତି। ହେଲେ ନିଜ ଉପରେ ଦୃଢ଼ ବିଶ୍ୱାସ ମଧ୍ୟ ରଖିଛନ୍ତି। ଦିନେ ନା ଦିନେ ତାଙ୍କୁ ଏଭଳି କେତୋଟି ରୋଲ୍ ମିଳିବ ଯାହାକୁ ଆଧାର କରି ସେ ନିଜକୁ ଜଣେ ଆଗଧାଡିର ଅଭିନେତ୍ରୀ ଭାବରେ ପରିଚିତ କରାଇ ପାରିବେ। ଦିଶାଙ୍କର ଅଭିନୟ କ୍ୟାରିୟର ଆରମ୍ଭ ହୋଇଥିଲା ତେଲୁଗୁ ଫିଲ୍ମ 'ଲୋଫର' (୨୦୧୫)ରୁ। 'ଏମ.ଏସ.ଧୋନି : ଦ ଅନଟୋଲ୍ଡ ଷ୍ଟୋରି' ଥିଲା ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା। ଉତ୍ତର ପ୍ରଦେଶର ବରେଲୀରେ ଜନ୍ମିତା ଦିଶା ନିଜ କ୍ୟାରିୟର ବିଷୟରେ କହନ୍ତି, 'ଗତ ୧୦ ବର୍ଷ ମଧ୍ୟରେ ମୁଁ ଯେତୋଟି ଫିଲ୍ମରେ ଆକ୍ଟିଂ କରିଛି ସେଥିରୁ ଆତ୍ମତୃପ୍ତି ମିଳିଛି–ଏକଥା ସତ, ହେଲେ ମୋ ମନଲାଖି ଭୂମିକାଟିଏ ଏ ଯାଏଁ ମିଳିଲା ନାହିଁ। ଆଶା ରଖିଛି ଦିନେ ମୋର ଏହି ଆଶା ନିଶ୍ଚୟ ପୂରଣ ହେବ। ବାସ୍, ସେ ପର୍ଯ୍ୟନ୍ତ କେବଳ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ହିଁ ପଡିବ। ଏପର୍ଯ୍ୟନ୍ତ ସେ ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡିକ ମଧ୍ୟରେ ରହିଛି–'ୱେଲକମ୍ ଟୁ ନ୍ୟୁୟର୍କ', 'ବାଗୀ ୨', 'ଭାରତ', 'ମଲଙ୍ଗ', 'ଏକ୍ ଭିଲେନ୍ ରିଟର୍ନସ', 'ଯୋଦ୍ଧା' ଏବଂ 'କଲ୍କି ୨୮୯୮ ଏଡି'। ତାଙ୍କ ଅଭିନୀତ 'ୱେଲକମ୍ ଟୁ ଜଙ୍ଗଲ' ଚଳିତ ବର୍ଷ ରିଲିଜ ହେବାର ଯୋଜନା ରହିଛି। ତେବେ ଦିଶାଙ୍କ ମନଲାଖି ଭୂମିକାଟିଏ ତାଙ୍କୁ କେବେ ମିଳୁଛି ତାହା ଦେଖିବାକୁ ବାକି ରହିଲା।

# ଫେରିଛି ରେ ହୋଲି

ରଙ୍ଗର ପର୍ବ ହୋଲି। ଏହାକୁ ନେଇ ପ୍ରେମୀଯୁଗଳଙ୍କ ଆଖିରେ ଆଖିଏ ସ୍ୱପ୍ନ। ପ୍ରେମିକା ଦେହରେ ରଙ୍ଗ ବୋଳି ପ୍ରେମିକ ଚାଲିଯିବା ପରେ କ'ଣ ଘଟୁଛି ? ପ୍ରେମିକର ରଙ୍ଗରେ ରଙ୍ଗିନ ହେବା ପରେ ଆହୁରି କିଛି ଆଶା ରଖିଛି ପ୍ରେମିକା। ସେଥିପାଇଁ ସେ କହୁଛି 'ମୋ ଦେହରେ ରଙ୍ଗ ବୋଳି ଚାଲି ଯିବା ପରେ ମୋ ହୋଲି ଯେମିତି ଅଧୁରା ରହିଯାଉଛି। କିନ୍ତୁ ଏଥର ହୋଲିରେ ପ୍ରେମରେ ରଙ୍ଗରେ ଦୁହେଁ ଭିଜିବାକୁ ପଣ କରିଛନ୍ତି। ହଁ, ଏଭଳି ଏକ ବିଷୟବସ୍ତୁକୁ ଆଧାର କରି ଚଳିତ ହୋଲି ପାଇଁ ପ୍ରସ୍ତୁତ ହୋଇଛି ଏକ ମ୍ୟୁଜିକ୍ ଆଲବମ୍ 'ଫେରିଛି ରେ ହୋଲି'। ସାଗର ଦାସଙ୍କ ରଚିତ ଗୀତକୁ ସ୍ୱର ଦେଇଛନ୍ତି ଶାଶ୍ୱତ ଆଚାର୍ଯ୍ୟ। କଣ୍ଠଦାନ କରିଛନ୍ତି ଅମୀମା ପଣ୍ଡା ଏବଂ ମନ୍ମୟୀ ଏମ.ଏସ.। ସନୋଜ ଏବଂ ଡ୍ୟାନ୍ସ କୁଇନ୍ ଜୟା ବିଶ୍ୱାସଙ୍କୁ ନେଇ ଏହାର ଦୃଶ୍ୟାୟନ କରାଯାଇଛି। ଖାସ୍ କଥା ହେଲା ଜୟା ଏହାର କୋରିଓଗ୍ରାଫି କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ରୁଦ୍ରାଂଶ ପ୍ରଡକ୍ସନ ବ୍ୟାନରରେ ଏହି ଆଲବମ୍‌ଟିର ପ୍ରଯୋଜନା କରିଛନ୍ତି ଆରପି ଏଣ୍ଟରଟେନମେଣ୍ଟ। ଏହାର କ୍ରିଏଟିଭ ହେଡ ଅଛନ୍ତି ସାରଦା ପ୍ରସନ୍ନ ସ୍ୱାଇଁ।



ସନୋଜ–ଜୟା

# ସଲ୍ଲୁଙ୍କ ପ୍ରଶଂସାରେ କାଜଲ

କାଜଲ ଅଗ୍ରୱାଲଙ୍କ ମୁହଁରେ ଏବେ ସଲମାନ ଖାଁ ଓରଫ ସଲ୍ଲୁଙ୍କ ପ୍ରଶଂସା ଶୁଣିବାକୁ ମିଳୁଛି। ଅସଲ କଥା ହେଲା, ବହୁ ଚର୍ଚ୍ଚିତ ହିନ୍ଦୀ ସିନେମା 'ସିକନ୍ଦର'ରେ ସଲମାନଙ୍କ ସହ ସେ ଅଭିନୟ କରୁଛନ୍ତି। ଏହି ବିଗ୍ ବଜେଟ୍ ଫିଲ୍ମଟି ଚଳିତ ବର୍ଷ ଇଦ୍‌ରେ ପରଦା ଉପରକୁ ଆସିବ। ଆକ୍ସନରେ ଭରପୂର ଉକ୍ତ ସିନେମାଟି ବକ୍ସ ଅଫିସରେ ରେକର୍ଡ କରିବ ବୋଲି କେତେକ ସିନେ ସମୀକ୍ଷକ ପୂର୍ବାନୁମାନ କରିଛନ୍ତି। ଅନ୍ୟପକ୍ଷରେ ଚିତ୍ରଟିକୁ ନେଇ ବେଶ୍ ଆଶା ବାନ୍ଧି ବସିଛନ୍ତି କାଜଲ। ଏ ନେଇ କାଜଲ କହନ୍ତି, "ଏହି ଫିଲ୍ମର କାହାଣୀ ଯେତେବେଳେ ମୁଁ ଶୁଣିଲି, ସେତେବେଳଠାରୁ ମୋ ମନରେ ଗୋଟିଏ କଥା ଉଙ୍କି ମାରିଥିଲା ଯେ, ଏହା ନିଶ୍ଚୟ ଦର୍ଶକାଦୃତ ହେବ। ସଲମାନଙ୍କ ସହ ପ୍ରଥମ ଥର ପାଇଁ ମୁଁ ଅଭିନୟ କରିଛି। ସେ ଜଣେ କୋଅପରେଟିଭ ଆକ୍ଟର। ତାଙ୍କ ଆକ୍ଟିଂକୁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ। ଗତ କିଛି ବର୍ଷ ହେଲା ତାଙ୍କ ସହ ଅଭିନୟ କରିବାକୁ ଆଶା ରଖିଥିଲି। ଯାହାହେଉ ତାହା ଶେଷରେ ପୂରଣ ହୋଇଛି। ଏ ନେଇ ସଲମାନଙ୍କୁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ।" 'ସିକନ୍ଦର' ଫିଲ୍ମର ପ୍ରଯୋଜନା କରିଛନ୍ତି ସାଜିଦ ନାଦିୱାଦୱାଲା ଏବଂ ମନୁଜ ମିତ୍ର। ଏହାର ନିର୍ଦ୍ଦେଶନା ଦେଇଛନ୍ତି ବିଶିଷ୍ଟ ନିର୍ଦ୍ଦେଶକ ଏ.ଆର. ମୁରୁଗୋଡସ। ଏଥିରେ ରଶ୍ମିକା ମାନ୍ଦାନା, ପ୍ରତୀକ ବବର ଏବଂ ଶରମନ ଜୋଶୀ ପ୍ରମୁଖଙ୍କୁ ମଧ୍ୟ ଦେଖିବାକୁ ମିଳିବ।



କାଜଲ

# ଫାଇନାଲରେ ନ୍ୟୁଜିଲାଣ୍ଡ

**ଲାହୋର, ୫।୩**

ଚଳିତ ଆଇସିସି ଚାମ୍ପିୟନ୍ସ ଟ୍ରଫିର ଫାଇନାଲ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ। ବୁଧବାର ଗଦାଫି ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ୫୦ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ମଙ୍ଗଳବାର ପ୍ରଥମ ସେମିଫାଇନାଲରେ ଭାରତ ୪ ଉଇକେଟରେ ଅଷ୍ଟ୍ରେଲିଆକୁ ହରାଇଥିଲା। ରାଚିନ ରବୀନ୍ଦ୍ର ଓ କେନ୍ ୱିଲିୟମସନଙ୍କ ଶତକ ସହାୟତାରେ ନ୍ୟୁଜିଲାଣ୍ଡ ୫୦ ଓଭରରେ ୬ ଉଇକେଟ ହରାଇ ୩୬୨ ରନ କରିଥିଲା। ଚାମ୍ପିୟନ୍ସ ଟ୍ରଫି ଇତିହାସରେ ଏହାଥିଲା ସର୍ବାଧିକ ଦଳଗତ ସ୍କୋର। ଜବାବରେ ଡେଭିଡ

**ରବୀନ୍ଦ୍ର, ୱିଲିୟମସନଙ୍କ ଶତକ**

- **ଆଇସିସି ଚାମ୍ପିୟନ୍ସ ଟ୍ରଫି ଇତିହାସରେ ସର୍ବାଧିକ ସ୍କୋର**
- **ଦକ୍ଷିଣ ଆଫ୍ରିକାକୁ ୫୦ ରନ୍‌ରେ ହରାଇଲା ନ୍ୟୁଜିଲାଣ୍ଡ**

ମିଲରଙ୍କ ଲଢୁଆ ଅପରାଜିତ ଶତକ ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୯ ଉଇକେଟ ହରାଇ ୩୧୨ ରନ କରିବାକୁ ସକ୍ଷମ ହୋଇଥିଲା। ଶେଷ ବଲ୍‌ରେ ଶତକ ପୂରଣ କରିଥିବା ମିଲର ୬୭ ବଲ୍‌ରୁ ୧୦ ଚୌକା ଓ ୪ ଛକା ସହାୟତାରେ ସର୍ବାଧିକ ୧୦୦ ରନ କରିଥିଲେ। ତାଙ୍କ ସହ ରସି ଭାନ୍ ଡର୍ ଡୁସେନ ୬୯, ଅଧିନାୟକ ଟେମ୍ବା ବଭୁମା ୫୬ ଓ ଏଡେନ ମାରକ୍ରମ ୩୧ ରନ କରିଥିଲେ ହେଁ ତାହା ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ମିଚେଲ ସାଣ୍ଟନର ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ଏଥି ସହ ପାକିସ୍ତାନରେ ଚାମ୍ପିୟନ୍ସ ଟ୍ରଫି ମୁକାବିଲା ଶେଷ ହୋଇଛି। ଆସନ୍ତା ୯ ତାରିଖରେ ଫାଇନାଲ ଦୁବାଇରେ ଅନୁଷ୍ଠିତ ହେବ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ ସାଣ୍ଟନର। ଦଳ ଭଲ ଆରମ୍ଭ କରିଥିଲେ ହେଁ ୱିଲ୍ ୟଙ୍ଗ୍ ୨୧ ରନକରି ଆଉଟ ହେବାରୁ ୪୮ ରନରେ ପ୍ରଥମ ଉଇକେଟର ପତନ ଘଟିଥିଲା। ତେବେ ରାଚିନ ରବୀନ୍ଦ୍ର ଓ କେନ୍ ୱିଲିୟମସନ ଦ୍ୱିତୀୟ ଉଇକେଟରେ ୧୬୪ ରନର ଭାଗୀଦାରି ଗଢ଼ି ଦଳକୁ ବଡ଼ ସ୍କୋର ଦିଗରେ ଆଗେଇ ନେଇଥିଲେ। ଏହି ଅବସରରେ ରବୀନ୍ଦ୍ର ୫ମ ଦିନିକିଆ ଶତକ ହାସଲ କରିଥିଲେ। ସେ ୧୦୧ଟି ବଲ୍‌ର ସମ୍ମୁଖୀନ ହୋଇ ୧୩ ଚୌକା ଓ ୧ ଛକା ସହାୟତାରେ ୧୦୮ ରନ କରିଥିଲେ। ଅଭିଜ୍ଞ ୱିଲିୟମସନ ମଧ୍ୟ ପଛରେ ପଡ଼ି ନ ଥିଲେ। ସେ ଦିନିକିଆରେ ୧୫ତମ ଶତକ ହାସଲ କରିବା ସହ ଦଳକୁ ମଜଭୁତ ସ୍ଥିତିରେ ପହଞ୍ଚାଇ ଦେଇଥିଲେ। ୯୪ଟି ବଲ୍‌ର ସାମ୍ନାକରି ସେ ୧୦ ଚୌକା ଓ ୨ ଛକା ସହ ୧୦୨ ରନ ସ୍କୋର କରିଥିଲେ। ପରେ ଡାରିଲ ମିଚେଲ ୩୭ ବଲ୍‌ରୁ ୪୯ ଏବଂ ଗ୍ଲେନ୍ ଫିଲିପ୍ସ ୨୭ ବଲ୍‌ରୁ ୪୯ ରନରେ ଅପରାଜିତ ରହିବାରୁ ନ୍ୟୁଜିଲାଣ୍ଡ ରେକର୍ଡ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ୪୦ ଓଭର ବେଳକୁ ନ୍ୟୁଜିଲାଣ୍ଡ ୨୫୦ ରନରେ ଥିବାବେଳେ ଶେଷ ୧୦ ଓଭରରେ ୧୧୨ ରନ ସଂଗ୍ରହ କରିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଲୁନ୍‌ଗି ଏନଗିଡ ୩ଟି, କାଗିସୋ ରାବାଡ଼ା ୨ଟି ଏବଂ ୱିଆନ ମୁଲଡର ଗୋଟିଏ ଉଇକେଟ ନେଇଥିଲେ। ଦିନିକିଆ କ୍ରିକେଟ ଇତିହାସରେ କେବଳ ଦକ୍ଷିଣ ଆଫ୍ରିକା ଏହା ପୂର୍ବରୁ ୨ ଥର ଏହାଠାରୁ ଅଧିକ ରନ ଚେଜ୍ କରିଥିଲା। ମାତ୍ର ଏଥର ଦଳ ବିଫଳ ହୋଇ ସେମିଫାଇନାଲରୁ ବିଦାୟ ନେଇଛି।





ଶତକ ହାସଲ ପରେ କେନ୍ ୱିଲିୟମସନ ଓ ରାଚିନ ରବୀନ୍ଦ୍ର।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୫୦ ଓଭରରେ ୩୬୨/୬ (ରାଚିନ ରବୀନ୍ଦ୍ର–୧୦୮, କେନ୍ ୱିଲିୟମସନ–୧୦୨, ଡାରିଲ ମିଚେଲ–୪୯, ଗ୍ଲେନ୍ ଫିଲିପ୍ସ–୪୯, ଲୁନ୍‌ଗି ଏନ୍‌ଗିଡ–୩/୭୨, କାଗିସୋ ରାବାଡ଼ା–୨/୭୦, ୱିଆନ ମୁଲଡର–୧/୪୮)। ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୩୧୨/୯ (ଡେଭିଡ ମିଲର–୧୦୦*, ରସି ଭାନ୍ ଡର୍ ଡୁସେନ–୬୯, ଟେମ୍ବା ବଭୁମା–୫୬, ମିଚେଲ ସାଣ୍ଟନର–୩/୪୩, ଗ୍ଲେନ ଫିଲିପ୍ସ–୨/୨୭, ମ୍ୟାଟ୍ ହେନରି–୨/୪୩, ମିଚେଲ ବ୍ରାସୱେଲ–୧/୫୩, ରାଚିନ ରବୀନ୍ଦ୍ର–୧/୨୦)।

**ଚାମ୍ପିୟନ୍ସ ଟ୍ରଫିଃ ପ୍ରଥମ ଇନିଂସରେ ସର୍ବାଧିକ ସ୍କୋର**

୩୬୨/୬: ନ୍ୟୁଜିଲାଣ୍ଡ ବନାମ ଦକ୍ଷିଣ ଆଫ୍ରିକା, ଲାହୋର, ୨୦୨୫ ସେମିଫାଇନାଲ
୩୫୧/୮: ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ, ଲାହୋର, ୨୦୨୫ (ପରାଜିତ)
୩୪୭/୭: ନ୍ୟୁଜିଲାଣ୍ଡ ବନାମ ଆମେରିକା, ଓଭାଲ, ୨୦୧୭
୩୩୮/୪: ପାକିସ୍ତାନ ବନାମ ଭାରତ, ଓଭାଲ, ୨୦୧୭ ଫାଇନାଲ
୩୩୧/୭: ଭାରତ ବନାମ ଦକ୍ଷିଣ ଆଫ୍ରିକା, କାର୍ଡିଫ, ୨୦୧୩

**ଆଇସିସି ଦିନିକିଆ ନକ୍‌ଆଉଟରେ ସର୍ବାଧିକ ସ୍କୋର**

୩୯୭/୪: ଭାରତ ବନାମ ନ୍ୟୁଜିଲାଣ୍ଡ, ମୁମ୍ବାଇ, ୨୦୨୩ ବିଶ୍ୱକପ ସେମିଫାଇନାଲ
୩୯୩/୬: ନ୍ୟୁଜିଲାଣ୍ଡ ବନାମ ୱେଷ୍ଟଇଣ୍ଡିଜ, ୱେଲିଂଟନ, ୨୦୧୫ ବିଶ୍ୱକପ କ୍ୱାର୍ଟର ଫାଇନାଲ
୩୬୨/୬: ନ୍ୟୁଜିଲାଣ୍ଡ ବନାମ ଦକ୍ଷିଣ ଆଫ୍ରିକା, ଲାହୋର, ୨୦୨୫ ଚାମ୍ପିୟନ୍ସ ଟ୍ରଫି ସେମିଫାଇନାଲ
୩୫୯/୨: ଅଷ୍ଟ୍ରେଲିଆ ବନାମ ଭାରତ, ଜୋହାନ୍ସବର୍ଗ, ୨୦୦୩ ବିଶ୍ୱକପ ଫାଇନାଲ
୩୩୮/୪: ପାକିସ୍ତାନ ବନାମ ଭାରତ, ଓଭାଲ, ୨୦୧୭ ଫାଇନାଲ

## ଭୁବନେଶ୍ୱରରେ ସୁପର କପ୍

**ଭୁବନେଶ୍ୱର, ୫।୩ (ତପନ ସ୍ୱାଇଁ)**

ଭୁବନେଶ୍ୱରରେ ହେବାକୁ ଯାଉଛି ଆଉ ଏକ ବଡ଼ ଫୁଟବଲ ପ୍ରତିଯୋଗିତା। ଫୁଟବଲ ସିଜନର ଶେଷ ଟୁର୍ଣ୍ଣାମେଣ୍ଟ ସୁପର କପ ଆସନ୍ତା ଏପ୍ରିଲ ୨୧ରୁ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ ବୋଲି ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପକ୍ଷରୁ ବୁଧବାର ଘୋଷଣା କରାଯାଇଛି। ୧୬ ଦଳବିଶିଷ୍ଟ ପ୍ରିମିୟର କ୍ଲବ ପ୍ରତିଯୋଗିତା ନକ-ଆଉଟ ଫର୍ମାଟରେ ଖେଳାଯିବ। ଟୁର୍ନାମେଣ୍ଟର ପଞ୍ଚମ ସଂସ୍କରଣରେ ଇଣ୍ଡିଆନ ସୁପର ଲିଗ୍‌ର ୧୩ ଓ ଆଇ-ଲିଗ୍‌ର ୩ ଦଳ ଅଂଶଗ୍ରହଣ କରିବେ। ସୁପର କପର ବିଜେତା ଦଳ ୨୦୨୫-୨୬ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ୨ (ଏସିଏଲ୍‌୨) ପ୍ଲେଅଫ୍‌ସରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ପାଇବ। ସୁପର କପ୍‌ର ୪ ସଂସ୍କରଣ ମଧ୍ୟରୁ ୩ଟି ଏହି ଭୁବନେଶ୍ୱରରେ ହିଁ ଅନୁଷ୍ଠିତ ହୋଇଛି। ୨୦୧୮ରେ ଇଷ୍ଟ ବେଙ୍ଗଲକୁ ହରାଇ ବେଙ୍ଗାଲୁରୁ ଏଫ୍‌ସି ଚାମ୍ପିୟନ ହୋଇଥିବାବେଳେ ୨୦୧୯ରେ ଚେନ୍ନାଇନ୍ ଏଫ୍‌ସିକୁ ପରାସ୍ତ କରି ଗୋଆ ଟାଇଟଲ ବିଜୟୀ ହୋଇଛି। ୨୦୨୪ରେ ହୋଇଥିବା ଶେଷ ସଂସ୍କରଣରେ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରି ଇଷ୍ଟ ବେଙ୍ଗଲ ଚାମ୍ପିୟନ ହୋଇଥିଲା। ଅନ୍ୟ ସଂସ୍କରଣଟି ୨୦୨୩ରେ କୋଝିକୋଡ଼େରେ ଅନୁଷ୍ଠିତ ହୋଇଥିଲା ଏହାର ଫାଇନାଲରେ ବେଙ୍ଗାଲୁରୁ ଏଫ୍‌ସିକୁ ହରାଇ ଓଡ଼ିଶା ଏଫ୍‌ସି ଚାମ୍ପିୟନ ହୋଇଥିଲା।

## ଟିଟି ତାରକା ଶରଥଙ୍କ ଅବସର ସୂଚନା

**ଚେନ୍ନାଇ, ୫।୩(ପି.ଟି.)**

ଭାରତର ଟେବୁଲ ଟେନିସ (ଟିଟି) କିମ୍ବଦନ୍ତୀ ଏ ଶରଥ କମଲ ଅବସର ଘୋଷଣା କରିଛନ୍ତି। ଆସନ୍ତା ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଚେନ୍ନାଇରେ ହେବାକୁ ଥିବା ଡବ୍ଲ୍ୟୁଟିଟି (ବିଶ୍ୱ ଟେବୁଲ ଟେନିସ)ରେ ଅନ୍ତିମ ଥର ପାଇଁ ଖେଳିବା ପରେ ପେସାଦାର ଟେବୁଲ ଟେନିସରୁ ଅବସର ନେବେ ବୋଲି ସେ ପ୍ରକାଶ କରିଛନ୍ତି। ଶରଥ ୫ ଥର ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିବା ସହ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୭ ସ୍ୱର୍ଣ୍ଣ ସହିତ ୩ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିଭଳି ଏସିଆନ ଗେମ୍ସରେ ଦୁଇଟି ବ୍ରୋଞ୍ଜ ପଦକ ତାଙ୍କ ନାମରେ ରହିଛି। ଗତ ବର୍ଷ ପ୍ୟାରିସ ଅଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବରେ ଶରଥଙ୍କୁ ଭାରତର ପତାକା ବହନ କରିବାର ସମ୍ମାନ ମିଳିଥିଲା। ଅବଶ୍ୟ, ଫଳାଫଳ ତାଙ୍କ ସପକ୍ଷରେ ଯାଇ ନ ଥିଲା, କିନ୍ତୁ ସେ ୪୨ ବର୍ଷ ବୟସରେ ବି ଭାରତ ପାଇଁ ସର୍ବୋଚ୍ଚ ର୍‍ୟାଙ୍କିଂ ପ୍ରାପ୍ତ ଖେଳାଳି ହୋଇ ରହିଛନ୍ତି। ଦୀର୍ଘ ୨୨ ବର୍ଷ ହେଲା ଖେଳୁଥିବା କମଲ ଏବେ ବିଶ୍ୱ ର୍‍ୟାଙ୍କିଙ୍ଗ୍ସରେ ନଂ-୪୨ରେ ଅଛନ୍ତି।

ମୁଁ ଟେବୁଲ ଟେନିସକୁ ସମ୍ପୂର୍ଣ୍ଣ ଛାଡୁଥିବା କହୁ ନାହିଁ। କିନ୍ତୁ ନିଶ୍ଚିତ ଭାବେ ବଡ଼ ଟେବୁଲରେ ବଡ଼ ସଂଖ୍ୟାରେ ଦର୍ଶକଙ୍କ ଆଗରେ ଆଉ ଖେଳିବି ନାହିଁ। ମୋ ର୍‍ୟାକେଟକୁ ବିଶ୍ରାମ ଦେବାର ସମୟ ଆସିଯାଇଛି। ଏହି ଖେଳ ମୋତେ ଦେଇଥିବା ଆନନ୍ଦ, ଶିକ୍ଷା, ଯନ୍ତ୍ରଣା ଓ ଏତେ ଲୋକଙ୍କ ଭଲପାଇବା ପାଇଁ ମୁଁ କୃତଜ୍ଞ। ମୁଁ ଚେନ୍ନାଇରେ ମୋର ପ୍ରଥମ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଖେଳିଥିଲି ଏବଂ ମୋର ଅନ୍ତିମ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ମଧ୍ୟ ଚେନ୍ନାଇରେ ଖେଳିବି। ଜଣେ ପେସାଦାର ଆଥଲେଟ ଭାବେ ଏହା ମୋର ଅନ୍ତିମ ଟୁର୍ନାମେଣ୍ଟ ହେବ। ମୋ ପାଖରେ ରାଜ୍ୟଗୋଷ୍ଠୀ ଓ ଏସିଆନ ଗେମ୍ସ ପଦକ ରହିଛି। କେବଳ ଅଲିମ୍ପିକ ପଦକ ମୁଁ କ୍ୟାରିୟରରେ ଜିତି ପାରି ନାହିଁ। ମୁଁ ଆଶା କରୁଛି, ମୋର ସେହି ସ୍ୱପ୍ନକୁ ଆମ ଦେଶର ଯୁବ ପ୍ରତିଭା ପୂରଣ କରିବେ ବୋଲି ଶରଥ କହିଛନ୍ତି। ତାଙ୍କୁ ଭାରତ ସରକାରଙ୍କ ପକ୍ଷରୁ ମେଜର ଧ୍ୟାନଚାନ୍ଦ ଖେଳରତ୍ନ, ପଦ୍ମଶ୍ରୀ ଓ ଅର୍ଜୁନ ପୁରସ୍କାର ଭଳି ସମ୍ମାନ ମିଳିଛି। ଶରଥ ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ ଟେବୁଲ ଟେନିସ ଫେଡେରେଶନ (ଆଇଟିଟିଏଫ) ଆଥ୍‌ଲେଟଙ୍କ କମିଶନରେ ନିର୍ବାଚିତ ହୋଇଥିଲେ। ସେ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର ଆଥ୍‌ଲେଟ ସଂସ୍ଥାର ଅଂଶ ମଧ୍ୟ ଅଛନ୍ତି। ଭବିଷ୍ୟତରେ ସେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟିର ଆଥ୍‌ଲେଟଙ୍କ କମିଶନରେ ବସିବାକୁ ଲକ୍ଷ୍ୟ ରଖିଛନ୍ତି। ଏହା ଛଡ଼ା ସେ ଭାରତୀୟ ଟେବୁଲ ଟେନିସ ଫେଡେରେଶନ (ଟିଟିଏଫଆଇ)ର ଜଣେ ପ୍ରଶାସକ ଭାବେ କାର୍ଯ୍ୟ କରିବାକୁ ଚାହୁଁଛନ୍ତି। କିନ୍ତୁ ତାଙ୍କ ଅବସରରେ ଟେବୁଲ ଟେନିସ କୋର୍ଟରେ ଏକ ବଡ଼ ଖାଲି ସ୍ଥାନ ସୃଷ୍ଟି କରିଛି।




## ଦିନିକିଆ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍ସ
## ଚତୁର୍ଥରେ କୋହଲି

**ନୂଆଦିଲ୍ଲୀ, ୫।୩:** ଭାରତୀୟ ଦଳର ଷ୍ଟାର ବ୍ୟାଟର ବିରାଟ କୋହଲି ଦିନିକିଆ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍ସରେ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଏ ନେଇ ସଦ୍ୟ ପ୍ରକାଶିତ ଆଇସିସି ଦିନିକିଆ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍ସରେ ଦର୍ଶାଯାଇଛି। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ୮୪ ରନର ଦର୍ଶନୀୟ ଇନିଂସ ଖେଳିଥିବା କୋହଲିଙ୍କ ରେଟିଂ ପଏଣ୍ଟ ୭୪୭ରେ ପହଞ୍ଚିଛି। ଭଲ ଫର୍ମରେ ଥିବା କୋହଲି ଚଳିତ ଟୁର୍ନାମେଣ୍ଟରେ ୭୨.୩୩ ଆଭରେଜରେ ଏକ ଶତକ ଓ ଏକ ଅର୍ଦ୍ଧଶତକ ସହ ୨୧୭ ରନ କରିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ଦଳର ଯୁବ ଓପନର ଶୁବମନ ଗିଲ ୭୯୧ ରେଟିଂ ପଏଣ୍ଟ ସହ ଶୀର୍ଷରେ ରହିଛନ୍ତି। ଦିନିକିଆ ଅଲରାଉଣ୍ଡରଙ୍କ ର୍‍ୟାଙ୍କିଙ୍ଗ୍ସରେ ଆଫଗାନିସ୍ତାନର ଆଜମାତୁଲା ଓମାରଜାଇ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ସେ ନିଜ ଦେଶର ମହମ୍ମଦ ନବିଙ୍କୁ ଦ୍ୱିତୀୟ ସ୍ଥାନକୁ ଠେଲି ଦେଇଛନ୍ତି।

## ଟାଉନ୍ କ୍ଲବ ସେମିରେ

**ଭୁବନେଶ୍ୱର, ୫।୩ (ତପନ ସ୍ୱାଇଁ):** ଆୟୋଜକ ଟାଉନ୍ କ୍ଲବ ପୁରୁଣା ଭୁବନେଶ୍ୱରସ୍ଥିତ ମୂଳାପଡ଼ିଆରେ ଚାଲିଥିବା ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ଅନ୍ତିମ ଲିଗ୍ ମ୍ୟାଚରେ ଏହି ଦଳ ମୁକ୍ତେଶ୍ୱର କ୍ରିକେଟ କ୍ଲବକୁ ୧ ଉଇକେଟରେ ହରାଇ ଦେଇଛି। ଏଥିସହ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ଗୁରୁବାର ପ୍ରଥମ ସେମିଫାଇନାଲରେ ପାରାମାଉଣ୍ଟ ଓ ସହିଦ ସ୍ପୋର୍ଟିଂ ଏବଂ ଶୁକ୍ରବାର ଦ୍ୱିତୀୟ ସେମିରେ ଟାଉନ୍ କ୍ଲବ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ମୁକାବିଲା ହେବ। ମୁକ୍ତେଶ୍ୱର ପ୍ରଥମେ ବ୍ୟାଟିଂ କରି ୩୩.୪ ଓଭରରେ ୧୭୨ ରନରେ ସମସ୍ତ ଉଇକେଟ ହରାଇଥିଲା। ବିସ୍ମୟ ରାଉତ ସର୍ବାଧିକ ୪୦, ତନୟ ବିଶ୍ୱାଳ ୩୭ ଓ ବି. ଶିବା ୩୩ ରନ କରିଥିଲେ। ବିପକ୍ଷ ଦଳର ବାଦଲ ଭୋଳ ୪ଟି ଓ ରାଜେଶ ବାରିକ ୨ଟି ଉଇକେଟ ନେଇଥିଲେ। ୧୭୩ ରନର ବିଜୟ ଲକ୍ଷ୍ୟକୁ ଟାଉନ୍ କ୍ଲବ ୩୪.୪ ଓଭରରେ ୯ ଉଇକେଟ ହରାଇ ହାସଲ କରି ନେଇଥିଲା। ଅଧିନାୟକ ବିଶାଳ କର ୫୯ ଓ ରାକେଶ ବାରିକ ୩୬ ରନରେ ଅପରାଜିତ ରହି ଦଳକୁ ରୋମାଞ୍ଚକ ବିଜୟ ଦେଇଥିଲେ। ବରିଷ୍ଠ ଭାଜପା ନେତ୍ରୀ ତୃପ୍ତିମୟୀ ମକଦମ ଅତିଥିଭାବେ ଯୋଗଦେଇ ବିଶାଳ କରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

## ଦୃଷ୍ଟିବାଧିତ ମହିଳା ତୀରନ୍ଦାଜୀ ଲୋଗୋ ଉନ୍ମୋଚିତ




ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଲୋଗୋ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୫।୩ (ତପନ ସ୍ୱାଇଁ)**

ଚଳିତବର୍ଷ ଅନ୍ତର୍ଜାତୀୟ ମହିଳା ଦିବସରେ ଦୃଷ୍ଟିବାଧିତ ମହିଳା ତୀରନ୍ଦାଜୀ ପ୍ରତିଯୋଗିତା ପୋଖରୀପୁଟସ୍ଥିତ ଭାରତ ସରକାରଙ୍କ ନିଯୁକ୍ତି ମହାନିର୍ଦ୍ଦେଶାଳୟ ପରିସରରେ ଆୟୋଜନ ହେବ। ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଭାରତ ସରକାରଙ୍କ ନିଯୁକ୍ତି ମହାନିର୍ଦ୍ଦେଶାଳୟ ଏବଂ ସାମାଜିକ ଅନୁଷ୍ଠାନ 'ବୁଲସ୍‌ଆଇ'ର ମିଳିତ ଆନୁକୂଲ୍ୟରେ ଏହାକୁ ଆୟୋଜନ କରାଯିବ। ଏହି ପରିପ୍ରେକ୍ଷୀରେ ପ୍ରତିଯୋଗିତାର ଲୋଗୋକୁ ବୁଧବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ନିଜ ସରକାରୀ ବାସଭବନରେ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିବା ସହ ଖେଳାଳି ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଲୋଗୋର ନିମ୍ନ ଭାଗରେ ଇଂରାଜୀ ଭାଷାରେ ଫୋକସ ଅନ୍ ଆବିଲିଟି, ନଟ୍ ଡିସାବିଲିଟିର ଏକ ପ୍ରେରଣାଦାୟୀ ଟ୍ୟାଗ୍ ଲାଇନ୍ ରହିଛି । ଉନ୍ମୋଚନ କାର୍ଯ୍ୟକ୍ରମରେ 'ବୁଲ୍‌ସଆଇ'ର ଅଧ୍ୟକ୍ଷ ତ୍ରିଲୋଚନ ବେଉରା, ଉପଦେଷ୍ଟା ରଶ୍ମୀ ରଞ୍ଜନ ସାହୁ, ଶିବାନୀ ଶଶୀକାନ୍ତା ମହାନ୍ତି ଏବଂ କୋଷାଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୫୦ରୁ ଉର୍ଦ୍ଧ୍ୱ ଖେଳାଳି ଏହି ତୀରନ୍ଦାଜୀ ପ୍ରତିଯୋଗିତାରେ ଭାଗନେବା ପାଇଁ ଇତି ମଧ୍ୟରେ ନାମ ପଞ୍ଜୀକରଣ କରିଥିବା ଜଣାପଡିଛି।

## ଦିନିକିଆରୁ ସ୍ମିଥ୍‌ଙ୍କ ଅବସର

**ଦୁବାଇ, ୫।୩(ପି.ଟି.)**

ଅଷ୍ଟ୍ରେଲିଆର କାମଚଳା ଅଧିନାୟକ ଷ୍ଟିଭ ସ୍ମିଥ ବୁଧବାର ଦିନିକିଆ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଚାମ୍ପିୟନ୍ସ ଟ୍ରଫିର ସେମିଫାଇନାଲରେ ଭାରତଠାରୁ ୪ ଉଇକେଟରେ ଅଷ୍ଟ୍ରେଲିଆ ପରାଜିତ ହେବା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ଅଷ୍ଟ୍ରେଲିଆର ଏହି ତାରକା ବ୍ୟାଟର ଅନ୍ତର୍ଜାତୀୟ ଟେଷ୍ଟ ଓ ଟି୨୦ କ୍ରିକେଟରେ ଖେଳିବା ଜାରି ରଖିବେ। ପାଟ କମିନ୍ସଙ୍କ ଅନୁପସ୍ଥିତିରେ ବିଶ୍ୱ ଚାମ୍ପିୟନ ଦଳର ନେତୃତ୍ୱ ନେଉଥିବା ୩୫ ବର୍ଷୀୟ ସ୍ମିଥ ମ୍ୟାଚ ପରେ ଦଳୀୟ ଖେଳାଳିଙ୍କୁ ତାଙ୍କ ନିଷ୍ପତ୍ତି ସମ୍ପର୍କରେ ଜଣାଇଥିଲେ।

ଏହା ମୋ ପାଇଁ ଏକ ଖୁବ ଭଲ ଅଭିଯାନ ଥିଲା ଏବଂ ଏହି ଅଭିଯାନର ପ୍ରତିଟି ମୁହୂର୍ତ୍ତ ମୋର ପସନ୍ଦ। ଏଥିରେ ଅନେକ ସ୍ମରଣୀୟ ମୁହୂର୍ତ୍ତ ରହିଛି। ଦୁଇଟି ବିଶ୍ୱକପ୍ ଜିତିବା ସହ ଅନେକ ଚମତ୍କାର ସାଥୀ ଖେଳାଳି ଏହି ଅଭିଯାନର ଅଂଶ ଥିଲେ। ୨୦୨୭ ବିଶ୍ୱକପ ଲାଗି ପ୍ରସ୍ତୁତି କରିବା ପାଇଁ ଆମକୁ ବର୍ତ୍ତମାନ ଭଲ ସୁଯୋଗ ମିଳିଛି। ଏଣୁ ବାଟ ଛାଡ଼ିବା ଲାଗି ଏହା ଉଚିତ ସମୟ ବୋଲି ସ୍ମିଥ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କହିଛନ୍ତି। ୨୦୧୫ ଓ ୨୦୨୩ ଦିନିକିଆ ବିଶ୍ୱକପ୍ ଚାମ୍ପିୟନ ଦଳର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ସ୍ମିଥ ୨୦୧୫ ଓ ୨୦୨୧ରେ ଶ୍ରେଷ୍ଠ ଦିନିକିଆ ଖେଳାଳି ପୁରସ୍କାର ପାଇଥିଲେ। ୨୦୧୫ ବିଶ୍ୱକପ ପରେ ଦିନିକିଆ ଦଳର ନେତୃତ୍ୱ ନେଇଥିଲେ ଏବଂ କ୍ୟାରିୟରର ଅନ୍ତିମ ମ୍ୟାଚରେ ମଧ୍ୟ ନେତୃତ୍ୱ ଭାର ସମ୍ଭାଳି ଥିଲେ।



ଷ୍ଟିଭ୍ ସ୍ମିଥ୍

## ଜାମଶେଦପୁରକୁ ହରାଇଲା ଓଏଫ୍‌ସି

**ଇଣ୍ଡିଆନ ସୁପର ଲିଗ୍ ଫୁଟ୍‌ବଲ**

**ଭୁବନେଶ୍ୱର, ୫।୩ (ତପନ ସ୍ୱାଇଁ)**

ଓଡ଼ିଶା ଏଫ୍‌ସି ବିଜୟ ସହ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ନିଜର ଲିଗ୍ ପର୍ଯ୍ୟାୟ ଶେଷ କରିଛି। ତେବେ ଦଳ ପ୍ଲେ-ଅଫ୍‌କୁ ଯୋଗ୍ୟତା ହାସଲ କରିବ କି ନାହିଁ ତାହା ମୁମ୍ବାଇ ସିଟି ଏଫ୍‌ସିର ପରବର୍ତ୍ତୀ ୨ଟି ମ୍ୟାଚ ଫଳାଫଳ ଉପରେ ନିର୍ଭର କରିବ। ଜାମଶେଦପୁରର ଜେଆର୍‌ଡି ଟାଟା ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଏଫ୍‌ସି ୩-୨ ଗୋଲରେ ଜାମଶେଦପୁର ଏଫ୍‌ସିକୁ ପରାସ୍ତ କରିଛି। ଦଳ ପକ୍ଷରୁ ଡୋରିଏଲଟନ ଗୋମ୍ସ ୨୧ତମ ମିନିଟରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିବାବେଳେ ହ୍ୟୁଗୋ ବୌମସ ୩୭ ଓ ୫୩ତମ ମିନିଟରେ ୨ଟି ଗୋଲ ସ୍କୋର କରିଥିଲେ। ଜାମଶେଦପୁର ପକ୍ଷରୁ ଜୋର୍ଡାନ ଡେଭିଡ ମୁରେ ୮୪ ଓ ଷ୍ଟିଫେ୍ ଇଜେ ୯୦+୧ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ଓଡ଼ିଶା ଏଫ୍‌ସି ୨୪ଟି ଯାକ ମ୍ୟାଚ ଖେଳି ସାରିଥିବାବେଳେ ୮ ବିଜୟ, ୯ ଡ୍ର ଓ ୭ ପରାଜୟ ସହ ୩୩ ପଏଣ୍ଟ ପାଇ ଟେବୁଲର ଷଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛି। ଦଳର ଗୋଲ ବ୍ୟବଧାନ +୭ ରହିଛି। ମୁମ୍ବାଇ ସିଟି ଏଫ୍‌ସି ୨୨ ମ୍ୟାଚରୁ ୩୩ ପଏଣ୍ଟ ପାଇଛି। ଯଦି ଏହି ଦଳ ପରବର୍ତ୍ତୀ ୨ଟି ଯାକ ମ୍ୟାଚ ହାରେ ତେବେ ଓଡ଼ିଶା ଏଫ୍‌ସି ପାଇଁ ପ୍ଲେ-ଅଫ୍ ସୁଯୋଗ ସୃଷ୍ଟି ହେବ। ଜାମଶେଦପୁର ସହ ୫ ଦଳ ପ୍ଲେ-ଅଫ୍ ଯୋଗ୍ୟତା ପାଇ ସାରିଛନ୍ତି।



ଓଡ଼ିଶା ଏଫ୍‌ସି ଓ ଜାମଶେଦପୁର ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ